ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ଶୁକ୍ରବାର ୧୪ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 MARCH 2025
Vol.No. 36 ■ No.70 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ସୋମେଶ ରଣବିଜୁଳି ଓଜେଏସ ଟପ୍ପର

ଭୁବନେଶ୍ୱର, ୧୩/୩ (ନି.ପ୍ର): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ନ୍ୟାୟିକ ସେବା (ଓଜେଏସ)-୨୦୨୩ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ସିଭିଲ୍ ଜଜ୍ ପଦବୀରେ ନିଯୁକ୍ତି ପାଇଁ ୨୪ ମହିଳା ପ୍ରାର୍ଥୀଙ୍କ ସମେତ ୩୩ ଜଣ ପ୍ରାର୍ଥୀଙ୍କ ନାମ ସୁପାରିଶ କରାଯାଇଛି। ସଫଳ ହୋଇଥିବା ପ୍ରାର୍ଥୀଙ୍କ ତାଲିକାରେ ସୋମେଶ ରଣବିଜୁଳି ଓଜେଏସ-୨୦୨୩ ପରୀକ୍ଷାରେ ଟପ୍ପର ହୋଇଛନ୍ତି । ଅରୁଣିମା ପତି ଏବଂ ପାୟଲ୍ ଆଡ୍ଡା ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଲୋକସେବା ଆୟୋଗର ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ. ଓପିଏସସି.ଜିଓଭି.ଇନ୍ ରେ ପରୀକ୍ଷା ଫଳ ଦେଖିହେବ।

# ବିଶ୍ୱରେ ଘନାଉଛି ଟାରିଫ ଯୁଦ୍ଧ ଆଶଙ୍କା

ନୂଆଦିଲ୍ଲୀ, ୧୩/୩ : ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ନୀତି ଯୋଗୁଁ ବିଶ୍ୱ ବାଣିଜ୍ୟ ଯୁଦ୍ଧ ବଢ଼ିବାର ଆଶଙ୍କା ଗଭୀର ହେବା ସହ ବଜାରରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି । ଟ୍ରମ୍ପ ଆମେରିକାକୁ ଆମଦାନୀ ହେଉଥିବା ଇସ୍ପାତ ଓ ଆଲୁମିନିୟମ ଉପରେ ୨୫ ପ୍ରତିଶତ ଅଧିକ ଶୁଳ୍କ ଲଗାଇଛନ୍ତି। ଆମେରିକାର ଏହି ପଦକ୍ଷେପ କାରଖାନାଗୁଡ଼ିକରେ ନିଯୁକ୍ତି ସୃଷ୍ଟି କରିବ ବୋଲି ସେମାନେ କହିଛନ୍ତି । ଏଥିସହ କାନାଡ଼ା ଏବଂ ୟୁରୋପୀୟ ସଂଘ ମଧ୍ୟ ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଉପରେ ଶୁଳ୍କ ସହ ଜବାବ ଦେଇଛନ୍ତି । ଆମେରିକାର ଏହି ପଦକ୍ଷେପ ପରେ କାନାଡା ମଧ୍ୟ



ଆମେରିକାରୁ ଆମଦାନୀ ହେଉଥିବା ୨୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛି । ଏଥିସହିତ ୟୁରୋପୀୟ ସଂଘ ମଧ୍ୟ ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଘୋଷଣା କରିଛି । କାନାଡାର ଅର୍ଥମନ୍ତ୍ରୀ ଆମେରିକୀୟ ସାମଗ୍ରୀ ଉପରେ ୨୫% ଶୁଳ୍କ ଘୋଷଣା କରିଛନ୍ତି । କାନାଡା ର ବୈଦେଶିକ ମନ୍ତ୍ରୀ ମେଲାନି ଜୋଲି କହିଛନ୍ତି, ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ଅନ୍ୟାୟ ଏବଂ ଆମେରିକା ବିରୋଧରେ ଲଢ଼େଇ କରିବାକୁ ପଡିବ । ସେହିପରି ୟୁରୋପୀୟ ସଂଘ ଏପ୍ରିଲରୁ ପ୍ରାୟ ୨୮ ବିଲିୟନ ଆମେରିକୀୟ ସାମଗ୍ରୀ ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ

▶▶ପୃଷ୍ଠା ୭

# ‘ଚକ୍ର’ ଦୁର୍ନୀତିର ଚକ୍ରବ୍ୟୁହ ଭାଙ୍ଗିଲା: ୮ ଦିନ ପରେ ଗିରଫ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୧୩/୩ (ନି.ପ୍ର): କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ଚକ୍ରବ୍ୟୂହରେ ବିଜେଡି ନେତା ରାଜା ଚକ୍ର। ୮ ଦିନ କାଳ ଘନ ଘନ ରେଡ୍, ଘଣ୍ଟାଚକଟା ପରେ ଶେଷରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ସୋସାଇଟି ମହା ଘୋଟାଲା ମାମଲାରେ ରାଜାଙ୍କୁ ବାନ୍ଧିଛି ଇଓଡବ୍ଲ୍ୟୁ। ସାମ୍ନାକୁ ଆସିଛି ବର୍ଷ ବର୍ଷ ଧରି ଲୋକଙ୍କ ଟଙ୍କା ହଡ଼ପ କରି କୁବେର ବନିବାର ରହସ୍ୟ। ରାଜା ଚକ୍ରଙ୍କ ଗିରଫଦାରୀ ପରେ ଏବେ ଅନେକ ନେତାଙ୍କ ଛାତି ଧଡ଼ ଧଡ଼। କ୍ରାଇମବ୍ରାଞ୍ଚ କହିଛି, କେଉଁମାନେ ଏ



ବଡ଼ କେଳେଙ୍କାରୀରେ ସଂପୃକ୍ତ ତାର ପ୍ରସ୍ତୁତ ଚାଲିଛି ତାଲିକା। ଭାଙ୍ଗିଲା ‘ଚକ୍ର’ ଦୁର୍ନୀତିର ଚକ୍ରବ୍ୟୂହ,

▶▶ପୃଷ୍ଠା ୭

# ଦ୍ୱିତୀୟ ବିବାହକୁ ବିରୋଧ: ଜେଜେ ମା’ ସହ ମିଶି ବାପା ସାଜିଲା ହତ୍ୟାକାରୀ

ନୟାଗଡ, ୧୩/୩ (ନି.ପ୍ର): ନୟାଗଡ଼ ଧାନଚାଙ୍ଗଡ଼ା ଗାଁରେ ୨ ନାବାଳକଙ୍କ ରହସ୍ୟଜନକ ମୃତ୍ୟୁର ବଡ଼ ଖୁଲାସା। ବାପାର ଦ୍ୱିତୀୟ ବିବାହ ପାଇଁ ପିଲାଙ୍କ ଆତ୍ମହତ୍ୟା ନୁହେଁ, ବରଂ ଦ୍ୱିତୀୟ ବିବାହକୁ ବିରୋଧ କରିବାକୁ ଯାଇ ହତ୍ୟାର ଶିକାର ହୋଇଛନ୍ତି ୨ ଭାଇ। ଜେଜେ ମା’ ସହ ବାପା ହିଁ ୨ ପିଲାଙ୍କୁ ତଣ୍ଟିଚିପି ହତ୍ୟା ପରେ ଆତ୍ମହତ୍ୟାର ରୂପ ଦେଇଥିବା ସ୍ପଷ୍ଟ କରିଛି ନୟାଗଡ଼ ପୋଲିସ। ଯାହା ଔରସରୁ ଜନ୍ମ ନେଇଥିଲେ ୨ ପୁଅ, ସେହି ବାପ ହିଁ ରଚିଲା ପାପର ଷଡ଼ଯନ୍ତ୍ର। ଯେଉଁ ହାତ ଧରି ବାଟ



ଚାଲିବା ଶିଖୁଥିଲେ ୨ ସନ୍ତାନ, ସେଇ ହାତ ହିଁ ସାଜିଲା ସେମାନଙ୍କ ହତ୍ୟାକାରୀ । ନୟାଗଡ଼ ଜିଲ୍ଲା ଧାନଚାଙ୍ଗଡ଼ା ଗାଁର ୨ ଭାଇ ୧୪ ବର୍ଷିୟ ଆକାଶ ମହାନ୍ତି ଓ ୯ ବର୍ଷିୟ ବିକାଶ ମହାନ୍ତିଙ୍କ ରହସ୍ୟଜନକ ମୃତ୍ୟୁର ବଡ଼ ଖୁଲାସା କରିଛି ପୋଲିସ। ଆତ୍ମହତ୍ୟା ନୁହେଁ, ବରଂ ୨ ଭାଇଙ୍କୁ ମାରିଦିଆଯାଇଛି। ଆଉ ହତ୍ୟା ପଛର ମୂଳ କାରଣ, ୪୦ ବର୍ଷିୟ ବାପା ପ୍ରକାଶ ମହାନ୍ତିର ଦ୍ୱିତୀୟ ବିବାହ।

▶▶ପୃଷ୍ଠା ୭

# ତ୍ରିନୟନୀ ଦାସଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଉନ୍ମୋଚିତ ହେଲା ‘ବୋଉ ଅଛି’

ବାଲେଶ୍ୱର, ୧୩/୩ (ନି.ପ୍ର): ଆଜି ଫୁଲଓ୍ୱାର କସବାସ୍ଥିତ ବାସଭବନରେ ୰ ତ୍ରିନୟନୀ ଦାସଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଥିବାବେଳେ କବି ଝରଣା ଦାସଙ୍କ କବିତା ପୁସ୍ତକ ‘ବୋଉ ଅଛି’ ଉନ୍ମୋଚିତ ହୋଇଯାଇଅଛି। ଏହି ଶ୍ରାଦ୍ଧବାର୍ଷିକୀ ଓ କବିତା ପୁସ୍ତକ ଉନ୍ମୋଚନ ଉତ୍ସବରେ ସଭାପତିତ୍ୱ କରିଥିଲେ ସୁବର୍ଣ୍ଣଶ୍ରୀ ପ୍ରକାଶନର ପ୍ରତିଷ୍ଠାତା କବି ଡ.କାଳୀପଦ ପଣ୍ଡା, ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଶିରୀଶ ଜେନା,



ମୁଖ୍ୟବକ୍ତା ଭାବେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଓ ସାହିତ୍ୟିକ ଓ ଔପନ୍ୟାସିକ ସୃଷ୍ଟିଧର ପରିଡ଼ାଙ୍କ ସହ କଲ୍ୟାଣୀ ନନ୍ଦ ଯୋଗଦେଇଥିଲେ। ବକ୍ତାମାନେ ଏହି ଶ୍ରାଦ୍ଧ ଉତ୍ସବରେ ସମାଜସେବୀ ତ୍ରିନୟନୀ ଦାସଙ୍କର ମହତ୍ ପଣିଆ ସହ ଗ୍ରାମବାସୀଙ୍କ ସହ ସୁସମ୍ପର୍କକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ଭୂୟସୀ ପ୍ରଶଂସା କରିଥିଲେ।

▶▶ପୃଷ୍ଠା ୭

DADLS-104

ବାର୍ତ୍ତା



ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି।

(ଡ. ହରି ବାବୁ କମ୍ଭମ୍ପାଟି)

OIPR: 15001/13/0449/2425

DADLS-104

ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ରଙ୍ଗର ପର୍ବ ହୋଲି ହେଉଛି ସ୍ନେହ, ଶ୍ରଦ୍ଧା, ଆନନ୍ଦ ଓ ଉଲ୍ଲାସର ଉତ୍ସବ। ଏହି ଅବସରରେ ଓଡ଼ିଶାର ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି। ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ବହନ କରୁଥିବା ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ। ସାମାଜିକ ସଦ୍‌ଭାବ ଆହୁରି ସୁଦୃଢ଼ ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0449/2425

# ହୋଲି... ହୋଲି...



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ଶୁକ୍ରବାର, ୧୪ ମାର୍ଚ୍ଚ ୨୦୨୫

## ଭାରତୀୟ ସଂସ୍କୃତିରେ ଦୋଳପୂର୍ଣ୍ଣିମା

ପଣ୍ଡିତ ଦୈତ୍ୟାରି ମହାପାତ୍ର

ଭାରତୀୟ ସଂସ୍କୃତିରେ ହୋଲି ଓଡ଼ିଶାରେ ଏକ ପ୍ରାଚୀନ ପର୍ବ। ବୈଷ୍ଣବ ମତବାଦର ପ୍ରଚାର ଓ ପ୍ରସାର ସହିତ ଏହି ପର୍ବର ନିବିଡ଼ ସମ୍ପର୍କ ରହିଛି। "କୃଷ୍ଣସ୍ତୁ ଭଗବାନ ସ୍ୱୟଂ" ଅର୍ଥାତ୍ ଶ୍ରୀକୃଷ୍ଣ ସ୍ୱୟଂ ପରଂବ୍ରହ୍ମ। ଭଗବାନ ଶ୍ରୀକୃଷ୍ଣ ଲୀଳା ଶ୍ରୀମଦ ଭାଗବତ, ହରିବଂଶ, ନାରଦୀୟ ପଞ୍ଚରାତ୍ର ଆଦି ବିଭିନ୍ନ ଗ୍ରନ୍ଥରେ ପ୍ରମାଣିତ ହୋଇଛି। ସର୍ବପ୍ରଥମେ ବାସୁଦେବ ତା'ପରେ ଭାଗବତ ବର୍ଣ୍ଣିତ ଗୋପୀଜନ୍ମ କଳ୍ପରେ ମୂର୍ତ୍ତ ସମଗ୍ର ଭୂଖଣ୍ଡରେ ପ୍ରତିଷ୍ଠାଲାଭ କରିଛି। ବିଶ୍ୱରେ ପୂର୍ଣ୍ଣବ୍ରହ୍ମ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଜୀବରୂପିଣୀ ଦେବୀ ଶ୍ରୀରାଧାଙ୍କର ମିଳନର ମାହାତ୍ମ୍ୟ ଏହି ପର୍ବରେ ବିଶେଷ ଭାବେ ପରିଲକ୍ଷିତ ହୁଏ। ଉତ୍କଳୀୟ ଭକ୍ତକବି ଜୟଦେବଙ୍କ ଦ୍ୱାରା କାନ୍ତ ଭାବାଶ୍ରିତ "ପ୍ରେମାନୁଗା ଭକ୍ତି"ର ସୃଷ୍ଟି। ଗୀତଗୋବିନ୍ଦ ସୁଲଳିତ ଜ୍ଞାନ ମାଧ୍ୟମରେ ଜୀବ ପ୍ରମ ବାସନ୍ତୀ ଲୀଳାକୁ ସାକାର କରାଯାଇଛି। ଭକ୍ତକବି ଜୟଦେବଙ୍କ ଭାଷାରେ "ରାଧାମାଧବୟୋର୍ଜୟନ୍ତି ଯମୁନା କୂଳେରହଃ କେଳୟଃ"।

ଜୀବରୂପିଣୀ ଗୋପୀ ଗୋପାଙ୍ଗନାମାନେ ପରମାତ୍ମା ଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟଲାଭ କରି ପରମ ପ୍ରେମ ରସରେ ମଜିଯାଇ ବୃନ୍ଦାବନରେ ରାସଲୀଳା ଆରମ୍ଭ କରିଥିଲେ। ତାହାକୁ "ଦୋଳଯାତ୍ରା ବା ହୋଲିପର୍ବ" ବୋଲି କୁହାଯାଏ। ହୋଲି ଉତ୍ସବ ଉତ୍କଳୀୟ ସଂସ୍କୃତିରେ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରୁ ଆରମ୍ଭ ହୋଇଥାଏ। ଏହି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ। ବିଶ୍ୱ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାର ବିଭିନ୍ନ ବୈଷ୍ଣବ ମନ୍ଦିରମାନଙ୍କରେ ଏହି ଦୋଳ ଯାତ୍ରା ନିଷ୍ଠାର ସହିତ ପାଳନ କରାଯାଏ। ଦୋଳ ଉତ୍ସବ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଦୋଳ ମଣ୍ଡପକୁ ବୀଜେ କରିଥାନ୍ତି। ଦୋଳ ପୂର୍ଣ୍ଣିମାରେ ଶ୍ରୀ ମହାପ୍ରଭୁଙ୍କର "ରାଜାବେଶ" ଅନୁଷ୍ଠିତ ହୋଇଥାଏ।

ଏହି ଦୋଳ ଉତ୍ସବ ସମ୍ବନ୍ଧରେ ଅନେକ ଶାସ୍ତ୍ରରେ ପ୍ରାମାଣିକ ମତ ରହିଥିଲେ ମଧ୍ୟ ପଦ୍ମ ପୁରାଣରେ ବିଶେଷଭାବେ ବର୍ଣ୍ଣନା କରାଯାଇଛି। ଯଥା-

"ବିଶେଷତଃ
କଳିଯୁଗେ ଦୋଳୋତ୍ସବ ବିଧୀୟତେ।
ଫାଲଗୁନେ ଚ
ଚତୁର୍ଦ୍ଦଶ୍ୟାମଷ୍ଟମେ ଯାମସଂଜ୍ଞକେ ॥
ଅଥବା ପୌର୍ଣ୍ଣମାସ୍ୟାଂ ତୁ
ପ୍ରତିପତ୍ ସନ୍ଧିମିଶ୍ରିତୌ।
ଯୁଜୟେବ ବିଧିବଦ୍ ଭକ୍ତ୍ୟା
ଫଲଗୁଚୂର୍ଣ୍ଣୈଷ୍ଟ ଚତୁର୍ବିଧୈଃ ॥"

ସ୍କନ୍ଦ ପୁରାଣର ବର୍ଣ୍ଣନାରୁ ପ୍ରମାଣିତ ହୁଏ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୋଳ ଉତ୍ସବ ଦୋଳ ମଣ୍ଡପରେ ଅନୁଷ୍ଠିତ ହୋଇଥାଏ। ଶ୍ରୀଗୋବିନ୍ଦଙ୍କ ଶ୍ରୀଦେବୀଙ୍କ ସହିତ ଦୋଳାରେ ଆବରଣ କରାଯାଇ ପାରମ୍ପରିକ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଏ। ବିଶ୍ୱାସ କରାଯାଏ, ଏହି ଉତ୍ସବକୁ ଦେଖିବା ପାଇଁ ସ୍ୱର୍ଗର ସମସ୍ତ ଦେବତାଗଣ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନେତୃତ୍ୱରେ ଦୋଳମଣ୍ଡପ ଚତୁଃପାର୍ଶ୍ୱରେ ବିରାଜମାନ କରିଥାନ୍ତି। ଏହି ଉତ୍ସବରେ ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଦୋଳବେଶରେ ସଜ୍ଜିତ କରାଇ ଗୋପୀମାନେ ତାଙ୍କ ଶରୀରରେ ବିଭିନ୍ନ ପ୍ରକାରରେ ସୁଗନ୍ଧିତ ଚୂର୍ଣ୍ଣ ବର୍ଷଣ କରିଥାନ୍ତି। ଗରୁଡ଼ ପୁରାଣ ବର୍ଣ୍ଣନା ଅନୁଯାୟୀ ହୋଲି ଉତ୍ସବ ପ୍ରାୟ ଏକ ମାସ ଧରି ପାଳନ କରାଯାଏ।

"ଗୋପୀଭିର୍ଷ୍ଟୈବ ପୋଲାଲୈଲୀଳା
ନ୍ଦୋଳିକୟନଗମ୍,
ଚିନ୍ତାୟିତ୍ୱା ଜଗନ୍ନାଥଂ ବିବିକେଦ ଗନ୍ଧ
ଚୂର୍ଣ୍ଣକୈ
ଦୋଳାରୁଢ଼ଂ ସମଭ୍ୟର୍ଚ୍ୟମାସ
ମୋନ୍ଦୋଳୟେତ୍ କଳୌ ॥"

ଦୋଳ ଉତ୍ସବର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ପୁରାଣରେ ଭିନ୍ନ ଭିନ୍ନ ଶାସ୍ତ୍ରୀୟ ମତ ରହିଛି। ଭଗବାନ ବିଷ୍ଣୁ ହେଉଛନ୍ତି ଜଗତର ପରିତ୍ରାଣ କର୍ତ୍ତା। ଏହି ଦିନ ଶଙ୍ଖଚୂଡ଼ ହୋଲିକାକୁ ଦହନ କରିଥିଲେ। ତେଣୁ ଏହି ପର୍ବର ନାମ ହେଉଛି "ହୋଲି"। ସମଗ୍ର ଭାରତବର୍ଷରେ ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳିତ ହୋଇଥାଏ। ଭଗବାନ ଶ୍ରୀଚୈତନ୍ୟଦେବ ଦୋଳ ପୂର୍ଣ୍ଣିମା ଦିନ ଜନ୍ମ ହୋଇଥିବାରୁ ଗୌଡ଼ୀୟ ଭକ୍ତମାନେ ଏହି ଦିନଟିକୁ ମହୋତ୍ସବ ଦିନ ରୂପେ ପାଳନ କରିଥାନ୍ତି। ଶ୍ରୀଚୈତନ୍ୟଦେବ ଉତ୍କଳକୁ ଆଗମନ ପରେ ଓଡ଼ିଶାର ରାଧାକୃଷ୍ଣ ପୂଜା ଲୋକପ୍ରିୟ ହୋଇଥିଲା। ସେଥିପାଇଁ ଉତ୍କଳରେ ରାଧାକୃଷ୍ଣଙ୍କର "ଶରତ ରାସ", "ବସନ୍ତ ରାସ" ଅତ୍ୟନ୍ତ ପ୍ରାଣବନ୍ତ ହୋଇଉଠିଛି। ବାସ୍ତବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାତ୍ତ୍ୱିକ ଭାବ ଭକ୍ତିପୂର୍ଣ୍ଣ, ଦୋଳଯାତ୍ରା ଏବଂ ରାଧାକୃଷ୍ଣଙ୍କର ଆଡ଼ମ୍ବର ପୂର୍ଣ୍ଣ ହୋଲି ମହୋତ୍ସବ ଉତ୍କଳର ଜନଜୀବନକୁ ବସନ୍ତର ମାଧୁରୀରେ ମଧୁମୟ କରିବା ସହିତ ପ୍ରତ୍ୟେକଙ୍କ ହୃଦୟକୁ ଆମୋଦିତ କରିଛି।

ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ଦୋଳଯାତ୍ରା ପାଳିତ ହୋଇ ଦୋଳପୂର୍ଣ୍ଣିମା ଦିନ ସମାପ୍ତ ହୋଇଥାଏ। ଏହି ଦିବସ ଗୁଡ଼ିକରେ ଅବିର ଓ ରଙ୍ଗ ଖେଳ ଅତ୍ୟନ୍ତ ଆଡ଼ମ୍ବର ସହିତ ପାଳିତ ହୋଇଥାଏ। ଶ୍ରୀମନ୍ଦିରରେ ଏବଂ ଉତ୍କଳର ପ୍ରତି ଗ୍ରାମରେ ପାରମ୍ପରିକ ବିଧିବିଧାନର ସହିତ ନବ ପଞ୍ଜିକା ପୂଜାର୍ଚ୍ଚନା କରାଯାଇ ପଠନ କରାଯାଏ।

ଉତ୍କଳର ସଂସ୍କୃତିରେ ହୋଲି ଖେଳକୁ ମହା ଆଡ଼ମ୍ବର ସହିତ ପାଳନ କରିବା ପୂର୍ବକ ଘଣ୍ଟ, ଘଣ୍ଟା, ଶଙ୍ଖ, ବାଦ୍ୟନାଦ, ହରିବୋଲ, ହୁଳହୁଳିର ତାଳେ ତାଳେ ଅବିର ଖେଳ ପୂର୍ବକ ନାମସଂକୀର୍ତ୍ତନ ଏବଂ ହୋଲି ସଂକୀର୍ତ୍ତନ ଗାନ କରାଯାଏ। ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ ମନୋମୁଗ୍ଧକର ହୋଇଥାଏ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଆରାଧ ଦେବତାଙ୍କୁ ବିମାନରେ ବସାଇ ଗାଁ ଗାଁ ସାହି ସାହିରେ ଭକ୍ତମାନଙ୍କର ଘରକୁ ଘରକୁ ନିଆଯାୟୀ ଭୋଗ ଲଗାଯାଏ। ଭକ୍ତମାନେ ଆନନ୍ଦରେ ବିଭୋର ହୋଇଥାନ୍ତି। ଓଡ଼ିଆ ହୋଲିଗୀତ ମଧ୍ୟରେ ବୈଷ୍ଣବ କବି ଗୋପାଳକୃଷ୍ଣଙ୍କ ହୋଲି ଗୀତ ଅତ୍ୟନ୍ତ ଚିତ୍ତାକର୍ଷକ। ଯଥା-

"ହୋରୀ ରଙ୍ଗେ ବିହରୀ ହରିସଙ୍ଗେ
କିଶୋରୀ।
ପବନେ ଢଳି ଚମ୍ପକ ବୋଲି
ତମାଳେ ଢଳିଲା ପରି ॥
ପଶୁପୀବାଳା ଚପଳାମାଳା
ଘନକୁ ଘେରିଲା ପରି।
ହେବାବଜବନ ବୟସୀ ଜନ
ମଧୁବ୍ରତ ଗିରିଧାରୀ ॥
ପଙ୍ଗୁ ଅବିର ବ୍ରଜ ସୁନ୍ଦର
ପଞ୍ଝୁଲି ଗଳି ବିହାରୀ।
ଶ୍ରୀରାଧା ଫିଙ୍ଗୁ ମହୋନ
ଯୋଗୁ ବାଜି ହୃଦରେ ସଞ୍ଚରୀ ॥
ନଳ ଯନ୍ତର ଧରି ରତ୍ନର
ବିଞ୍ଚନ୍ତି ପନୀରବାରି।
ଗୋପାଳକୃଷ୍ଣ ନୟନତୃଷ୍ଣ
ହୋଇଲା ସେ ଶୋଭାସ୍ମରୀ ॥"

ପରସ୍ପର ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଦ୍ୟୋତକ ଖେଳ, ହୋଲି ଖେଳ ଅତ୍ୟନ୍ତ ରୋମାଞ୍ଚକର। ସାଧାରଣତଃ ଏହି ଯାତ୍ରା ପାଞ୍ଚ ଦିନ ଧରି ପାଳିତ ହେଉଥିବାରୁ ଏହାକୁ "ପଞ୍ଚଦୋଳ" ନାମରେ ନାମିତ କରାଯାଇଛି। କେତେକ ସ୍ଥାନରେ ଫାଲଗୁନ ମାସରେ ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ପାଞ୍ଚ ଦିନ ପର୍ଯ୍ୟନ୍ତ ପଞ୍ଚଦୋଳ ଯାତ୍ରା ପାଳିତ ହୋଇଥାଏ। ଆଉ କେତେକ ସ୍ଥାନରେ ପୂର୍ଣ୍ଣମା ଦିନକୁ ପର୍ବର ଶେଷ ଦିବସ ରୂପେ ଗ୍ରହଣ କରାଯାଏ। ଯେଉଁ କେତେକ ସ୍ଥାନରେ ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ଛଅ ଦିନ ପର୍ଯ୍ୟନ୍ତ ଏହି ପର୍ବ ପାଳନ କରାଯାଏ ତାହାକୁ "ଛଅ ଦୋଳ" ବୋଲି କୁହାଯାଏ। ଯେଉଁଠି ନଅ ଦିନ ପର୍ଯ୍ୟନ୍ତ ପାଳନ କରାଯାଏ ତାହାକୁ "ନବଦୋଳ" ବୋଲି କୁହାଯାଏ। ଆହୁରି ମଧ୍ୟ କେତେକ ସ୍ଥାନରେ "ସପ୍ତଦୋଳ" ଏବଂ "ଦଶଦୋଳ" ପାଳିତ ହେଉଥିବାର ଦୃଷ୍ଟାନ୍ତ ଅଛି।

ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିକୁ ବିମାନରେ ଚିତାକର୍ଷକ ସାଜସଜ୍ଜା ସହିତ ମହାଆଡ଼ମ୍ବରରେ ଗାଁର ପ୍ରତ୍ୟେକ ଦ୍ୱାରକୁ ନିଆଯାଏ। ପ୍ରତ୍ୟେକ ଦ୍ୱାରରେ ଠାକୁରଙ୍କୁ ନିଷ୍ଠା ଓ ଏକାଗ୍ରତାର ସହିତ ଭୋଗ ଅର୍ପଣ କରାଯାଇଥାଏ। ତାହାକୁ "ଦ୍ୱାରୀଭୋଗ" କୁହାଯାଏ। ଏଠାରେ ଭକ୍ତ ଭଗବାନ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ କରି ମହାପୁରୁଷ ଅଚ୍ୟୁତାନନ୍ଦ କହିଛନ୍ତି-

"ମୋ ତହିଁ ଦେଖ ତୁ ଉଦେ ହୋଇଛୁ
ତୋ ତହିଁ ଦେଖ ମୁହିଁ,
ତୁମ୍ଭେ ଆମ୍ଭେ ଦୁହେଁ ଏକତ୍ର ଅଙ୍ଗଟି
ଭିନ୍ନା ଭିନ୍ନ ଆଉ ନାହିଁ।"

ହିନ୍ଦୁ ଶାସ୍ତ୍ର ମତାନୁଯାୟୀ ଅଗ୍ନୀ ହେଉଛନ୍ତି ପ୍ରତ୍ୟକ୍ଷ ଦେବତା। ଦଶଦିଗପାଳଙ୍କ ମଧ୍ୟରୁ ସେ ଆଗ୍ନେୟ କୋଣର ଦିଗ ପାଳକ। ସେଥିପାଇଁ ଗାଁରେ ଥିବା ରାଧାକୃଷ୍ଣ ମନ୍ଦିରର ଆଗ୍ନେୟ କୋଣରେ "ଅୟିଘରା" ବା ଅଗ୍ନିପୂଜା ପ୍ରସ୍ତୁତି କରାଯାଏ। ଚତୁର୍ଦ୍ଦଶୀ ଦିନରେ ନଗର ପରିକ୍ରମା ପରେ ଠାକୁରମାନେ ଅୟିଘରା ବା ଦେବ ଅଗ୍ନୀର ଚତୁଃପାର୍ଶ୍ୱରେ ସାତ ଥର ପରିକ୍ରମା କରିବାର ପ୍ରଥା ଆମ ଉତ୍କଳୀୟ ସଂସ୍କୃତିରେ ଦେଖିବାକୁ ମିଳେ। ଅୟିଘରା ପାଇଁ ଜାଳେଣୀ ସାମଗ୍ରୀକୁ ଏକାଠି କରି ଏକ କୁଡ଼ିଆ ଘର କରି ସଜ୍ଜିତ କରାଯାଏ। ଯେମିତି ସେଠାରେ ଏକ ମେଷ ରହିପାରିବ। ମେଷ ହେଉଛନ୍ତି ଅଗ୍ନିଙ୍କର ବାହାନ। ବିଭିନ୍ନ ପ୍ରକାରର ଖାଦ୍ୟପ୍ରଦାର୍ଥରେ ନିର୍ମିତ ଏକ ମେଷର ପ୍ରତିକୃତି ରଖାଯାଇଥିବାବେଳେ କେତେକ ସ୍ଥାନରେ ଜୀବନ୍ତ ମେଷକୁ ରଖାଯାଇଥାଏ। ଠାକୁର ବିମାନରେ ନଗର ପରିକ୍ରମା ସାରି ମନ୍ଦିର ନିକଟକୁ ଫେରିଆସନ୍ତି। ସେତେବେଳେ ଅୟିଘରାରେ ଅଗ୍ନି ସଂଯୋଗ କରାଯାଏ। କୁଡ଼ିଆ ଆକୃତିର କାଠଗଦା ଉପରେ ଅଗ୍ନି ସଂଯୋଗ ହେବାପରେ ଜୀବନ୍ତ ମେଷଟି ଭିତରୁ ବାହାରକୁ ଖସିଆସିଥାଏ ଏବଂ ସ୍ୱଭାବିକ ଭାବେ ତାର ପ୍ରତିକୃତିଟି ସେହି ଅଗ୍ନି ମଧ୍ୟରେ ରହିଯାଇଥାଏ। ତାହାହିଁ "ଅୟିଘରା ପର୍ବ"। ତା ପରେ ଠାକୁରଙ୍କୁ ଅୟିଘରା ଚତୁଃପାର୍ଶ୍ୱରେ ବିମାନ ସହିତ ସାତ ଥର ପରିକ୍ରମଣ କରି ମଣ୍ଡପକୁ ନିଆଯାଏ। ଏହାକୁ ବଙ୍ଗଳାରେ "ମେଧାରଘର ପୋଡ଼ଣୀ" କୁହାଯାଏ। ମହାରାଷ୍ଟ୍ରରେ "ହୋଲାଛା" ଏବଂ ଉତ୍ତରାଖଣ୍ଡରେ "ଦଣ୍ଡରାକ୍ଷସୀ ପୂଜା" ନାମରେ ନାମିତ ହୋଇଥିବାର ଲୋକପ୍ରଥା ରହିଛି। ଭଗବାନ ବିଷ୍ଣୁ ଭକ୍ତ ପ୍ରହଲ୍ଲାଦକୁ ବିନାଶ କରିବା ପାଇଁ ପିତା ହିରଣ୍ୟକଶିପୁ ଶେଷରେ ଅତିଷ୍ଠ ହୋଇ ତାକୁ ସମୂଳେ ବନାଶ କରିବା ନିମନ୍ତେ ଭଉଣୀ ହୋଲିକାକୁ ନିବେଦନ କରିଥିଲେ। ତାଙ୍କ ନିବେଦନକୁ ରକ୍ଷା କରି ଭଗ୍ନି ହୋଲିକା ଉତ୍‌କ୍ଷୀପ୍ତ ହୋଇ ପ୍ରହ୍ଲାଦକୁ ନେଇ ହୁ ହୁ ହୋଇ ଜଳୁଥିବା ଅଗ୍ନି ମଧ୍ୟରେ ପ୍ରବେଶ କରିଥିଲେ। ହୋଲିକା ପୂର୍ବରୁ ବରପ୍ରାପ୍ତି ହୋଇଥିଲେ ଯେ ତାଙ୍କୁ ଅଗ୍ନି ଦଗ୍ଧ କରିପାରିବ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ଜଳନ୍ତା ନିଆଁ ମଧ୍ୟରେ ପଡ଼ିବା ମାତ୍ରେ ହୋଲିକା ସମ୍ପୂର୍ଣ୍ଣ ଦଗ୍ଧ ହୋଇଯାଇଥିଲେ ଏବଂ ଭକ୍ତ ପ୍ରହ୍ଲାଦ ଶୁଦ୍ଧ ସୁବର୍ଣ୍ଣପରି ଜଳନ୍ତା ନିଆଁକୁ ଚାଲି ଚାଲି ବାହାରକୁ ଆସିଥିଲେ। କୁହାଯାଏ, ହୋଲିକାର ମୃତ୍ୟୁରେ ସମଗ୍ର ସଂସାରରେ ଅନ୍ୟାୟ, ଅନିତି, ଅମାନବୀକତା ଧ୍ୱଂସ ହୋଇ ପାପର କ୍ଷୟ ଘଟି ସତ୍ୟର ସଂସ୍ଥାପନ ହୋଇଥିଲା।



ଦୋଳ ପୂର୍ଣ୍ଣିମା ଦିନ ଠାକୁରଙ୍କୁ ମନ୍ଦିରର ଦକ୍ଷୀଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପକୁ ନିଆଯାଇଥାଏ। ଯାହାର ନାମ "ଦୋଳ ମଣ୍ଡପ।" ସେଠାରେ ପୂଜାର୍ଚ୍ଚନା କରିବା ସହିତ ଠାକୁରମାନେ ହୋଲି ଖେଳିଥାନ୍ତି ଏବଂ ନାଲି ଅବିର ଅର୍ପଣ କରାଯାଏ। ମଣ୍ଡପକୁ ଅତ୍ୟନ୍ତ ସୁନ୍ଦର ଭାବରେ ସଜ୍ଜିତ କରାଯାଇଥାଏ। ବୃନ୍ଦାବନରେ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ଯେଉଁ ମଣ୍ଡପ ନିର୍ମାଣ କରିଥିଲେ, ତା ପରିସର ଥିଲା ଏକଶତ ହାତ।

ଗୋମାତା ଜନ୍ମଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ରରେ ପ୍ରାଧାନ୍ୟ ଦିଆଯାଇଛି। ଏକଦା ଗୋପନଗ୍ରର ଗୋପାଳମାନେ ପୂର୍ବ ଫାଲ୍‌ଗୁନୀ ନକ୍ଷତ୍ର ଯୁକ୍ତ ଫାଲ୍‌ଗୁନ ଶୁକ୍ଳ ପୂର୍ଣ୍ଣିମା ତିଥିକୁ ଏକ ମହୋତ୍ସବ ରୂପେ ପାଳନ କରୁଥିଲେ। ଧୂପ, ଦୀପ, ନୈବେଦ୍ୟ ଏବଂ ଦୂର୍ବାକ୍ଷତ ଦେଇ ଗୋ' ବନ୍ଦାପନା କରାଯାଏ। ଦୋଳ ପୂର୍ଣ୍ଣିମା ଦିନ ଗୋମାତାର ଜନ୍ମଦିନ ପାଳନ ଏବଂ ଗୋ'ବନ୍ଦାଣ ଉତ୍ସବ ପାଳନ ହେଉଥିବା ଦୃଷ୍ଟିରୁ ଗୋପାଳମାନଙ୍କର ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପର୍ବ।

ପୁରୀ ଶ୍ରୀମନ୍ଦିର ଭଳି ଭୁବନେଶ୍ୱରର ଆଦିଦେବ ଲିଙ୍ଗରାଜ ମନ୍ଦିରରେ ମଧ୍ୟ ଦୋଳଯାତ୍ରା ପାଳିତ ହୋଇଥାଏ। ଫାଲଗୁନ ପୂର୍ଣ୍ଣମୀର ଦୀର୍ଘ ଛଅ ଦିନ ପୂର୍ବରୁ ଆରମ୍ଭ ହୋଇ ଏହି ଯାତ୍ରା ପୂର୍ଣ୍ଣମୀ ଦିନ ଶେଷ ହୋଇଥାଏ। ଏଠାରେ ହରିହର ବିଗ୍ରହ ଜଗତର ନାଥଙ୍କ ପ୍ରତିନିଧିତ୍ୱ କରିଥାନ୍ତି। ଏହା ଆମ ସଂସ୍କୃତିର ଏକ ପାରମ୍ପରିକ ପର୍ବ। ଏହି ଉତ୍ସବ ଦିନ ଧ୍ୟାନଭଗ୍ନ କରାଇବା ଅପରାଧରେ ଦେବାଧିଦେବ ମହାଦେବ ମହାକୋପୀ ଶିବ କାମଦେବଙ୍କୁ ଜାଳି, ପୋଡ଼ି, ଭସ୍ମ କରିଦେଇଥିଲେ। କାମଦେବଙ୍କ ମୃତ୍ୟୁରେ ବିହୋଳ ହୋଇ ପତ୍ନୀ ରତୀଦେବୀ ଶୋକ କରିଥିଲେ। ସେଥିପାଇଁ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ଏହି ଉତ୍ସବ ପାଳନ କରାଯାଉଥିବାବେଳେ ପ୍ରୀତି ପାର୍ବଣର ମୃତ୍ୟୁ ଦେବତା କାମଦେବଙ୍କ ପାଇଁ ଶୋକଗୀତିକା ଏବଂ ବିଷାଦଭରା ଗୀତ ଗାନ କରାଯାଉଥିବାର ଦେଖିବାକୁ ମିଳେ।

ଓଡ଼ିଶା, ବଙ୍ଗଳା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦକ୍ଷିଣଭାରତ ଆଦି ବିଭିନ୍ନ ରାଜ୍ୟର ବିଶେଷ ଭାବେ ଏହି ପର୍ବ ପାଳନ କରାଯାଏ। ଭଗବାନ ଶ୍ରୀକୃଷ୍ଣ ଏବଂ ଦେବୀ ଶ୍ରୀରାଧା ହେଉଛନ୍ତି ଏହି ପର୍ବର ମୁଖ୍ୟ ଦେବାଦେବୀ। ଶଙ୍ଖଚୂଡ଼, ହୂରୀ, ହୋଲି, ହୋଲା, ହୋଲାକା, ମେଧା ଏବଂ ଧୂନ୍ଧା ନାମରେ କ୍ଷାତ ଦୁର୍ଦ୍ଦଶା ରାକ୍ଷସୀର ଦମନ ଗାଥା ଏବଂ ଭଗବାନ ଶ୍ରୀକୃଷ୍ଣଙ୍କର ବିରତ୍ୱ ଜୟଗାନ କରିବା ଏହି ପର୍ବର ମୂଳଲକ୍ଷ।

ହୋଲି ପର୍ବ ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ ଏବଂ ଭଲପାଇବାର ଏକ ଜ୍ୱଳନ୍ତ ନିଦର୍ଶନ। ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ଏବଂ ଶତସହସ୍ର ଗୋପାଙ୍ଗନାଙ୍କ ପ୍ରଣୟକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରାଇବା। ଏହି ପର୍ବ ବହୁ ପ୍ରାଚୀନ କାଳରୁ ଓଡ଼ିଶାରୁ ବିଭିନ୍ନ ଅଞ୍ଚଳରେ ପାଳିତ ହୋଇ ଆସୁଛି। ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାର ଏହି ପର୍ବ ପାଳିତ ହୋଇଥାଏ। ଓଡ଼ିଶାର ପାଳିତ ହେଉଥିବା ଦୋଳ ପୂର୍ଣ୍ଣମା ମଧ୍ୟରୁ ଭଦ୍ରକର ବ୍ରାହ୍ମଣ ଗାଁର ପାଳିତ ହେଉଥିବା ଦୋଳ ଉତ୍ସବକୁ ଏକ ନିଆରା ଢ଼ଙ୍ଗରେ ପାଳନ କରାଯାଏ। ଘଣ୍ଟଘଣ୍ଟାର ତାଳେତାଳେ ଅବିର ଖେଳ ମାଧ୍ୟମରେ ଠାକୁରଙ୍କୁ ବିମାନରେ ବସାଇ ସାଜସଜ୍ଜା କରାଇ ସଂକୀର୍ତ୍ତନ ମାଧ୍ୟମରେ ଅଣାଯାଏ। ପାରମ୍ପରିକ ପ୍ରଥା ଅନୁସାରେ ଭକ୍ତମାନଙ୍କ ସମାଗମରେ ସଂଖ୍ୟାଧିକ ବିମାନ ବିଭିନ୍ନ ଅଞ୍ଚଳରୁ ଚତୁର୍ଦ୍ଦଶୀ ଦିନ ରାତିରେ ଘଣ୍ଟଘଣ୍ଟାର ତାଳେ ତାଳେ ଶ୍ରୀ ଶ୍ରୀ ପ୍ରସନ୍ନ କ୍ଷେମେଶ୍ୱର ବୁଢ଼ା ମହାଦେବ ମନ୍ଦିରକୁ ଆସି ମହାଦେବଙ୍କୁ ଦର୍ଶନ ପୂର୍ବକ ଅବିର ଆଦାନ ପ୍ରଦାନ କରି ମେଳନ ପଡ଼ିଆକୁ ନିଆଯାଇଥାଏ। ଶେଷରେ ମେଲଣ ପୋଖରୀର ଚତୁଃପାର୍ଶ୍ୱରେ ଛିଡ଼ାହୋଇ ରୋଷଣୀ, ବାଦ୍ୟ ସାରି ସଜ୍ଜିତ ମଣ୍ଡପରେ ଉପବେଷ୍ଟନ କରାଯାଇଥାଏ। ପ୍ରାୟ ଏକାବନ ବିମାନ କ୍ରମାନୁସାରେ ମଣ୍ଡପରେ ବସିବା ଭକ୍ତମାନଙ୍କୁ ଅତ୍ୟନ୍ତ ଆମୋଦିତ କରିଥାଏ। ପୂର୍ଣ୍ଣିମାଦିନ ନାମ ସଂକୀର୍ତ୍ତନ, ଯଜ୍ଞ ଏବଂ ପୂଜାର୍ଚ୍ଚନା ସହିତ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମରେ ସନ୍ଧ୍ୟାବେଳେ ଦେବତାମାନେ ସେହି ବିମାନରେ ପୁଣି ନିଜ ନିଜ ମନ୍ଦିରକୁ ଫେରିଯାନ୍ତି। ସେଠାରେ ପାରମ୍ପରିକ ବିଧିବିଧାନ ସହିତ ଅୟିଘରା ହୁଏ ଏବଂ ଉତ୍କଳୀୟ ସଂସ୍କୃତି ପରମ୍ପରା ଅନୁଯାୟୀ ପଞ୍ଜିକା ପୂଜା ମଧ୍ୟ କରାଯାଇଥାଏ। ବାସ୍ତବରେ ଉତ୍କଳରେ ପାଳନ କରାଯାଉଥିବା ଦୋଳ ପୂର୍ଣ୍ଣିମା ବା ଦୋଳଯାତ୍ରା ମଧ୍ୟରୁ ବ୍ରାହ୍ମଣ ଗାଁର ଦୋଳ ମେଲଣ, କାଳୀମେଘା ମେଲଣ, ପତରାଜପୁର ମେଲଣ, ଲୁଣିଆ ମେଲଣ, ଚୂଡ଼ାକୁଟୀ ମେଲଣ, ଚୌଧୂରୀଖ୍ୱାସ ମେଲଣ ଏବଂ ଓଡ଼ିଶାର ତିରିଶିଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଦୋଳଯାତ୍ରାର ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ।

+ଓଡ଼ିଆ ଭାଷା ସାହିତ୍ୟ
ଗବେଷକ, ଭଦ୍ରକ, ଓଡ଼ିଶା।
ମୋ-୮୭୬୩୫୪୮୨୦୨,
୬୩୭୨୨୭୫୨୬୬୨

## ଦୋଳ ଯାତ୍ରା ଓ ରଙ୍ଗର ମହତ୍ତ୍ୱ

ଅଜୟ କୁମାର ବେହେରା

ଉତ୍କଳୀୟ ମାଟିକୁ ଓହ୍ଲାଇ ସାରିଲାଣି ଋତୁରାଜ ବସନ୍ତ। କୋଇଲିର ପବିତ୍ର କୁହୁ କୁହୁ ଧ୍ୱନି ଓ ଆମ୍ରବୃକ୍ଷର କୁନି କୁନି କଢ଼ର କଳିକା ଭିତରେ ଦେଖିବାକୁ ମିଳିଲାଣି ସର୍ବଶକ୍ତିମାନ ପରମାତ୍ମା ଭଗବାନ ଶ୍ରୀକୃଷ୍ଣଙ୍କ ଅପୂର୍ବ ମହାରାସ। ପରମ୍ପରା ଅନୁସାରେ ଫଗୁ ଦଶମୀ ଠାରୁ ଦୋଳଯାତ୍ରାର ବିଗୁଲ ବାଜେ। ସମଗ୍ର ଧରାପୃଷ୍ଠ ପାଲଟି ଯାଏ ଗୋପପୁରର ବୃନ୍ଦାବନ। ଦେଉଳ ଭିତରୁ ଭଗବାନ ଶ୍ରୀକୃଷ୍ଣ ଦୋଳରେ ଓହ୍ଲାଇ ଆସି ରଚାନ୍ତି ଭକ୍ତ ଓ ଭଗବାନଙ୍କ ମହାମିଳନ। ସେଥିରେ କେବଳ ମାନବ ସମାଜ ସାମିଲ ହୁଏନି, ସୃଷ୍ଟିକର୍ତ୍ତା ବ୍ରହ୍ମା, ସଂହାରକର୍ତ୍ତା ଦେବାଧିଦେବ ମହାଦେବ, ସକଳ ଦେବତା, ଦାନବ, ଗନ୍ଧର୍ବ, ନାଗ, ଯକ୍ଷ, କିନ୍ନର, ସର୍ବୋପରି ସକଳ ବ୍ରହ୍ମାଣ୍ଡରେ ବାସ କରୁଥିବା ଜୀବଜଗତ ଏ ମହାମିଳନରେ ବିଭିନ୍ନ ରୂପରେ ସାମିଲ ହୋଇଥାଆନ୍ତି। ସତାନନ୍ଦ ସଂଗ୍ରହରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଆଜିକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଇସ୍କନ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି। ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜିଯାଉଥିଲେ ତ ପୁଣି କେତେବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା।



ରଙ୍ଗର ଖେଳ ହୋଲି ସମୟରେ ବିଭିନ୍ନ ରଙ୍ଗକୁ ନେଇ ଅନେକଙ୍କ ଭିତରେ ଉତ୍ସୁକତା ଓ ଆଗ୍ରହ ରହିଥାଏ। ଆସନ୍ତୁ କିଛି ରଙ୍ଗର ମହତ୍ତ୍ୱ ସମ୍ପର୍କରେ ଛୋଟିଆ ଆଲୋଚନାଟି ରଖିବା।

ନୀଳ : ଶାନ୍ତି, ଗମ୍ଭୀର ଓ ସ୍ଥିରତାର ପ୍ରତୀକ। ଏହି ରଙ୍ଗରେ ହୋଲି ଖେଳିବାକୁ ପସନ୍ଦ କରୁଥିବା ବ୍ୟକ୍ତି ସାଧାରଣତଃ ସ୍ୱାଭିମାନୀ ଓ ବିଶ୍ୱାସୀ।

ସବୁଜ : ଏହା ପ୍ରକୃତିର ରଙ୍ଗ। ଶାନ୍ତ ସ୍ୱଭାବର ବ୍ୟକ୍ତି ହୋଲି ଖେଳରେ ଏହି ରଙ୍ଗ ଖେଳିବାକୁ ପାଆନ୍ତି।

ହଳଦିଆ : ଏହି ରଙ୍ଗ ପବିତ୍ରତାର ପ୍ରତୀକ। ଖୁସ ମିଜାଜ ତଥା ସବୁବେଳେ ଅନ୍ୟକୁ ଆନନ୍ଦ ଦେଉଥିବା ବ୍ୟକ୍ତିଙ୍କର ଏହି ରଙ୍ଗ ପ୍ରିୟ।

ଗୋଲାପୀ : ଭାବପ୍ରବଣତା ତଥା ସୃଜନଶୀଳତାର ପ୍ରତୀକ। ଏହି ରଙ୍ଗରେ ହୋଲି ଖେଳିବାକୁ ପସନ୍ଦ କରୁଥିବା ବ୍ୟକ୍ତି ଲାଜକୁଳା ସ୍ୱଭାବର।

ନାଲି : ହୋଲି ଖେଳରେ ଲାଲ ରଙ୍ଗର ଆଦର ଅଧିକ। ଏହା ପ୍ରେମ ଓ ବନ୍ଧୁତ୍ୱର ସଂକେତ।

ବାଇଗଣି : ବାଇଗଣି ରଙ୍ଗକୁ ପସନ୍ଦ କରୁଥିବା ବ୍ୟକ୍ତି ଦୂରଦ୍ରଷ୍ଟା। ନିଜଆଡୁ କୌଣସି ଦାୟିତ୍ୱ ନେବାକୁ ଏମାନେ ଆଗଭର।

କଳା : ହୋଲି ଖେଳରେ କଳା ରଙ୍ଗ ବ୍ୟବହାର କରିବାକୁ ଇଚ୍ଛୁକ ବ୍ୟକ୍ତି ସାମାନ୍ୟ ବଦରାଗୀ ସ୍ୱଭାବର।

ନିରାପଦ ହୋଲି ଖେଳ : ରଙ୍ଗ ଖେଳରେ ହଳଦି ଗୁଣ୍ଡ, ବିଟ୍, ମଞ୍ଜୁଆତି, ପଳାଶ, ଗେଣ୍ଡୁ, କୃଷ୍ଣଚୂଡ଼ା ପତ୍ର ରସର ବ୍ୟବହାର ନିରାପଦ। ଏଗୁଡ଼ିକ ପ୍ରାକୃତିକ ହୋଇଥିବାରୁ ଚର୍ମର କ୍ଷତି ହୁଏନାହିଁ। ହଳଦିଆ ରଙ୍ଗ ପାଇଁ ବେସନ ଓ ହଳଦି ଗୁଣ୍ଡ ଫେଣ୍ଟି, ଖରାରେ ଶୁଖାଇ ବ୍ୟବହାର କରନ୍ତୁ। ରକ୍ତ ଚନ୍ଦନ ଗୁଣ୍ଡ କରି ଲାଲ ରଙ୍ଗ ଭାବେ ବ୍ୟବହାର କରନ୍ତୁ। ତରଳ ଲାଲ ରଙ୍ଗ ପାଇଁ ଏକ ଲିଟର ପାଣିରେ ଦୁଇ ଚାମଚ ରକ୍ତ ଚନ୍ଦନ ଗୁଣ୍ଡ ପକାଇ ଫୁଟାନ୍ତୁ। ଥଣ୍ଡା ହେବା ପରେ ବ୍ୟବହାର କରନ୍ତୁ। ଲାଲ ମନ୍ଦାର ଫୁଲକୁ ଶୁଖାଇ ଗୁଣ୍ଡ କରି ମଧ୍ୟ ବ୍ୟବହାର କରିପାରିବେ। କମଳା ରଙ୍ଗ ପାଇଁ ପଳାଶ ଫୁଲକୁ ଶୁଖାଇ ହଳଦି ସହ ଫେଣ୍ଟି ବ୍ୟବହାର କରନ୍ତୁ। ଗୋଲାପୀ ରଙ୍ଗ ପ୍ରସ୍ତୁତ ପାଇଁ ବିଟ୍ ବେଶ୍ ଉପଯୋଗୀ। ବିଟ୍ କାଟି ଅଧ ଲିଟର ପାଣିରେ ପନ୍ଦର ମିନିଟ ଫୁଟାଇ, ଥଣ୍ଡା ହେବା ପରେ ବ୍ୟବହାର କରନ୍ତୁ। ମେହେନ୍ଦୀ, କୃଷ୍ଣଚୂଡ଼ା, ଧନିଆ ପତ୍ରକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରନ୍ତୁ। ଅଟା ମିଶାଇ ସବୁଜ ରଙ୍ଗ ଭାବେ ବ୍ୟବହାର କରନ୍ତୁ। ହୋଲିର ଆନନ୍ଦ ଓ ଭଲପାଇବା ସମସ୍ତଙ୍କ ଭିତରେ ବୃଦ୍ଧି ପାଉ ଏବଂ ଭଗବାନ ଶ୍ରୀକୃଷ୍ଣ ସମସ୍ତଙ୍କୁ ସୁଖ, ଶାନ୍ତି ଓ ଆନନ୍ଦ ପ୍ରଦାନ କରନ୍ତୁ।

+ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

## ବିଭିନ୍ନ ଦେଶରେ ହୋଲି ପର୍ବ

ସୌମ୍ୟସାଇ ସିଦ୍ଧାର୍ଥ

ଓଡ଼ିଶାରେ ଦୋଳ ପର୍ବ ପାଳନର ପରମ୍ପରା ବହୁ ପୁରୁଣା। ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଅତ୍ୟନ୍ତ ଭକ୍ତିପୂତ ପରିବେଶରେ ଦୋଳଯାତ୍ରା ଆରମ୍ଭ ହୁଏ। ଏହି ପର୍ବର ମୁଖ୍ୟ ଆରାଧ ଠାକୁର ପ୍ରେମମୟ କୃଷ୍ଣ ଓ ରାଧାଙ୍କ ନିକଟରେ ଅବିର ଅର୍ପଣ କରାଯାଏ। ସଂକୀର୍ତ୍ତନ ପୁରାଣ ବୋଲାଯାଏ। ସୁସଜ୍ଜିତ ବିମାନରେ ରାଧା ଓ କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଉପବିଷ୍ଟ କରାଇ ଘର ଘର ବୁଲାଯାଏ। ଗୃହିଣୀମାନେ ଫଗୁ, ଚଣା, ଶାକର, କଦଳୀ ଓ ବିଭିନ୍ନ ଭୋଗପୂର୍ଣ୍ଣ କୁମ୍ଭ, ଦୀପ ଆଦି ଠାକୁରଙ୍କୁ ଅର୍ପଣ କରନ୍ତି। ଏହି ଅବସରରେ ରାଧାକୃଷ୍ଣ ମନ୍ଦିରମାନ ଉତ୍ସବ ମୁଖରିତ ହୁଏ। ରାଧାକୃଷ୍ଣ ମନ୍ଦିରରେ ଆଗ୍ନିୟ ଦିଗରେ ଅଗ୍ନି ପୂଜା ସହ ଏହାର ଶୁଭାରମ୍ଭ ହୁଏ। ଦୋଳ ପୂର୍ଣ୍ଣିମା ଦିନ ଠାକୁରମାନଙ୍କୁ ମନ୍ଦିରର ଦକ୍ଷିଣ-ପୂର୍ବ ଦିଗରେ ନିର୍ମିତ ଦୋଳ ମଣ୍ଡପକୁ ନିଆଯାଇ ପୂଜାର୍ଚ୍ଚନା କରାଯାଏ। କେତେକ ସ୍ଥାନରେ ପୂର୍ଣ୍ଣମୀ ଦିନ ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ପଞ୍ଚୁଦୋଳ ଯାତ୍ରା ପାଳିତ ହୁଏ। ଏହା ମଧ୍ୟ ଗୋ-ମାତାଙ୍କ ଜନ୍ମ ଦିବସ। ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟ ଖଣ୍ଡରେ ଉଲ୍ଲେଖ ଅଛି ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଈମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ।

ଗୋ-ମାତାଙ୍କ ଜନ୍ମ ଦିନ ଅଟଇ ଯୁକତେ, ତେରଉ କରି ଗୋପ ଲୋକେ ଗମନ୍ତି ଉଷତେ। ଦୋଳ ପୂର୍ଣ୍ଣମୀ ପର ଦିନ ପାଳିତ ହୁଏ ରଙ୍ଗର ମହୋତ୍ସବ ହୋଲି। ଏହି ଦିନରେ ଶ୍ରୀକୃଷ୍ଣ ସନ୍ଥମାନଙ୍କ ପାଳନ ପାଇଁ ଦୁଷ୍ଟ ନିବାରଣ କରିଥିଲେ। ହୋଲି ଭାଇଚାରାର ପର୍ବ। ସମସ୍ତଙ୍କ ଭିତରେ ଭଲପାଇବାର ବାର୍ତ୍ତା ଜାଗରିତ କରି, ମଣିଷପଣିଆ ପାଇଁ ଆଲୋକବର୍ତ୍ତିକା ସୃଷ୍ଟି କରିବା, ପବିତ୍ର ଦୋଳ ଉତ୍ସବର ଅନ୍ତର୍ନିହିତ ତାତ୍ପର୍ଯ୍ୟ। ହୋଲି ପର୍ବ ଖାଲି ଭାରତରେ ଧୁମ୍‌ଧାମରେ ପାଳନ କରନ୍ତି ତା ନୁହେଁ ବରଂ ବିଦେଶରେ ମଧ୍ୟ ଭିନ୍ନ ଭିନ୍ନ ମାଧ୍ୟମରେ ହୋଲି ପର୍ବ ପାଳନ୍ତି। ମାଧ୍ୟମରେ ହୋଲି ପର୍ବ ପାଳନ୍ତି।



ଭାରତରେ ରଙ୍ଗର ପର୍ବକୁ ହୋଲି କୁହାଯାଉଥିବା ବେଳେ ବିଦେଶରେ ଏହାକୁ ଅଲଗା ଅଲଗା ନାମରେ ସମ୍ବୋଧନ କରିଥାନ୍ତି। ରୋମ୍‌ରେ ଅପ୍ରେଲ ମାସରେ ହୋଲି ପର୍ବ ଭଳି ସାଟର ପର୍ବ ପାଳନ କରନ୍ତି। ହୋଲିରେ ଯେପରି ଭେଦଭାବ ଦୂର କରି ରଙ୍ଗ ମାଧ୍ୟମରେ ଅଭିନନ୍ଦନ ଜଣାଇ ହୋଲି ପାଳନ କରନ୍ତି ସେହିପରି ରୋମ୍‌ରେ ମାଲିକ ଓ ଚାକର ଏଠାରେ କିଏ କାହାର ଗୁଲାମୀ ନୁହେଁ। ଏଠାରେ ସମସ୍ତେ ସମାନ ଭାବେ ଖୋଲା ହୃଦୟର ସହିତ ହୋଲି ମନାନ୍ତି। ପ୍ରାଚୀନ କାଳରେ ଦାସଦାସୀଙ୍କୁ ଏହି ପର୍ବରେ ସ୍ୱାଧୀନ ମିଳୁଥିଲା। ସେମାନେ ଏହି ପର୍ବରେ ମାଲିକଙ୍କ ସହ ଖୁସିରେ ସାମିଲ ହେବା ସହ ଥଟ୍ଟମଜ୍ଜା କରି ଏହି ପର୍ବକୁ ପାଳନ କରନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଫ୍ରାନ୍ସରେ ମୂର୍ଖଙ୍କ ପର୍ବ ବୋଲି ହୋଲି ଖେଳାଯାଇଥାଏ। ଏହାକୁ ଅନେକ ସ୍ଥାନରେ ମହାମୂର୍ଖଙ୍କ ସମ୍ମିଳନୀ ଆୟୋଜନ କରାଯାଇଥାଏ। ଏଥିରେ ଜ୍ଞାନୀ ଏବଂ ବୁଦ୍ଧିଜୀବୀ ଏପରିକି ମୂର୍ଖ ଲୋକମାନେ ମଧ୍ୟ ସାମିଲ ହୋଇଥାନ୍ତି। ଏଥିରେ ସବୁ ବର୍ଗର ଲୋକ ଧୁମ୍ ମଚାଉଥିବା ବେଳେ ଯିଏ ନିଜକୁ ବଞ୍ଚାଇଥାନ୍ତି ତାଙ୍କ ମୁହଁ କଳା କରି ଲୋକମାନେ ମଜ୍ଜା ଉଡାଇଥାନ୍ତି। ଫ୍ରାନ୍ସ ପରି ଆମେରିକାରେ ମଧ୍ୟ ଅକ୍ଟୋବର ମାସରେ ହୋବୋ ନାମକ ପର୍ବ ପାଳନ କରାଯାଇଥାଏ। ଏହି ପର୍ବକୁ ଲୋକମାନେ ଧୁମ୍‌ଧାମରେ ପାଳନ କରିବା ସହିତ ଛୋଟ ଛୋଟ କାର୍ଯ୍ୟକ୍ରମ କରି ବିଜେତା ଦଳକୁ ପୁରସ୍କାର ଦେଇଥାନ୍ତି। ଚୀନ୍‌ରେ ବସନ୍ତ ଋତୁ ପରେ ଚବେଜା ଦିବସ ନାମକ ପର୍ବ ପାଳନ କରନ୍ତି। ଏହି ପର୍ବରେ ଚାଇନା ଲୋକେ ପରସ୍ପରକୁ ରଙ୍ଗ ପକାଇ ଖୁସି ଅନୁଭବ କରିଥାନ୍ତି। ଏହି ପର୍ବରେ ବହୁମାତ୍ରାରେ ଚୀନ୍‌ବାସୀ ଯୋଗ ଦେଇ ପାଳନ କରନ୍ତି। ସେହିପରି ଆଫ୍ରିକାରେ ଭାରତୀୟ ପର୍ବ ବିଜୟ ଦଶମୀରେ ଓମେନା ବେଗା ନାମକ ପର୍ବ ପାଳନ କରନ୍ତି। ପୁରାତନ କାଳରେ ଜନୈକ ଅତ୍ୟାଚାରୀ ଶାସନ ଥିଲା। ଏହି ଦିନ ତାକୁ ପୋଡ଼ିଦିଆଯାଇ ମାରିଦିଆଯାଇଥିଲା। ସେବେଠାରୁ ଆଫ୍ରିକୀୟମାନେ ଅତ୍ୟାଚାରୀ ଶାସକଙ୍କ ପୁତ୍ତଳା ପ୍ରସ୍ତୁତ କରି ଜଳାଇ ଗୀତଗାଇ ଓ ନାଚି ଖୁସି ମନାଇଥାନ୍ତି। ଜାପାନରେ ହୋଲି ଦିନ ନୂଆ ବସ୍ତ୍ର ପରିଧାନ କରି ନୂଆ ଢ଼ଙ୍ଗରେ ହୋଲି ପାଳନ କରନ୍ତି। ସେହିପରି ଇଟାଲୀରେ ବେଲିୟା କୋନେନ୍‌ସ ନାମକ ପର୍ବ ପାଳନ କରନ୍ତି। ଏହି ପର୍ବରେ ବଡ଼ ଶାଳୀନତାର ସହ ପାଳନ କରିଥାନ୍ତି। ପରସ୍ପରକୁ ସୁଗନ୍ଧଯୁକ୍ତ ରଙ୍ଗ ପକାଇବା ସହ ଶସ୍ୟ ଦେବୀଙ୍କୁ ଖୁସି କରିବା ଲାଗି ଭାରତୀୟ ଭଳି ସନ୍ଧ୍ୟା ସମୟରେ ସବୁ କାଠକୁ ଏକତ୍ରିତ କରି ଜଳାଇ ଗୀତ ଗାଇ ପାଳନ କରନ୍ତି। ତେବେ ଯାହାହେଉନା କାହିଁକି ବାସ୍ତବରେ ହୋଲି ସମଗ୍ର ବିଶ୍ୱରେ ପାଳନ ହେଉଥିବାବେଳେ ସମସ୍ତଙ୍କ ଭିତରେ ଆନନ୍ଦ, ଶାନ୍ତି, ଭାଇଚାରା ଓ ଉଲ୍ଲାସ ବୃଦ୍ଧି ପାଉ ଏହା ହିଁ କାମନା।

+ଶ୍ରୀ ସାଇ ଗୃହ ଉଦ୍ୟୋଗ ପ୍ରାଇଭେଟ
ଲିମିଟେଡ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୦୯୦୦୫୧୫୪୩



## ପଞ୍ଚୁଦୋଳ

ଉମେଶ ଚନ୍ଦ୍ର ପାତ୍ର

ଶ୍ରୀପଞ୍ଚମୀ ଅବସରରେ ହିଁ ପ୍ରେମର ପ୍ରତୀକ ଅବିର ଖେଳର ଆୟମାରମ୍ଭ ହୋଇଥାଏ। ଏହି ପର୍ବର ଅନ୍ତିମ ତିଥି ହେଉଛି ପଞ୍ଚୁଦୋଳ। ଦୋଳ ପୂର୍ଣ୍ଣିମାରୁ ପାଞ୍ଚଦିନ ପରେ ହିଁ ଏହି ତିଥି ପଡ଼ିଥାଏ। ଦୋଳପୂର୍ଣ୍ଣିମାର ପାଞ୍ଚଦିନ ପରେ ଏହି ତିଥି ପଡୁଥିବାରୁ ଏହାକୁ ପଞ୍ଚୁଦୋଳ କୁହନ୍ତି। ଏହି ତିଥିକୁ ନେଇ ପୌରାଣିକ କଥାବସ୍ତୁ ସେପରି କିଛି ନାହିଁ; ତଥାପି ଓଡ଼ିଶାର ଜନଜୀବନରେ ଏହି ପର୍ବ ବେଶ୍ ପ୍ରଭାବ ବିସ୍ତାର କରିଛି। କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ଏପରିକି ସାରା ବିଶ୍ୱରେ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ଲୀଳା ପ୍ରଚଳିତ ଅଛି। ରୂପ ଓ ରସର ଏହା ଅପୂର୍ବ ଲୀଳା। ସମଗ୍ର ମାନବୀୟ ଚିନ୍ତାଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଛି। ହୋଲି ବା ଦୋଳ ଉତ୍ସବ ହେଉଛି ବିଜୟର ପର୍ବ। ଅଜ୍ଞାନ ଅନ୍ଧକାରକୁ ଦୂରେଇ ଆଲୋକ ଓ ଆନନ୍ଦକୁ ଆହ୍ୱାନ କରିବା ହେଉଛି ଏ ପର୍ବର ମୁଖ୍ୟ ଆଧାର। ଏହି ପର୍ବ ଉତ୍ତର ଫାଲ୍‌ଗୁନୀ କ୍ଷେତ୍ରାରାଶି ପୂର୍ଣ୍ଣିମା ତିଥିରେ ହିଁ ଅନୁଷ୍ଠିତ ହୋଇଥାଲ। ପାଲ୍‌ଗୁନ ପୂର୍ଣ୍ଣିମାର ପୂର୍ବରାତ୍ରିରେ ମେଢ଼ାସୁର ଏବଂ ହୋଲିକା ରାକ୍ଷସିକୁ ବଧ କରି ସେମାନଙ୍କ ମର ଦେହକୁ ନିଆଁରେ ଭସ୍ମ କରିବା ପାଇଁ ଅଗ୍ନି ଉତ୍ସବର ଆୟୋଜନ କରିଥିଲେ। ଏହି ଅଗ୍ନିର ଚତୁଃପାର୍ଶ୍ୱ ପ୍ରଦକ୍ଷଣ କରି ବ୍ରଜବାସୀଗଣ ଆନନ୍ଦରେ ବିଭୋର ହୋଇ ଅବିର ଖେଳରେ ମଜ୍ଜି ଯାଇଥିଲେ। ଶତ୍ରୁ ନିପାତର ଆନନ୍ଦରେ ପାଞ୍ଚଦିନ ବ୍ୟାପି ଏହି ପର୍ବ ପାଳନ କରିଥିଲେ। ବାଳୁତ କୃଷ୍ଣଙ୍କୁ ଦୋଳିରେ ବସାଇ ଦେଳ ଉତ୍ସବ ବନାସିଥିଲେ। ପ୍ରେମମୟୀ ରାଧା ବିଭିନ୍ନ ରଙ୍ଗ ଅବିର ଧରି ଗୋପ ଗୋପାଳୁଣୀଙ୍କ ସହ ଦିବା ଆନନ୍ଦରେ ବିଭୋର ହୋଇ ଉଠିଥିଲେ। ଏହି ଗୌରବ ମହାଆନନ୍ଦର ସ୍ମୃତିକୁ ସମଗ୍ର ବିଶ୍ୱ ମାନବଙ୍କ ପାଖରେ ପହଞ୍ଚାଇବା ପାଇଁ ହିଁ ଦୋଳ ଉତ୍ସବର ସୃଷ୍ଟି।

ଏହି ପର୍ବ ଦୀର୍ଘ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହୁଏ। ଏହାକୁ ପଞ୍ଚୁଦୋଳ କୁହନ୍ତି। ଫଗୁ ଦଶମୀ ତିଥିରୁ ପ୍ରେମ ପୁରୁଷ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ବିମାନରେ ବସି ଚାଚେରୀ ଭୋଗ ବା ଦ୍ୱାରୀ ଭୋଗ ଖାଇବାକୁ ବାହାରନ୍ତି। ଏହି ପଞ୍ଚୁ ଦୋଳରେ ସମାପ୍ତ ହୁଏ। ଏହି ଦଶଦିନ ବ୍ୟାପୀ ଯାତ୍ରା କେବଳ ବିଶ୍ୱାସ, ଭରସା, ସ୍ନେହ ଓ ଶ୍ରଦ୍ଧାର ଯାତ୍ରା ଭାବରେ ପ୍ରତିଟି ମଣିଷର ହୃଦୟରେ ଅନୁରଞ୍ଜିତ ହୋଇଥାଏ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଗଭୀର ବିଶ୍ୱାସ ଏଇଠି ପ୍ରକଟିତ ହୁଏ। ପ୍ରତିଟି ସଞ୍ଜରେ ଖୋଳ, ତାଳ, କାହାଳୀର ଶବ୍ଦରେ ଗାଆଁଠୁ ସହର ମୁଖର ହୋଇଉଠେ। ମୁଠାମୁଠା ଅବିର ସମଗ୍ର ପରିବେଶକୁ ଅବିରମୟ କରିଦିଏ। ପ୍ରଭୁଙ୍କର ଏଇ ଭୋଗଖିଆ ପର୍ବ ଭକ୍ତଜନଙ୍କୁ ବିଭୋର କରେ। ପ୍ରତ୍ୟେକ ଦ୍ୱାର ଅଗଣାରେ ଭକ୍ତଜନ ଗୋମୟ ଲେପନ କରି ଚିତା ପକାଇ କଳସ ସ୍ଥାପନ କରି ଭୋଗ ନୈବେଦ୍ୟ ଧରି ଅପେକ୍ଷା କରିଥାଆନ୍ତି ବିମାନକୁ। ଏଇ ପ୍ରତୀକ୍ଷାର ପର୍ବ ପଞ୍ଚୁଦୋଳ ପର୍ଯ୍ୟନ୍ତ ଚାଲେ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅପୂର୍ବ ସଂଯୋଗ ଥାଏ ଏହି ପଞ୍ଚୁଦୋଳ ପର୍ଯ୍ୟନ୍ତ। ଓଡ଼ିଶାରେ ପାଳିତ ହେଉଥିବା ପ୍ରତ୍ୟେକ ପର୍ବପର୍ବାଣୀରେ ସାମାଜିକତା ବେଶ ସ୍ପଷ୍ଟ ହୋଇଉଠେ। ପ୍ରେମ ଓ ବିଶ୍ୱାସଭାବ ଓ ସାମାଜିକ ସଦ୍‌ଭାବନା ବୃଦ୍ଧି ପାଇଁ ହିଁ ହୋଲି ପର୍ବର ସୃଷ୍ଟି। ନିଜେ ଆନନ୍ଦିତ ହେବା ସହ ଅନ୍ୟକୁ ଆନନ୍ଦ ପ୍ରଦାନ କରିବା ହିଁ ଏ ପର୍ବର ମୂଳ ଉଦ୍ଦେଶ୍ୟ। ରଙ୍ଗର ପସରା ନେଇ ହୋଲି ସାମାଜିକ ଜୀବନଧାରାକୁ ବେଶ ଆନନ୍ଦ ମୁଖର କରେ। ସେଇଥି ପାଇଁ ଏହି ପର୍ବ ପାଞ୍ଚ ଦିନ ଧରି ସମଗ୍ର ଭାରତବର୍ଷର କୋଣଅନୁକୋଣରେ ନିଜର ଗୁରୁତ୍ୱ ପ୍ରତିପାଳିତ କରିଥାଏ। ମଥୁରା ଓ ଗୋପ ପୁରରେ ଏହା ଦଶଦିନ ଧରି ଆନନ୍ଦ ଉତ୍ସାହ ସହକାରେ ପାଳିତ ହୋଇଥାଏ। କଥିତ ଅଛି ଦ୍ୱାପରରେ କୃଷ୍ଣଙ୍କର ବସନ୍ତ ରାସ ଦୀର୍ଘ ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହୁଏ। ଏହି ସମୟରେ ପ୍ରଭୁ ରାଧାକୃଷ୍ଣଙ୍କର ଲୀଳାଖେଳା ସମ୍ବନ୍ଧରେ ବହୁ ଆଲୋଚନା ହେବା ସହ ସଂଗୀତ ଓ ନୃତ୍ୟ ଭିତ୍ତିକ ଅନେକ କାର୍ଯ୍ୟକ୍ରମ ଚାଲୁରହେ। ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ଦ୍ୱାରା ଭୋଗ ଖାଇ ସାରିବା ପରେ ହିଁ ପଞ୍ଚୁଦୋଳର ଅପରାହ୍ନରେ ମେଣ୍ଢାକୁଡ଼ିଆ ବା ଅଗ୍ନି ଚାରିପାଖରେ ସାତ ଘେରା ପରିକ୍ରମା କରନ୍ତି। ଫଗୁ ଦଶମୀ ତିଥିରେ ପ୍ରଭୁଙ୍କ ଯୁଗଳ ପ୍ରତିମା ରତ୍ନସିଂହାସନରୁ ଅବତରଣ କରି ବିମାନରେ ବସି ପ୍ରଥମେ ଅଗ୍ନିକୁ ସାତଘେରା ପରିକ୍ରମା କରି ଦ୍ୱାରୀ ଭୋଗ ପାଇଁ ସଜ ହୁଅନ୍ତି। ସେପରି ଦ୍ୱାରୀ ଭୋଗ ଖାଇବା ଶେଷ କରି ଦୋଳମଣ୍ଡପରେ ଝୁଲି ସାରିବା ପରେ ଅଗ୍ନି ଚାରିପାଖରେ ସାତ ଘେରା ଅତିକ୍ରମ ଯମୁନା ସ୍ନାନ ସମାପନ କରି ପୁନରାୟ ରତ୍ନମଣ୍ଡପକୁ ବିଜେ କରନ୍ତି।



ପଞ୍ଚୁଦୋଳ କହିଲେ ପଞ୍ଚ ଶତ୍ରୁର ବିଦାୟ ଅର୍ଥାତ୍ କାମ, କୋଧ, ଅହଂକାର, ଅସତ୍ୟ ଓ ଅଧର୍ମର ବିନାଶର ତିଥି ହିଁ ପଞ୍ଚୁଦୋଳ। ପ୍ରତିଟି ମଣିଷ ଏଇ ମହାଶତ୍ରୁର ବିନାଶ ଘଟାଇ ସତ୍ୟ ଧର୍ମର ପ୍ରତିଷ୍ଠା ପାଇଁ ନିଜକୁ ପ୍ରସ୍ତୁତ ହେବା ଦରକାର। ପ୍ରଭୁ ରାଧାକୃଷ୍ଣ ଦୋଳ ବେଦିରେ ବସି ଝୁଲିବା ବେଳେ ଏଇ ମହାନ ଆଦର୍ଶ ବାର୍ତ୍ତା ପ୍ରଦାନ କରିଥାଆନ୍ତି। କାଳିକା ନିଜକୁ ଅଗ୍ନିଦେହରେ ଝାସଦେଇ ପୃଥିବୀରେ ମହା ସତ୍ୟର ମହାନ ବାର୍ତ୍ତା ପ୍ରଦାନ କରି ଯମୁନା ସ୍ନାନ କରନ୍ତି ଓ ଗୋଟିଏ ବର୍ଷ ପାଇଁ ଭକ୍ତଜନଙ୍କ ଠାରୁ ମେଲାଣି ନେଇ ରତ୍ନସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ପଞ୍ଚୁଦୋଳ ପାଞ୍ଚ ମହାଶତ୍ରୁର ବିନାଶର ତିଥି। ବିପଥଗାମୀ ମନୁଷ୍ୟକୁ ସଦ୍‌ଗତି ଦେଇ ମହାସତ୍ୟର ଦିଗ୍‌ଦର୍ଶନ ବାଢ଼ନ୍ତି।

ପାଞ୍ଜିପତ୍ରର ତିଥି : ଓଡ଼ିଆଙ୍କ ଜନଜୀବନରେ ଜଗନ୍ନାଥ ପଞ୍ଜିକା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ସତେ ଯେପରି ପ୍ରଭୁଙ୍କ ନିର୍ଦ୍ଦେଶନାମା। ପୁରୀ ମୁକ୍ତିମଣ୍ଡପ ଓଡ଼ିଆଙ୍କ ମୁକ୍ତିର ମହାମନ୍ତ୍ର। ଦୋଳପୂର୍ଣ୍ଣିମା ତିଥିରେ ନୂତନ ପଞ୍ଜିକା ପ୍ରଚଳନ ହୋଇଥାଏ ଓ ପଞ୍ଚୁଦୋଳ ଅବସରରେ ଅବଧାନେ ଏଇ ନୂତନ ପଞ୍ଜିକା ପଢ଼ିଥାନ୍ତି। ଗାଁ ମୁଣ୍ଡା ଚଉତରା ନତୁବା ଭାଗବତ ଟୁଙ୍ଗୀରେ ଏଇ ପଞ୍ଜିକା ପଢ଼ା ଅନୁଷ୍ଠିତ ହୁଏ। ଗାଁର ପ୍ରତ୍ୟେକ ଘରୁ ପୁରୁଣା ଲୋକ ଏଠାରେ ଉପସ୍ଥିତ ରହି ପଞ୍ଜିକା ଶୁଣନ୍ତି ଓ ଅବଧାନଙ୍କୁ ଦକ୍ଷିଣା ଦେଇ ଆଶୀର୍ବାଦ ନେଇ ଘରକୁ ଫେରନ୍ତି। ଏ ପରମ୍ପରା କାହିଁ କେଉଁ ଆଦିମ କାଳରୁ ଆମ ଗ୍ରାମିର ଜୀବନକୁ ଆହୁରି ଉତ୍ସବ ମୁଖର କରି ତୋଳୁଛି। ପଞ୍ଚୁଦୋଳରେ ପଞ୍ଜିକା ପଢ଼ା ଗାଁ ଜନଜୀବନରେ ଏକ ଉତ୍ସବ ମୁଖର ସଞ୍ଜ। ପିଲାଙ୍କ ହୋ ହୋ ଶବ୍ଦ ଭିତରେ ଗାଁ ଯାତ୍ରାର ଗହଳି। ଆର ପାଖରେ ମେଣ୍ଢା କୁଡ଼ିଆ ପୋଡ଼ା ଓ ରାଧାକୃଷ୍ଣଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ପର୍ବ ଗାଁ ପରିବେଶକୁ ଆହୁରି ଜୀବନ୍ତ କରେ। ଅବଧାନଙ୍କ ସତର୍କ ବାଣୀରେ ବୟସ୍କ ଲୋକଙ୍କ ଆଲୋଚନା। ଆହୁରି ଗହଳି ଜମାଏ। ପଞ୍ଚୁଦୋଳ ଜହ୍ନକିରଣକୁ ଖାଲି ବିମାନ ଧରି ବେହେରା ମାନେ ଭାଗବତ ଟୁଙ୍ଗୀକୁ ଫେରିଲା ବେଳେ ଗାଁ ମଣ୍ଡପରୁ ପାଲା ସଂକୀର୍ତ୍ତନର ଶବ୍ଦ ଗାଁକୁ ଜୀବନ୍ତ କରିଥାଏ।


ସହପ୍ରତିରତ୍ନିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


## ଦୋଳ ଉତ୍ସବ

ତପନ କୁମାର ପାଳ

ଫଗୁଣ ମାସର ପୂର୍ଣ୍ଣିମା ଦୋଳ ପୂର୍ଣ୍ଣିମା ଭାବେ ଓଡ଼ିଶାରେ ଲୋକପ୍ରିୟ। ଏହି ପର୍ବରେ ଦୋଳଗୋବିନ୍ଦ ନାମରେ ପୂଜା ପାଆନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ପୁରାଣରେ ଏହା ବସନ୍ତୋତ୍ସବ ନାମରେ ପ୍ରସିଦ୍ଧ। ପ୍ରଭୁ ମଦନଙ୍କ ସମ୍ମାନରେ ଉତ୍ସବ ପାଳନ କରାଯାଉଥିବାରୁ କେତେକ ଶାସ୍ତ୍ରରେ ଏହାକୁ ମଦନୋତ୍ସବ ବୋଲି କୁହାଯାଇଛି। ପରେ ଏହା ଦୋଳୋତ୍ସବ ନାମରେ ଲୋକପ୍ରିୟ ହୋଇଛି। ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ପାଇଁ ଏ ପର୍ବ। ଅନେକ ପୁରାଣରେ ଦୋଳୋତ୍ସବ ବିଷୟରେ ବର୍ଣ୍ଣନା କରାଯାଇଛି।



ପଦ୍ମ ପୁରାଣ ଅନୁଯାୟୀ ଶ୍ରୀକୃଷ୍ଣଙ୍କ ଦୋଳି ଖେଳ ଦେଖିଥିବା ବ୍ୟକ୍ତିର ସମସ୍ତ ପାପ ନାଶ ହୁଏ। କୁହାଯାଏ ପୁରାଣ ଯୁଗରେ ହିରଣ୍ୟକଶ୍ୟପ ନାମକ ରାକ୍ଷସ ପୃଥିବୀ ଉପରେ ରାଜୁତି କରୁଥିଲା। ସେ ନିଜକୁ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳର ରାଜା ବୋଲି ଦାବି କରୁଥିଲା ଏବଂ ନିଜକୁ ପୂଜା କରିବାକୁ ତ୍ରିଭୁବନବାସୀଙ୍କୁ ବାଧ୍ୟ କରୁଥିଲା। କିନ୍ତୁ ତା'ର ପୁତ୍ର ପ୍ରହ୍ଲାଦ ଭଗବାନ ନାରାୟଣଙ୍କର ପରମ ଭକ୍ତ ଥିଲା। ସେଥିପାଇଁ ସେ ହିରଣ୍ୟକୁ ପୂଜା କରିବାକୁ ରାଜି ହେଲାନାହିଁ। ପ୍ରହ୍ଲାଦକୁ ହତ୍ୟା କରିବା ପାଇଁ ହିରଣ୍ୟ ଅନେକ ଚେଷ୍ଟା କଲା, କିନ୍ତୁ ସଫଳ ହେଲାନାହିଁ। ଶେଷରେ ଭଉଣୀ ହୋଲିକାକୁ ସେ ଏହି ଦାୟିତ୍ୱ ପ୍ରଦାନ କଲା। ହୋଲିକା ଅଗ୍ନି ଭିତରେ ପ୍ରହ୍ଲାଦକୁ କୋଳରେ ଧରି ବସିଲା। ପ୍ରହ୍ଲାଦ ବିଷ୍ଣୁ ନାମ ଉଚ୍ଚାରଣ କରି ରକ୍ଷା ପାଇଲା। ହୋଲିକାଙ୍କ ନାମରୁ ହୋଲି ଶବ୍ଦ ଆସିଥିବା କୁହାଯାଏ। ଅଧର୍ମ ଉପରେ ଧର୍ମର ବିଜୟ ପ୍ରତୀକ ସ୍ୱରୂପ ଏହି ପର୍ବ ପାଳିତ ହୁଏ। ଏ ଅବସରରେ ଗ୍ରାମାଞ୍ଚଳରେ ସଂକୀର୍ତ୍ତନ ମଣ୍ଡଳୀମାନେ ଦୋଳ ବିମାନରେ ରାଧାକୃଷ୍ଣଙ୍କୁ ବୁଲାନ୍ତି। ଘରେ ଘରେ ବିମାନ ଅଟକାଇ ଦୋଳ ଠାକୁରଙ୍କୁ ଭୋଗ ଲାଗି କରାଯାଏ। ଚାରି ଦିନ ଧରି ଏହି ପର୍ବ ପାଳିତ ହୁଏ, ଯାହା ଚାଚେରୀ ରୂପେ ପରିଚିତ। ଶେଷ ଦିନ ଅର୍ଥାତ୍ ପୂର୍ଣ୍ଣିମା ଦିନ ଆନନ୍ଦଉଲ୍ଲାସରେ ପାଳନ କରାଯାଏ ଦୋଳ ଉତ୍ସବ।

ହୋଲି ସାଧାରଣତଃ ଏକ ଜାତୀୟ ଗଣ ପାର୍ବଣ। ପ୍ରାୟତଃ ରଙ୍ଗ ଖେଳର ହୋଲି ଛୁଟି ଜାତୀୟ ସରକାରୀ ଓ ବେସରକାରୀ ଛୁଟି ଭାବେ ପରିଚିତ। ବର୍ତ୍ତମାନ କେବଳ ଗାଁରେ ନୁହେଁ ସହରରେ ଥିବା ରାଧାକୃଷ୍ଣଙ୍କ ମନ୍ଦିର ବା ମଠ ମାନଙ୍କର ରାଧାକୃଷ୍ଣଙ୍କ ମୂର୍ତ୍ତି ବିମାନରେ ବୁଲୁଛନ୍ତି। କଟକ ସହରର ହଜାର ବର୍ଷର ପରିଚୟ ଭିତରେ ଦୋଳ ବିମାନ ଯାତ୍ରା କମ୍ ସ୍ମୃତିମୟ ନୁହେଁ। ପାଞ୍ଚଦିନର ଦୋଳବିମାନ ଯାତ୍ରା ଶେଷରେ ପଞ୍ଚଦୋଳରେ ହିଁ ଶେଷ ହୋଇଥାଏ। ସେ ସମୟର ଅବିର ବର୍ତ୍ତମାନ ବି ରହିଛି ହେଲେ କେହି କେହି ଆଧୁନିକ ରଙ୍ଗ ଟିକେ ମିଶାଇ ଦେଇଥାନ୍ତି। ହୋଲି ପର୍ବ ଭାଇଚାରାର ପର୍ବ, ଏହା ଆନନ୍ଦ ଉଲ୍ଲାସର ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଆସନ୍ତୁ ପବିତ୍ର ହୋଲି ଅବସରରେ ନିଜ ସତ୍ କର୍ମମୟ ଜୀବନକୁ ସେବାର ପୂଣ୍ୟତାରେ କର୍ମମୟ କରି ଗଢ଼ି ତୋଳିବା ଏହା ହିଁ ପବିତ୍ର ହୋଲି ଉତ୍ସବର ଅନ୍ତର୍ନିହିତ ତାତ୍ପର୍ଯ୍ୟ।


+ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ


## ପ୍ରେମ ଓ ଫଲ୍‌ଗୁ ଯାତ୍ରା: ଦୋଳଯାତ୍ରା

ଡ଼ଃ.ଅରୁନ୍ଧତୀ ଦେବୀ

ଆଜକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଆଧାତ୍ମିକ ଶ୍ରଦ୍ଧାଳୁ ଓ କୃଷ୍ଣ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି। ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜିଯାଉଥିଲେ ତ ପୁଣି କେତେବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା।

ଏହି ଯାତ୍ରାଟି ପାଞ୍ଚଦିନ ପାଇଁ ପାଳିତ ହୋଇ ପଞ୍ଚଦୋଳ ନାମରେ ନାମିତ ହୋଇ ଏହାର ପରିସମାପ୍ତି ହୋଇଥାଏ । ରାଜ୍ୟର କିଛି ସ୍ଥାନରେ ନବଦୋଳ ଭାବରେ ନଅଦିନ ବ୍ୟାପୀ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏପରିକି ସାତଦିନ ଓ ଦଶଦିନ ଧରି ଦୋଳଯାତ୍ରା କିଛି ସ୍ଥାନରେ ଆୟୋଜିତ ହୋଇଥାଏ । ଫାଲ୍‌ଗୁନ ଶୁକ୍ଳ ତିଥି ଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ ଏହି ପର୍ବର ମୁଖ୍ୟ ଆରାଧ୍ୟ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅଭିର ଅର୍ପଣ କରାଯାଇଥାଏ । ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବ ମୁଖରିତ ହୋଇଉଠିଥାଏ । ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦିତ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚି ଯାଆନ୍ତି । ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦିତ କରିଥାନ୍ତି ଠିକ୍ ସେହିପରି ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେବା ପାଇଁ ଦୋଳଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତ ମାନଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥାନ୍ତି । ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ ଭାରତର ସର୍ବତ୍ର ପ୍ରଚଳିତ । ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ ଯାହାର ନାମ ଥାଏ ଦୋଳମଣ୍ଡପ । ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅଭିର ଅର୍ପଣ କରିଥାନ୍ତି ।





ଦୋଳଯାତ୍ରା ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଲୀଳାଖେଳା ରଚିଥିବା ଗୋପାଳ ଜାତିର ପରିବାରଙ୍କ ପାଇଁ ଏକ ପବିତ୍ର ଦିବସ । ଗୋମାତାର ଜନ୍ମ ଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି । ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟଖଣ୍ଡରେ କବି ଲେଖଛନ୍ତି 'ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଈମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ । ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁ କରି ଗୋପ ଲୋକେ ଗମନ୍ତି ଉଷତେ ।' ଦୋଳ ପୂର୍ଣ୍ଣିମା ଦିନ ରାତିରେ ଠାକୁରମାନଙ୍କ ମିଳନ ହୋଇଥାଏ । ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଲଣ ପଡ଼ିଆକୁ ନିଆଯିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଓ ଚିତାକର୍ଷକ । ପାଟପଟୁଆର, ରୋଷଣୀ, ଲୁପ୍ତପ୍ରାୟ ଲୋକନୃତ୍ୟ, ସଂକୀର୍ତ୍ତନ ପୂର୍ବକ ଶ୍ରୀକୃଷ୍ଣଙ୍କ ବନ୍ଦନା ସହ ଖୋଳକୀର୍ତ୍ତନ ଭିତରେ ବିମାନରେ ପ୍ରେମମୟ ଶ୍ରୀକୃଷ୍ଣ ଅତ୍ୟନ୍ତ ବିମୋହିତ ଭାବରେ ଭକ୍ତଙ୍କ ସହିତ ସତେଯେପରି ଏକାକାର ହୋଇଯାଆନ୍ତି । ଓଡ଼ିଶାର ବିଭିନ୍ନ ମେଲଣ ଭିତରେ ଧର୍ମଶାଳର ମୁନସୀମେଲଣ, ପଞ୍ଚୁପାଣ୍ଡବ ସନ୍ନିକଟ ଓଳକଣା ମେଲଣ ଓ ଗ୍ରାମାଞ୍ଚଳରେ ବେଶ ଲୋକପ୍ରିୟ ହୋଇଥିବା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମର ଅଙ୍କୁରା ମେଲଣ ସହ ଗାଁ ମାଟିର ଗୃହ ଦେବତା ପ୍ରେମମୟ ରାଧାକାନ୍ତ ମଦନ ମୋହନଙ୍କୁ ନେଇ ବର୍ଷ ବର୍ଷ ଧରି ସ୍ୱର୍ଗତଃ ଡାକ୍ତର ବୈକୁଣ୍ଠନାଥ ଭୂୟାଁଙ୍କ ଆୟୋଜନରେ ପ୍ରତିବର୍ଷ ହୁଏ ଭୂୟାଁ ମେଲଣ । ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗ ଖେଳ ।

ବର୍ଷ ବର୍ଷ ଧରି ଓଡ଼ିଶାରେ ଦୋଳଯାତ୍ରା ଓ ଫଗୁର ବିଶେଷତାକୁ ନେଇ ଜଣେ ବିଶିଷ୍ଟ କୃଷ୍ଣପ୍ରେମୀଙ୍କୁ ନେଇ ଗବେଷକ ଡକ୍ଟର ଆର.ଏଲ.ମିତ୍ର ତାଙ୍କ - **"The Antiquities of Odisha"** ଲେଖିଛନ୍ତି **"The red powder (Abir) is largely thrown on them, and every one in the assembled crowd indulges in throwing the powder on his neighbours. The other rituals of the ceremony are observed before Jagannatha Himself in the sanctuaroy'** ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପୀ ନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା । ଦୋଳ ଯାତ୍ରାର ସ୍ମୃତି ମୋ ପିଲାଦିନରୁ ରହିଛି। ସେତେବେଳେ ଆଜିକା ସମୟ ପରି ଆଲୁଅର ଆକର୍ଷଣୀୟ ଯାତ୍ରା ନଥିଲା। ଗୋପାଳମାନେ ଠାକୁରଙ୍କୁ କାନ୍ଧେଇ ଘରକୁ ଘର ବୁଲାଇ ନେଉଥିଲେ। ଖୁବ୍ ହେଲେ ଲଣ୍ଠନ ନ ହେଲେ ଶୁଖିଲା କପଡ଼ା ଗୁଡ଼ା ହୋଇ ଜଡ଼ାତେଲର ବଡ଼ ବଡ଼ ଦୀପ ବଳିଠା। ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀ ମାନଙ୍କୁ ଶୁଭାଶ୍ରୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା।


ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦


## ଉତ୍କଳ ସଂସ୍କୃତିରେ ଦୋଳ ଯାତ୍ରା

ହେମନ୍ତ କୁମାର ଗନ୍ତାୟତ

ଶ୍ରୀଜଗନ୍ନାଥ ସଂସ୍କୃତି କହିଲେ ସ୍ୱତଃ ଭାବେ ବାରି ହୋଇଯାଏ ଉତ୍କଳ ବା ଓଡ଼ିଆଙ୍କ ସଂସ୍କୃତି । ମହାପ୍ରଭୁ ହେଉଛନ୍ତି ଆ'ମ ସାଢ଼େ ଚାରିକୋଟି ଓଡ଼ିଆଙ୍କ ଇଷ୍ଟ ଦେବତା । ସେହିଁ ଆମର ନେତା। ଏହି ଉକ୍ତିକୁ ପ୍ରତିପାଦିତ କରିବାକୁ ଯାଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କହିଛନ୍ତି ଯେ-

' ଉତ୍କଳେ ନେତାର ନାହିଁ ପ୍ରୟୋଜନ ।
ଉତ୍କଳର ନେତା ସ୍ୱୟଂ ନାରାୟଣ ।। '

ତା'ଙ୍କ ବିନା ଆମର ଅସ୍ତିତ୍ୱ ଶୂନ୍ୟ । ଏଣୁ ଆମେ ପ୍ରତ୍ୟେକ କର୍ଯ୍ୟ ଆରମ୍ଭରେ ' ସର୍ବ ମଙ୍ଗଳା ଜଗନ୍ନାଥ ' କହିଥାଉ । ସେହିଁ ପୂର୍ଣ୍ଣ ପରଂବ୍ରହ୍ମ ସ୍ୱରୂପ । ସେ ନିର୍ଗୁଣ, ସେ ସଗୁଣ, ସେ ନିରାକାର ଓ ସେହିଁ ସାକାର । ମହାପ୍ରଭୁ ଶ୍ରୀଜଗନ୍ନାଥ ସର୍ବତନ୍ତ୍ର ସ୍ୱତନ୍ତ୍ର , ସେହିଁ ଶୋଳ କଳାଧାରୀ । ତାଙ୍କରି ପାଖରେ କର୍ମ , ଭକ୍ତି ଓ ଜ୍ଞାନ ମାର୍ଗାଦିର ସ୍ୱତନ୍ତ୍ର ନୀତି ନିୟମ ଦେଖାଯାଏ ତ ବେଳେ ବେଳେ ବାମାଚାର ମାର୍ଗ ତଥା ସାବର ଉପାସନାଦିର ରୀତିନୀତି ମଧ ଦେଖିବାକୁ ମିଳିଥାଏ । ଯେପରି ସମସ୍ତ ପବିତ୍ର ନଦ ନଦୀମାନେ ନିଜର ସ୍ୱତନ୍ତ୍ରତା ଏବଂ ଅସ୍ତିତ୍ୱ ହରାଇ ମହାସାଗରରେ ଲୀନ ହେବାପରେ ଏକାକାର ହୋଇଯାନ୍ତି, ସେହିପରି ସର୍ବମତ ଓ ସର୍ବପନ୍ଥ ସମାହିତ ଏକ ରସ ହୋଇ ଜଗନ୍ନାଥ ତତ୍ତ୍ୱ ହୋଇଯାନ୍ତି । ସେ ଲୀଳାମୟ ପୁରୁଷ , ଯାହାଙ୍କ ଲୀଳା ହର ବ୍ରହ୍ମାଙ୍କୁ ଅଗୋଚ ତାହାଙ୍କ ଲୀଳାକୁ ବୁଝିବା ଆମପରି ସାମାନ୍ୟ ମନୁଷ୍ୟ ପକ୍ଷେ ଦୁରୂହ ବ୍ୟାପାର । ମହାପ୍ରଭୁ ଜଗନ୍ନାଥ ଭକ୍ତବତ୍ସଳ ଭାବଗ୍ରାହୀ । ସେହି ଭାବବିନୋଦିଆ କାଳିଆ ଠାକୁର ଭକ୍ତମାନଙ୍କ ପାଇଁ ପରମ ପାବନ ମର୍ତ୍ତ୍ୟ ବୈକୁଣ୍ଠ ନୀଳାଚଳଧାମ ଶ୍ରୀମନ୍ଦିରର ରତ୍ନସିଂହାସନରେ ଜ୍ୟେଷ୍ଠ ଭାଇ ଶେଷ ନାଗ ଶ୍ରୀବଳଭଦ୍ର , ଆଦିଶକ୍ତି ମହାମାୟା ଦେବୀ ସୁଭଦ୍ରା ଏବଂ ଚକ୍ରାୟୁଧ ଶ୍ରୀସୁଦର୍ଶନ ସହିତ ମିଶି ଲୀଳା କରିବା ସହ ବାର ମାସରେ ତେର ଯାତ୍ରା ଅନୁଷ୍ଠାନ କରିଥାନ୍ତି । ସେହି ଯାତ୍ରାମାନଙ୍କ ମଧ୍ୟରୁ ଗୋଟାଏ ହେଉଛି ଦୋଳଯାତ୍ରା ।

ଘୋଷ ଯାତ୍ରା ଓ ସ୍ନାନ ଯାତ୍ରା ବ୍ୟତୀତ ଦୋଳଯାତ୍ରା ପୁରୀ ଶ୍ରୀମନ୍ଦିରର ଏକ ବିଶିଷ୍ଟ ପର୍ବ । ଶ୍ରୀଜଗନ୍ନାଥଙ୍କର ଯେତେ ଯାନିଯାତ୍ରାର ସବୁ ଉଲ୍ଲେଖ ରହିଛି, ସେଥି ମଧ୍ୟରୁ ଦୋଳଯାତ୍ରାର ବିଶେଷ ଗୁରୁତ୍ୱ ରହିଛି । ଦୋଳବିମାନରେ ଦୋଳ ଗୋବିନ୍ଦ, ବାହାର ଚନ୍ଦନ ଯାତ୍ରାରେ ସୁସଜ୍ଜିତ ପାଲିଙ୍କିରେ ଚାପ କ୍ରୀଡା ପାଇଁ ମଧୁସୂଦନ ଓ ରଥଯାତ୍ରାରେ ପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀ ଏଂ ସୁଦର୍ଶନଙ୍କୁ ନେଇ ଯାତ୍ରା କରିଥାନ୍ତି । ଏହି ତିନିଗୋଟି ଯାତ୍ରାରେ ଯେଉଁ ଭକ୍ତମାନେ ଦର୍ଶନ କରିଥାନ୍ତି, ସେହି ଭକ୍ତମାନଙ୍କ ପୁନର୍ଜନ୍ମ ହୋଇନଥାଏ ବୋଲି ବିଶ୍ୱାସ ରହିଛି । ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ତଥା ଶ୍ରୀଗୀତଗୋବିନ୍ଦର ରଚୟିତା ପରମ ବୈଷ୍ଣବ ନିଜର ବସନ୍ତରାସରେ ଉଲ୍ଲେଖ କରିଛନ୍ତି ଯେ -

' ଦୋଳେ ତୁ ଦୋଳ ଗୋବିନ୍ଦସ୍ୱ ଚାପେ ତୁ ମଧୁସୂଦନମ୍
ରଥେ ତୁ ବାମନସ୍ୱ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।'

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭିନ୍ନ ଭିନ୍ନ ନାମରେ ବିଭିନ୍ନ ମାସମାନଙ୍କରେ ପୂଜାର୍ଚ୍ଚନା କରାଯାଇଥାଏ । ସେହି ଗୁଡ଼ିକ ମଧ୍ୟରୁ ଫାଲଗୁନ ମାସରେ ପ୍ରଭୁଙ୍କୁ ଗୋବିନ୍ଦ ନାମରେ ଅଭିହିତ କରାଯାଇଛି । ଏଣୁ ଏ ମାସର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିଟି ଗୋବିନ୍ଦ ଦ୍ୱାଦଶୀ ନାମରେ ସୁପ୍ରସିଦ୍ଧ ଅଟେ । ମର୍ତ୍ତ୍ୟ ବୈକୁଣ୍ଠ ପୁରୀରେ ଦୋଳଯାତ୍ରାକୁ ବୈଷ୍ଣବୀୟ ରୀତିନୀତିରେ ଅତି ଆଡମ୍ବର ସହକାରେ ପାଳନ କରାଯାଏ । ଏହାକୁ ଚାଚେରୀ ଲୀଳା ବୋଲି ମଧ କୁହାଯାଏ । ଫଗୁଦଶମୀ ଦିନଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଦୋଳବିମାନରେ ଆରୁଢ଼ହୋଇ ଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୁଦେବୀ ପ୍ରତି ମଧ୍ୟାହ୍ନ ରୀତିନୀତି ବଢ଼ିବା ପରେ ଶ୍ରୀଜଗନ୍ନାଥବଲ୍ଲଭ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି । ସେହିପରି ଫାଲଗୁନ ମାସ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିର ବେଢା ପରିକ୍ରମାକରି ସେବକମାନଙ୍କ ସଙ୍ଗରେ ସିଂହଦ୍ୱାର ପାରହୋଇ ଭକ୍ତମାନଙ୍କ ମେଳରେ ଦୋଳ ବେଦିକୁ ଯାତ୍ରା କରିଥାନ୍ତି । ସେଠାରେ ଉତ୍ସାହ ଓ ଉଦ୍ଦୀପନା ସହ ଏକ ଭାବଭକ୍ତି ପୂର୍ଣ୍ଣ ଦୃଶ୍ୟ ସୃଷ୍ଟି ହୋଇଥାଏ । ଦୋଳ ବେଦୀରେ ପହଞ୍ଚିବା ପରେ ଆରମ୍ଭ ହୁଏ ଫଗୁଲାଗି । ପୂଜାଅର୍ଚ୍ଚନା ଓ ଭୋଗରାଗ ପରେ ଠାକୁରମାନେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହା ପରେ ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ମଧ ହୋଇଥାଏ । ଏହାକୁ ରାଜରାଜେଶ୍ୱର ବେଶ କୁହାଯାଏ । ଏହିଦିନ ଓଡ଼ିଶାର ପ୍ରତ୍ୟେକ ମନ୍ଦିରରେ ପଞ୍ଜିକା ପାଠ କରାଯାଏ।

ଦୋଳଯାତ୍ରା ବିଷୟରେ ବିଭିନ୍ନ ବର୍ଣ୍ଣନାରୁ ପ୍ରତ୍ୟମାନ ହୁଏ ଯେ, ଅତି କମରେ ଦୀର୍ଘ ଆଠଶହ ବର୍ଷତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି । ଏହାର ଗୁରୁତ୍ୱ ବୈଷ୍ଣବ ଧର୍ମ ପରମ୍ପରାର ପ୍ରଚାର ଓ ପ୍ରସାର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେବେ ଏହା ମୁଖ୍ୟତଃ ଗ୍ରାମ ଗ୍ରାମ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଏକ ସ୍ନେହ, ସଦ୍‌ଭାବ ଓ ପାରମ୍ପରିକ ସୌହାର୍ଯ୍ୟର ପରିଚାୟକ ପର୍ବ ଭାବରେ ପାଳିତ ହୋଇଥାଏ । ସାଧାରଣତଃ ଏହି ଯାତ୍ରା ପାଞ୍ଚଦିନ ପାଇଁ ମହାସମାରୋହରେ ପାଳିତ ହୋଇ ରଜଦୋଳ ବା ପଞ୍ଚୁଦୋଳ ନାମରେ ନାମିତ ହୋଇଥାଏ । କେତେକ ସ୍ଥାନରେ ଫାଲଗୁନ ମାସର ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ପଞ୍ଚଦୋଳ ଭାବେ ଯାତ୍ରା ପାଳନ କରାଯିବାବେଳେ ଆଉ କେତେକ ସ୍ଥାନରେ ପୂର୍ଣ୍ଣିମା ଦିନକୁ ପର୍ବର ଶେଷ ଦିବସ ରୂପେ ରଜଦୋଳ ନାମରେ ନାମିତ ହୋଇ ଏହି ଯାତ୍ରା ଶେଷହୁଏ ।


+ ଆସିକା , ଗଞ୍ଜାମ

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୪ ମାର୍ଚ୍ଚ ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆମେରିକା ସହାୟତାର ଅନ୍ତରାଳେ...

ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱକୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଏକ ସଂସ୍ଥା ସୃଷ୍ଟି କରିଛି, ଯାହା ୟୁନାଇଟେଡ ଷ୍ଟେଟ୍ସ ଏଜେନ୍ସି ଫର ଇଣ୍ଟରନ୍ୟାଶନାଲ୍ ଡେଭେଲପମେଣ୍ଟ (ୟୁଏସ୍ଏଡ୍) ରୂପେ ବିଦିତ। ଗତ କିଛିଦିନ ଧରି ଏହା ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଛି। ଯଦିଓ ଆମେରିକାର ବୈଦେଶିକ ସହାୟତା ବା ସମର୍ଥନକୁ ପ୍ରାୟତଃ ସଦ୍ଭାବନା ଉଦ୍ଦେଶ୍ୟରେ ଗ୍ରହଣ କରାଯାଏ, ବାସ୍ତବରେ ସେହି ଦେଶ ଛଦ୍ମ ଭାବରେ ଜାତୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାଏ। ଆମେରିକା ତା'ର ବିଶ୍ୱ ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଚୀନ୍, ରୁଷ ଓ ଇରାନ ପରି ପ୍ରତିଦ୍ୱନ୍ଦ୍ୱୀ ଦେଶମାନଙ୍କୁ ମୁକାବିଲା କରିବା ପାଇଁ ସହଯୋଗୀ ରାଷ୍ଟ୍ରମାନଙ୍କୁ ସାହାଯ୍ୟ ଓ ସାମରିକ ସମର୍ଥନ ପ୍ରଦାନ କରିଆସିଛି। ସେହିପରି ଯୁଦ୍ଧ ଲାଗି ରହିଥିବା ଦେଶଗୁଡ଼ିକରେ ସାମରିକ ଘାଟି ସ୍ଥାପନ ଏବଂ ବିଶ୍ୱ ବ୍ୟାପାରରେ ପ୍ରଭାବ ବିସ୍ତାର ଏହାର ଲକ୍ଷ୍ୟ। ଆମେରିକା ଅନ୍ୟ ରାଷ୍ଟ୍ରଗୁଡ଼ିକୁ ସାହାଯ୍ୟ କରିବା ମାନସିକତା ପଛରେ ପ୍ରାୟତଃ ବାଣିଜ୍ୟିକ ଉଦ୍ଦେଶ୍ୟ ଜଡ଼ିତ ଥାଏ। କାରଣ ସାହାଯ୍ୟ ଗ୍ରହଣକାରୀ ଦେଶଗୁଡ଼ିକ ଆମେରିକୀୟ ସାମଗ୍ରୀ ଓ ସେବା କିଣିବାକୁ ବାଧ୍ୟ ହୁଅନ୍ତି। ଭାରତ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକା ପରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ନୂତନ ବଜାର ସୃଷ୍ଟି କରନ୍ତି। ଏହାବଦଳରେ ଆମେରିକା ସେମାନଙ୍କଠାରୁ ବିରଳ ଖଣିଜ ପଦାର୍ଥ କମ ମୂଲ୍ୟରେ ହାତେଇବାକୁ ବା ନିଜର ଦ୍ରବ୍ୟଗୁଡ଼ିକୁ ବିକ୍ରୟ କରିବାକୁ ବଡ଼ ବଜାରର ସୁଯୋଗ ପାଇଥାଏ। ବିଶ୍ୱରେ ଆତଙ୍କବାଦ ସହିତ ଲଢୁଥିବା ଦେଶଗୁଡ଼ିକୁ ଆମେରିକାର ସହାୟତା ଲୋକାଦୃତ। ସେଥିପାଇଁ ଇସ୍ରାଏଲ, ସାଉଦି ଆରବ ଓ ପାକିସ୍ତାନ ଭଳି ରାଷ୍ଟ୍ରଗୁଡ଼ିକୁ ଆମେରିକା ସାମରିକ ସହାୟତା ଦେଇ ସେହି ଦେଶଗୁଡ଼ିକର ତେଲ ଖଣିରୁ ଫାଇଦା ଉଠାଇବା ତା'ର ମୁଖ୍ୟ ଉଦ୍ଦେଶ୍ୟ। ସେହିଭଳି ପାକିସ୍ତାନକୁ ସଶକ୍ତ କଲେ ତାହା ଭାରତ ପ୍ରତି ବିପଦ ସୃଷ୍ଟି କରିବାକୁ ସକ୍ଷମ ହେବ। ଭାରତ ଅସ୍ଥିର ହେଲେ ଆମେରିକା ପାଖକୁ ସମାଧାନ ପାଇଁ ନିଶ୍ଚୟ ଯିବ। ଆମେରିକା ସମାଧାନ ବଦଳରେ ଭାରତର ବୃହତ ବଜାରରେ ସୁବିଧାରେ ପ୍ରବେଶ ପାଇଁ ସୁଯୋଗ ପାଇବ। ୧୯୭୧ ମସିହାରେ ପାକିସ୍ତାନକୁ ସାମରିକ ସାହାଯ୍ୟ ପ୍ରଦାନ କରି ଭାରତକୁ ହରାଇବାକୁ ଆମେରିକାର ହୀନ ପ୍ରୟାସ ତାର ଜ୍ୱଳନ୍ତ ଉଦାହରଣ। ଯଦି ସେ ସମୟରେ ସର୍ବକାଳୀନ ବନ୍ଧୁରାଷ୍ଟ୍ର ସୋଭିଏତ ରୁଷ ସାମରିକ ସାହାଯ୍ୟ ପ୍ରଦାନ କରି ନଥା'ନ୍ତା ତେବେ ଭାରତର ଅବସ୍ଥା ଆଜି କ'ଣ ହୋଇଥା'ନ୍ତା ତାହା ଚିନ୍ତା କରିବାର ବିଷୟ। ଅନେକ ସମୟରେ ଆମେରିକା ପାଇଁ ଅନୁକୂଳ ନୀତି ଗ୍ରହଣ କରିବାକୁ ବିଭିନ୍ନ ଦେଶର ସରକାରଗୁଡ଼ିକ ଉପରେ ଚାପ ପଡ଼େ। ବିଭିନ୍ନ ସଂକ୍ରାମକ ନିରୋଧୀ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ସହାୟତା ଫଳରେ ବିକାଶଶୀଳ ଦେଶର ଲୋକମାନଙ୍କ ମଧ୍ୟରେ ଆମେରିକା ସପକ୍ଷରେ ଭଲ ଭାବନା ଭାବନା ସୃଷ୍ଟି ହୁଏ। ଆହୁରି ମଧ୍ୟ ସହାୟତା ପ୍ରଦାନ କରିବା ଦ୍ୱାରା ପ୍ରମୁଖ ରାଷ୍ଟ୍ରଗୁଡ଼ିକ ସହିତ ସମ୍ପର୍କ ସୁଦୃଢ଼ ହୁଏ। ଏହାଫଳରେ ଜାତିସଂଘ, ଆଇଏମଏଫ ଓ ଡବ୍ଲ୍ୟୁଏଚଓ ଭଳି ଅନ୍ତର୍ଜାତୀୟ ସଂଗଠନରେ ଆମେରିକା ପ୍ରତି ସମ୍ମାନର ବାତାବରଣ ସୃଷ୍ଟି ହୋଇଥାଏ। ନିଜ ସ୍ୱାର୍ଥ ପାଇଁ ଅନୁକୂଳ ନୀତି ଯୋଗୁଁ ଆମେରିକା ସାମରିକ ଓ ଆର୍ଥିକ ସହାୟତାକୁ ଏକ ବ୍ୟବସାୟିକ ଅସ୍ତ୍ର ଭାବରେ ବ୍ୟବହାର କରେ। ତା'ର ଅଧିକାଂଶ ସହାୟତା ଓ ସମର୍ଥନ ସର୍ତ୍ତ ଜଡ଼ିତ ହୋଇଥାଏ, ଯାହାଫଳରେ ସାହାଯ୍ୟ ଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକ ଆମେରିକୀୟ ବୈଦେଶିକ ନୀତିର ଲକ୍ଷ୍ୟ ସହିତ ଅନେକାଂଶରେ ଏକମତ ହୁଅନ୍ତି। ନିକଟରେ ଭାରତର ଲୋକସଭା ନିର୍ବାଚନକୁ ପ୍ରଭାବିତ କରିବାକୁ ଆମେରିକାର ଅର୍ଥ ସହାୟତା ଭଳି ଟ୍ରମ୍ପଙ୍କର ବୟାନ ଭାରତର ଭୋଟରଙ୍କ ଅଧିକାରକୁ ନିଶ୍ଚିତ କରିବା ପାଇଁ ଦିଆଯାଇଥିବା ଅଭିଯୋଗରୁ ସ୍ପଷ୍ଟ ହୋଇଥିଲା ଯେ ଆମେରିକା ଆମ ନିର୍ବାଚନରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲା ବା କରି ଆସୁଛି। ତଥାପି ସହାୟତାରୁ କିଏ ଲାଭ ପାଇଲା ସେ ବିଷୟରେ ପ୍ରଶ୍ନ ଉଠିବା ପରେ ଏହା ପ୍ରକୃତରେ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା କି ନାହିଁ, ତାହା କୁହେଳିକା ଅବସ୍ଥାରେ ରହିଛି। ହୁଏତ ଭବିଷ୍ୟତରେ ଏହା ଲୋକଲୋଚନକୁ ଆସିପାରେ। ମାତ୍ର ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା କିପରି ବାହ୍ୟଶକ୍ତି ଦ୍ୱାରା ପ୍ରଭାବିତ ଓ ପରିଚାଳିତ ତାହା ଏଥିରୁ ସ୍ପଷ୍ଟ ଅନୁମେୟ। ଆମେ ଆଉଗୋଟିଏ ଉଦାହରଣ ମଧ୍ୟ ନେଇ ପାରିବା। ଯଦି ଭାରତ ସହିତ ଆମେରିକାର ଏତେ ଭଲ ସମ୍ପର୍କ, ତେବେ ଫେବୃଆରୀ ୫, ୨୦୨୫ରେ ଆମେରିକା ଏକ ସାମରିକ ବିମାନରେ ୧୦୪ ଜଣ ଭାରତୀୟ ନାଗରିକଙ୍କୁ ହାତକଡ଼ି ଓ ଗୋଡ଼ରେ ଶିକୁଳି ପକାଇ ଭାରତକୁ ପଠାଇ ଦେଇଥିଲା କାହିଁକି ? ଏଥିଯୋଗୁଁ ଭାରତ ସରକାର ବିରୋଧୀଦଳ ଓ ମାନବାଧିକାର କର୍ମୀମାନଙ୍କର ସମାଲୋଚିତ ହୋଇଛନ୍ତି। ଯଦିଓ ସେହି ଭାରତୀୟମାନେ ଲୁଚି ଛପି ଆମେରିକା ଯାଇଥିଲେ ବା କାହାର ଭିସା ସମୟ ଅବଧି ସରିଯାଇଥିଲା, ମାତ୍ର ସେମାନେ କୌଣସି ଚୋରୀ ବା ଠକେଇରେ ସମ୍ପୃକ୍ତ ନଥିଲେ ବା ସେମାନଙ୍କ ନାମରେ କୌଣସି ଅପରାଧିକ ମାମଲା ନଥିଲା। ଆମେରିକାର କୋଷାଗାର ସୂତ୍ର ଅନୁସାରେ, ୟୁଏସଏଡ୍ ଏହାର ଫେଡେରାଲ୍ ବଜେଟର କେବଳ ୦.୭ ପ୍ରତିଶତ। ସାମ୍ପ୍ରତିକ ସମୟରେ ସର୍ବାଧିକ ଗ୍ରହଣକାରୀ ରାଷ୍ଟ୍ର ହେଉଛି ୟୁକ୍ରେନ। ଯଦି ଆମେ ୨୦୧୪ ରୁ ୨୦୨୩ ମଧ୍ୟରେ ଦଶ ବର୍ଷ ପାଇଁ ଭାରତର ଚାରିପାଖରେ ଥିବା ଦେଶଗୁଡ଼ିକୁ ଦେଖିବା, ତେବେ ଆଫଗାନିସ୍ତାନ ୧୧.୬୮ ବିଲିୟନ ଡଲାର, ପାକିସ୍ତାନ ୩.୯ ବିଲିୟନ ଡଲାର, ବାଂଲାଦେଶ ୩.୨ ବିଲିୟନ ଡଲାର, ମିଆଁମାର ୧.୯ ବିଲିୟନ ଡଲାର, ନେପାଳ ୧.୬ ବିଲିୟନ ଡଲାର ଏବଂ ଭାରତ ସବୁଠାରୁ କମ ୧.୩ ବିଲିୟନ ଡଲାରର ଆମେରିକାଠାରୁ ସହାୟତା ପାଇଛି। ତେଣୁ ଟ୍ରମ୍ପଙ୍କ ବିରୋଧ ଅଧିକ ବୈଚାରିକ ବା ଆର୍ଥିକ ବାଧ୍ୟବାଧକତାରୁ ନୁହେଁ। ଏହା ସତ୍ୟ ଯେ ଆମେରିକା ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଚୀନର ପ୍ରଭାବକୁ ଦମନ କରିବାରେ ଭାରତକୁ ଏକ ପ୍ରମୁଖ ଅଂଶୀଦାର ଭାବରେ ଦେଖି ଆମେରିକା କିଛି କିଛି ସହାୟତା ଦେଉଛି। ଭାରତ ମଧ୍ୟ ଏଥିରେ ଖୁସି। ମାତ୍ର ଆମେରିକାର ସାହାଯ୍ୟ ଚୀନ୍‌ଠାରୁ ଭାରତକୁ ରକ୍ଷା କରିବା ନୁହେଁ। ଚୀନକୁ ଆମେରିକାଠାରୁ କମ ଶକ୍ତିଶାଳୀ ବୋଲି ବିଶ୍ୱକୁ ଜଣାଇବା ସହିତ ଭାରତରେ ମୁକ୍ତ ବାଣିଜ୍ୟ କରିବାର ଏକ ସୁବିଧା ରାସ୍ତା ବାଛିବା।

# କଟକରେ ଦୋଳ ପର୍ବ




ସୁଷମା ପରିଜା


ଅପୂର୍ବ ଆମ ଓଡ଼ିଶା, ବୈଦିକ ଯୁଗର ସନାତନ ଧର୍ମ ଭଳି ଶୈବ, ଶାକ୍ତ, ଗାଣପତ୍ୟ, ବୌଦ୍ଧ ଧର୍ମ, ଜୈନ ଧର୍ମର ଅପୂର୍ବ ସମାହାର ଦେଖିବାକୁ ମିଳେ ଏଠାରେ । ଆଉ ପରବର୍ତ୍ତୀ ସମୟରେ ଓଡ଼ିଶା ମରହଟ୍ଟା, ପର୍ତ୍ତୁଗୀଜ୍, ମୋଗଲ, ଇଂରେଜ ମାନଙ୍କ ଅଧୀନରେ ଥିବା ବେଳେ ସେମାନଙ୍କ ଧର୍ମ ମଧ୍ୟ ସାମିଲ ହୋଇଯାଇଛି ଓଡ଼ିଶାର ଧର୍ମ ଧାରଣା ମଧ୍ୟରେ। ସବୁ ଧର୍ମର ନିଜ ନିଜର ସ୍ୱାତନ୍ତ୍ୟ ଭିତରେ ସମନ୍ୱୟ ମଧ୍ୟ ଦେଖିବାକୁ ମିଳିଥାଏ ଓଡ଼ିଶାରେ। ଆଉ ତତ୍ କାଳୀନ ଓଡ଼ିଶାର ରାଜଧାନୀ କଟକ ହେଉଛି ଏହାର ବଳିଷ୍ଠ ଉଦାହରଣ।

ଏଠାରେ ସମସ୍ତ ସମ୍ପ୍ରଦାୟର ଲୋକ ବାସ କରନ୍ତି ଏବଂ ସମସ୍ତେ ନିଜ ନିଜର ଧର୍ମର ସମସ୍ତ ପର୍ବପର୍ବାଣୀ ପାଳନ କରନ୍ତି ନିଜର ଚଳଣି ମୁତାବକ। ଭାଇଚାରାର ସହର କଟକରେ ଧର୍ମର ଭେଦଭାବ ନଥାଏ। ଏଠାରେ ଦୋଳ ଦଶହରାରେ ମୁସଲମାନ, ଖ୍ରୀଷ୍ଟିଆନ ମାନେ ଯୋଗ ଦିଅନ୍ତି ଯେତିକି ଆଗ୍ରହରେ, ଇଦ୍, ରମଜାନ, ଇଷ୍ଟର୍, କ୍ରିସମାସ୍‌ରେ ହିନ୍ଦୁ ମାନେ ଯୋଗ ଦିଅନ୍ତି ଯେତିକି ଆଗ୍ରହ ରେ।

କଟକରେ ବାର ମାସରେ ତେର ଯାତ୍ରା, ସବୁ ଯାତ୍ରାର ମହକ ଭିନ୍ନ ଭିନ୍ନ। ସେ ବୈଶାଖ ମାସର ଚନ୍ଦନଯାତ୍ରା ହେଉ ବା ଜ୍ୟେଷ୍ଠ ରେ ରଜ ପର୍ବ କି ଆଷାଢ଼ର ରଥଯାତ୍ରା,ଶ୍ରାବଣର ଝୁଲଣ ଯାତ୍ରା, ଭାଦ୍ରବର ଖୁଦୁରୁକୁଣୀ ମେଳନ, ଆଶ୍ୱିନର ଦଶହରା, କାର୍ତ୍ତିକର ପଞ୍ଚୁକ, ବାଲିଯାତ୍ରା, ମାର୍ଗଶିରର ମାଣବସା ପୌଷର ରବିବାର ଓଷା, ମାଘର ମାଘମେଳା, ଫଗୁଣର ଦୋଳ ଆଉ ଚୈତ୍ର ମାସର ରାମନବମୀ କଟକିଆ ସବୁ ପର୍ବପର୍ବାଣିକୁ ସମାନ ଭାବରେ ପାଳନ ଉପଭୋଗ କରିଥାନ୍ତି ।

ପ୍ରାୟ ପଞ୍ଚଦଶ ଶତାବ୍ଦୀରୁ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରବେଶ ଘଟିଥିଲା। ଓଡ଼ିଶା ରେ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ପରେ ସବୁ ଜିଲ୍ଲା ଗୁଡ଼ିକରେ ଭାଗବତ ଟୁଙ୍ଗି ଏବଂ ମଠ୍ୱାଡ଼ିର ସ୍ଥାପନ କରାଯାଇଥିଲା। ଓଡ଼ିଶାର ତତ୍ କାଳୀନ ରାଜଧାନୀ କଟକ ନଗରରେ ମଧ୍ୟ ଅନୁରୂପ ବାସ୍ତରିଟି ମଠ ଆଉ ଅନେକ ଛୋଟ୍ୱଡ ଟୁଙ୍ଗି ଗଢି ଉଠିଥିଲା । ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ସମ୍ପନ୍ନ ପରିବାର ଅଥବା ସାହି ମୁରବୀମାନଙ୍କ ଉପରେ ନ୍ୟସ୍ତ ହୋଇଥିଲା। ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ କଟକର ବକ୍ସିବଜାର ଅନ୍ତର୍ଗତ ବଡେଇ ସାହିଠାରେ ଥିବା ମଠକ ବାସ୍ତରିମଠ ନାମରେ ନାମିତ କରି ସେଠାରେ ମଣ୍ଡଳ ମହାସଭାଟିଏ ଗଠନ କରାଗଲା। କଟକ ସହରର ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଚାରି ଦିଗରେ ଥିବା ସମସ୍ତ ମଠ ଗୁଡ଼ିକୁ ଦିଗଭାଗ ମଣ୍ଡଳ ଅନ୍ତର୍ଭୁକ୍ତ କରାଗଲା, ଯଥା ୧୬ ଦିଗଭାଗ ମଣ୍ଡଳ, ୨୨ଦିଗଭାଗ ମଣ୍ଡଳ, ୨୫ ଦିଗଭାଗ ମଣ୍ଡଳ ଏବଂ ୧୯ ଦିଗଭାଗ ମଣ୍ଡଳ । ପ୍ରତ୍ୟେକ ମଠର ସୁପରିଚାଳନା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ଜଣେ ଅଧିକାରୀ, ଜଣେ ମହନ୍ତ ଏବଂ ଜଣେ କଟୁଆଳ ଭାବରେ ନିଯୁକ୍ତି ଦିଆଗଲା। ମଣ୍ଡଳ ମହାସଭାର ମେଳନ ବା'ସ୍ତରି ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥାଏ । ମହାସଭା ନିମନ୍ତେ ଅଧିକାରୀ ମଠର ମୁଖ୍ୟ ଏବଂ ମହନ୍ତ ହିସ୍ୱ ରକ୍ଷକ ଆଉ କଟୁଆଳ ସମ୍ବାଦ୍ୱାହୀ ଯୋଗସୂତ୍ର ରକ୍ଷାକାରୀ ଭାବରେ କାର୍ଯ୍ୟ କଲେ। କୃଷ୍ଣ ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଝୁଲଣ ପୂର୍ଣ୍ଣିମା, ଶରତ ରାସ, ବସନ୍ତ ରାସ ଇତ୍ୟାଦି ଉତ୍ସବ ନିଜ ନିଜ ମଠରେ ସ୍ୱତନ୍ତ୍ର ଭାବରେ ପାଳନ କରାଯାଇଥାଏ ଏବଂ ଇଚ୍ଛାମତେ ଅନ୍ୟ ମଠ ଗୁଡ଼ିକୁ ନିମନ୍ତ୍ରଣ ଦିଆଯାଇଥାଏ କିନ୍ତୁ ଫଗୁଣ ମାସର ଶୁକ୍ଳପକ୍ଷ ଦଶମୀ ଦିନରୁ ପ୍ରତ୍ୟେକ ଦିଗଭାଗ ମଣ୍ଡଳ ରେ ସମୂହ ମେଳନ ଆରମ୍ଭ ହୋଇଥାଏ । କଟକର ରାଣୀହାଟ, ମଙ୍ଗଳା ବାଗ, ଦୋଳମୁଣ୍ଡାଇ, ବଳଭଦ୍ର ପୁର, ତିନିଘରିଆ, ଡଗରପଡା, ଚୌଧୁରୀ ବଜାର ଇତ୍ୟାଦି ସ୍ଥାନ ର ଦୋଳ ମେଳଣ ଖୁବ୍ ପ୍ରସିଦ୍ଧ। ଫାଲଗୁନ ଶୁକ୍ଳ ଦଶମୀରୁ ଆରମ୍ଭ ହୋଇ ଏହା ଲାଗି ରହିଥାଏ ଚୈତ୍ର ମାସର କୃଷ୍ଣ ପକ୍ଷର ଦଶମୀ (ଦଶଦୋଳ) ଯାଏଁ।

ରଙ୍ଗ ଏ୍ୱଂ ପ୍ରେମର ର୍ପ୍ୱ ଦୋଳ ସାଧାରଣତଃ ଅପ୍ରାକୃତ ପ୍ରେମ ମୂର୍ତ୍ତି ଶ୍ରୀରାଧାକୃଷ୍ଣ ଙ୍କ ର ବସନ୍ତ ରାସ ଭାବରେ ପାଳିତ ହୋଇଥାଏ । ଏଥିପାଇଁ ସବୁ ମଠ ରେ ରହିଥାଏ ଦୋଳ୍ୱିମାନ। କାଠରେ ତିଆରି ଏହି ଦୋଳ୍ୱିମାନ ପୁଣି ବିଭିନ୍ନ କୁଟିକମ କରା ହୋଇଥାଏ। ଦୋଳ ବିମାନ ରେ ଲାଗି ଥିବା ୍ୱାହୁ ଦୁଇଟିକୁ ଶ୍ରଦ୍ଧାଳୁ ଭକ୍ତମାନେ କାନ୍ଧରେ କାନ୍ଧେଇ ନିଅନ୍ତି। ଦୋଳ ବିମାନ ଗୁଡ଼ିକ କେଉଁଠି ପିତ୍ତଳ ଛାଉଣି ତ' ଆଉ କେଉଁଠାରେ ରୂପା ଛାଉଣି ହୋଇ ଅତ୍ୟନ୍ତ ମନୋହର ଦିଶୁଥାଏ। ଚଳିତ ବର୍ଷ ପ୍ରଥମ କରି କାଠଗଡା ସାହିର ଦୋଳ ବିମାନକୁ ସୁନା ଛାଉଣି କରାଯାଇଛି। ଏଥିରେ ଅଢେଇ କିଲୋ ସୁନା ବ୍ୟବହାର କରାଯାଇଛି। ଏହି ସୁନାର ଦୋଳ ବିମାନଟି ଏଥରକ ୨୫ ଦିଗ ଭାଗ ମଣ୍ଡଳର ରଘୁନାଥଜୀୟୁ ମେଳଣ ରେ ଭାଗ ନେବ। ଏହା କଟକର ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଆରମ୍ଭ କରିବ ।

ଫାଲଗୁନ ଶୁକ୍ଳ ଦଶମୀଠାରୁ ଆରମ୍ଭ ହୋଇଥାଏ ଦୋଳ ଠାକୁରଙ୍କ ଭୋଗଖିଆ। ସୁସଜ୍ଜିତ ଦୋଳବିମାନରେ ଦୋଳଗୋବିନ୍ଦ ଏବଂ ରାଧାରାଣୀଙ୍କୁ ବସାଇ ଭକ୍ତମାନେ ଛତ୍ର, ଆଡେଣୀ ଶୋଭାଯାତ୍ରାରେ ଖୋଳ, କରତାଳ ଝାଞ୍ଜ ମୃଦଙ୍ଗ, ବିଜେ କାହାଳୀ ବଜାଇବଜାଇ ସାହିର ପ୍ରତ୍ୟେକ ଘରକୁ ଭୋଗ ଖାଇବା ପାଇଁ ନିଅନ୍ତି। ସବୁ ଘରର ଆଗରେ ଧୂଆପୋଛା ହୋଇ କୋଉଠି ନୂଆ ଲୁଗା କୋଉଠି ନୂଆ ପିଢ଼ା ପକାଇ ଅପେକ୍ଷା କରିଥାନ୍ତି ପରିବାର ସଦସ୍ୟ ମାନେ। ଠାକୁର ମାନଙ୍କୁ ଧୂପ ଦୀପ ଦେଇ ବନ୍ଦାପନା କରି ଆସନ ଗ୍ରହଣ କରିବାକୁ ଅନୁରୋଧ କରନ୍ତି। ପୂଜାର୍ଚ୍ଚନା ଆରମ୍ଭ ହୁଏ। କଷି ଆମ୍ବ ପେଣ୍ଠା ସହ ଖଜା ଶାକର ଭୋଗ ଏବଂ ରଙ୍ଗ ଅବିର ଲାଗି ହୋଇଥାନ୍ତି ଠାକୁର ମାନେ। ବେଲ, ଛେନା, ଗୁଡ, ନଡ଼ିଆ ଗୋଲମରିଚ ମିଶାଇ ତିଆରି ହୋଇଥିବା ପଣା ଘରେ ଘରେଘରେ ତିଆରି କରାଯାଏ ଭକ୍ତମାନଙ୍କ ପାଇଁ । ପୂଜାର୍ଚ୍ଚନା ସମାପ୍ତ ହେଲାପରେ ସମସ୍ତେ ପଣା ଭୋଗ ଖାଇ ପୁଣି ଆଗେଇ ଯାଆନ୍ତି ଆଉ ଗୋଟିଏ ଘରକୁ। ଦୋଳଗୋବିନ୍ଦ ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କ ଦ୍ୱାର ରେ ଭୋଗ ଖାଇଥାନ୍ତି । ଏହା ଉତ୍କଳୀୟ "ଅତିଥି ଦେବୋ ଭବ" ପରମ୍ପରାର ଏକ ଉତ୍କୃଷ୍ଟ ନିଦର୍ଶନ ।

ଦୋଳ ପୂର୍ଣ୍ଣିମା ପରଦିନ ପାଳନ ହୋଇଥାଏ ରଙ୍ଗର ଉତ୍ସବ ହୋଲି। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଳନ କରିଥାଆନ୍ତି ଏହି ହୋଲି ପର୍ବ। ଘରଘର ଭୁଲି ରଙ୍ଗ ଖେଳିବା ସହ ପିଠା ମିଠା ଖାଇ ଆନନ୍ଦରେ ଦିନଟି ବିତାଇ ଥାଆନ୍ତି । ଦୋଳ ପର୍ବ ବା ରଙ୍ଗ ଉତ୍ସବ ପାଳନ ସମୟରେ ହେଉଥିବା ବିଧିବିଧାନର ବିଜ୍ଞାନ ସମ୍ମତ କାରଣ ମଧ୍ୟ ରହିଛି। ଏହି ସମୟରେ ଶୀତ ଋତୁ ଶେଷ ହୋଇ ଗ୍ରୀଷ୍ମ ଋତୁ ଆରମ୍ଭ ହେଉଥାଏ। ସୂର୍ଯ୍ୟଙ୍କ କିରଣ ଧୀରେ ଧୀରେ ପ୍ରଖର ହେବାକୁ ଆରମ୍ଭ ହେଉଥିବାରୁ ଝାଳ ବାହାରିବା ସହ ଶରୀର ଥକି ପଡେ । ଦୋଳ ସମୟରେ ଭୋଗ ହେଉଥିବା ପଣା ଶରୀରକୁ ସେଇ ଥକାପଣରୁ ମୁକ୍ତ କରେ ଏବଂ ଅବିର (ଫଗୁ) ଚର୍ମରୋଗ ହେବାରୁ ରକ୍ଷା କରିଥାଏ।

ମୋ' ପିଲା ଦିନ କଟିଛି ଆମ ମାଉସୀଘର କଟକସହରର ମଙ୍ଗଳାବାଗରେ । ମାଉସୀ ଘର ମଠ ବାଡି। ତାଙ୍କର ଇଷ୍ଟଦେବତା ରାଧାମାଧବ ସେଇ ମଠରେ ପୂଜିତ ହୁଅନ୍ତି।ମାଉସୀ ଘରର ମଠଟି ଷୋହଳ ଦିଗଭାଗ ମଣ୍ଡଳ ଅନ୍ତର୍ଭୁକ୍ତ। ତା'ର ଅଧିକାରୀ ପଦରେ ପୁରୁଷାନୁକ୍ରମେ ମୋ' ମାଉସୀର ଶ୍ୱଶୁର ଶ୍ରୀ ଲୋକନାଥ ମହାପାତ୍ର, ତାଙ୍କ ଅନ୍ତେ ମୋ' ମଉସା ଶ୍ରୀ ଯୋଗେନ୍ଦ୍ର ନାଥ ମହାପାତ୍ର ଏବଂ ଏବେ ତାଙ୍କ ପୁତ୍ର ଶ୍ରୀ ସଦାଶିବ ମହାପାତ୍ର ରହିଛନ୍ତି। ତେଣୁ ପିଲାଟି ଦିନରୁ ମୁଁ ସେଇ ଦୋଳ ମେଳଣରେ ଭାଗ ନେଇ ଦୋଳଗୋବିନ୍ଦଙ୍କର ଆଶୀଷ ଲାଭ କରି ନିଜକୁ ଧନ୍ୟ ମଣିଛି ।


ଶାରଳା ଭବନ ପୋତା
ପୋଖରୀ କଟକ-୪
ମୋ: ୯୩୩୭୨୭୨୬୪୭


# ରଙ୍ଗର ପର୍ବ ହୋଲି -ସତ୍ୟରୁ କଳିଯୁଗ ପର୍ଯ୍ୟନ୍ତ




କାନନ ବାଳା ନାୟକ


ସୃଷ୍ଟିର ଆରମ୍ଭ ସତ୍ୟଯୁଗରୁ ଆଜି ପର୍ଯ୍ୟନ୍ତ ପାଳିତ ହୋଇ ଆସୁଛି ରଙ୍ଗର ପର୍ବ ହୋଲି। ସତ୍ୟ ଯୁଗରେ ଅଧର୍ମ ଉପରେ ଧର୍ମର ବିଜୟ ପାଇଁ ହୋଲି ପାଳନ ହେଉଥିଲା ତ, ଦ୍ୱାପରରେ ପ୍ରେମର ପରାକାଷ୍ଠା ଦେଖାଇବା ପାଇଁ,ଆଉ କଳି ଯୁଗରେ ବିଭିନ୍ନ ଜାତି, ବର୍ଣ୍ଣ, ଧର୍ମ, ସମ୍ପ୍ରଦାୟର ଲୋକଙ୍କୁ ଫଗୁଣର ରଙ୍ଗରେ ରଙ୍ଗାଇ ବିଭିନ୍ନତା ମଧ୍ୟରେ ଏକତାର ମନ୍ତ୍ର ବାଣ୍ଟିବା ପାଇଁ ପାଳିତ ହେଉଛି ହୋଲି।ମହାନ ଆମ ଦେଶ ଭାରତ। ମହାନ ଏହାର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ପର୍ବ ପର୍ବାଣୀ। ଏଠି ବାର ମାସରେ ତେର ପର୍ବ ପାଳନ କରାଯାଏ, ମଣିଷ ମଣିଷ ଭିତରେ ସ୍ନେହ ପ୍ରେମର ବୀଜଟେ ବୁଣିବା ପାଇଁ।

ସୃଷ୍ଟିର ଆରମ୍ଭ ସତ୍ୟ ଯୁଗର କଥା ଦିନେ ବ୍ରହ୍ମାଙ୍କର ଚାରି ମାନସ ପୁତ୍ର ସନକ,ସନାତନ,ସାନନ୍ଦନ ଓ ସନତ କୁମାର ଭଗବାନ ବିଷ୍ଣୁଙ୍କ ଦର୍ଶନାର୍ଥେ ବୈକୁଣ୍ଠପୁରୀକୁ ଯାଇଥିଲେ।ଏହି ଚାରି ଋଷିକୁମାର କେବଳ ସତ୍ତ୍ୱଗୁଣରୁ ଉତ୍ପନ୍ନ ହୋଇ ଥିବାରୁ ସେମାନେ ଭକ୍ତିମାର୍ଗରେ ରହି ନିଷ୍ପାପ, ନିର୍ମୋହ, ନିରହଙ୍କାର ଓ ନିର୍ବିକାର ଜୀବନ ଅତିବାହିତ କରିବାକୁ ଚାହିଁଥିଲେ। ତେଣୁ ସେମାନେ ପିତା ବ୍ରହ୍ମାଙ୍କୁ ପ୍ରାର୍ଥନା କରି ବର ପାଇଥିଲେ, ସେମାନଙ୍କ ଶରୀରର ଆକାର ପାଞ୍ଚବର୍ଷର ବାଳକ ପରି ହୋଇରହିବ। ବୈକୁଣ୍ଠପୁରୀର ଦ୍ୱାରଦେଶରେ ପହଞ୍ଚିବା ପରେ ସେମାନେ ସେଠାରେ ଥିବା ଦ୍ୱାରପାଳ ଥିବା ଜୟ ଓ ବିଜୟଙ୍କୁ ଭଗବାନ ବିଷ୍ଣୁଙ୍କୁ ଦର୍ଶନ କରିବାକୁ ଆସିଥିବା କଥା କହିଲେ। ହେଲେ ଜୟ ବିଜୟ ଏହି ଋଷି ମାନଙ୍କୁ ବାଳକ ବୋଲି ଭାବି ତାଙ୍କର ଉପହାସ ଉଡାଇବା ସହିତ ଶ୍ରୀବିଷ୍ଣୁଙ୍କର ଏବେ ବିଶ୍ରାମର ସମୟ ତେଣୁ ଏବେ ତାଙ୍କ ଦର୍ଶନ ମିଳିପାରିବ ନାହିଁ ବୋଲି କହିଲେ।

ସନକାଦି ଋଷି ମାନଙ୍କୁ ଏହି ଅପମାନ ବହୁତ ବାଧିଲା।ତେଣୁ ସେମାନେ ଜୟ ବିଜୟଙ୍କୁ ମର୍ତ୍ତ୍ୟରେ ଜନ୍ମନେବାର ଅଭିଶାପ ଦେଲେ। ଅନ୍ତର୍ଯ୍ୟାମୀ ଭଗବାନ ବିଷ୍ଣୁ ଏଇ କଥା ଜାଣିବା ପରେ ଦ୍ୱାର ନିକଟରେ ଉପସ୍ଥିତ ହେଲେ।ଭଗବାନ ବିଷ୍ଣୁଙ୍କୁ ଦେଖି ଜୟ ବିଜୟ କ୍ଷମା ପ୍ରାର୍ଥନା କଲେ ଏବଂ ଅଭିଶାପ ଫେରାଇ ନେବା ପାଇଁ ଋଷି କୁମାରଙ୍କୁ କହିଲେ।କିନ୍ତୁ ଥରେ ଦିଆ ଯାଇଥିବା ଅଭିଶାପ ଆଉ ଫେରାଇ ନେଇ ହୁଏ ନାହିଁ ? ତେଣୁ ଋଷି ଗଣ ଉଭୟଙ୍କୁ ଦୁଇଟି ବିକଳ୍ପ ଦେଲେ ? ତିନିଥର ରାକ୍ଷସ ରୂପେ ଭଗବାନ ବିଷ୍ଣୁଙ୍କର ଶତ୍ରୁ ହୋଇ ଜନ୍ମ ନେବେ, ନଚେତ ସାତଥର ବିଷ୍ଣୁଭକ୍ତ ହୋଇ ଜନ୍ମ ନେବେ ? ଶୀଘ୍ରାତିଶୀଘ୍ର ବୈକୁଣ୍ଠକୁ ଫେରିବା ଆଶାରେ ଉଭୟ ରାକ୍ଷସଜନ୍ମ ନେଇ ପ୍ରଭୁଙ୍କର ଶତ୍ରୁ ହୋଇ ଜନ୍ମ ନେବାକୁ ଇଚ୍ଛା ପ୍ରକାଶ କଲେ ?ମହାବିଷ୍ଣୁଙ୍କ ଚରଣରେ ଜୟ ଓ ବିଜୟଙ୍କ ଅନୁରୋଧ ଥିଲା, ତିନୋଟି ଯାକ ଜନ୍ମରେ ଯେମିତି ସେମାନେ ସ୍ୱୟଂ ପ୍ରଭୁଙ୍କ ହସ୍ତରେ ମୃତ୍ୟୁ ବରଣ କରନ୍ତି ? ନିଜର ପ୍ରିୟ ଦ୍ୱାରପାଳଙ୍କର ଏ ପ୍ରାର୍ଥନାକୁ ଶ୍ରୀହରି ସ୍ୱୀକାର କଲେ ?

ପ୍ରଥମ ଜନ୍ମରେ ଜୟ ଓ ବିଜୟ ଦାନବ ହିରଣାକ୍ଷ୍ୟ ଓ ହିରଣ୍ୟକଶିପୁ ରୂପେ ଜନ୍ମଗ୍ରହଣ କରିଥିଲେ। ଭଗବାନ ବିଷ୍ଣୁ ଙ୍କ ହାତରେ ହିରଣାକ୍ଷ୍ୟର ମୃତ୍ୟୁ ପରେ ହିରଣ୍ୟକଶିପୁ ଭଗବାନ ବିଷ୍ଣୁଙ୍କୁ ନିଜର ପରମ ଶତ୍ରୁ ବୋଲି ଭାବି ତାଙ୍କଠାରୁ ପ୍ରତିଶୋଧ ନେବାପାଇଁ ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ଙ୍କୁ ଘୋର ତପସ୍ୟା କଲା।ତାଙ୍କ ଠାରୁ ବର ଲାଭ କରି,ସେ ବଳରେ ବଳିୟାନ ହୋଇ ସ୍ୱର୍ଗ ଉପରେ ଆକ୍ରମଣ କରି ଦେବରାଜ ଇନ୍ଦ୍ରଙ୍କୁ ପଦଚ୍ୟୁତ କରି ନିଜେ ସ୍ୱର୍ଗର ରାଜସିଂହାସନରେ ବସିଲା। ତାପରେ ନିଜକୁ ଭଗବାନ ବୋଲି ଦାବିକଲା। ସମଗ୍ର ଅସୁର ସମାଜ ତାକୁ ଭଗବାନ ହିରଣ୍ୟକଶିପୁ ବୋଲି ସମ୍ବୋଧନ କଲେ।

ହିରଣ୍ୟକଶିପୁର ଏକମାତ୍ର ପୁତ୍ର ପ୍ରହ୍ଲାଦ କିନ୍ତୁ ମହାନ୍ ବିଷ୍ଣୁ ଭକ୍ତ ଥିଲା।ସେ ସବୁବେଳେ ଭଗବାନ ବିଷ୍ଣୁଙ୍କୁ ଧ୍ୟାନ କରୁଥିଲା। ଶତଚେଷ୍ଟା ପରେବି ହିରଣ୍ୟକଶିପୁ ପ୍ରହ୍ଲାଦଙ୍କୁ ବିଷ୍ଣୁଙ୍କୁ ଭକ୍ତିରୁ ରତ କରିପାରିନଥିଲା। ତେଣୁ ସେ ପ୍ରହ୍ଲାଦ ଙ୍କୁ ମାରିବା ପାଇଁ ବିଭିନ୍ନ ପନ୍ଥା ଅବଲମ୍ବନ କରୁଥିଲା ହେଲେ ବିଷ୍ଣୁ ଭକ୍ତି ଯୋଗୁଁ ପ୍ରହ୍ଲାଦ ଙ୍କର କେବେ କିଛି କ୍ଷତି ହେଉ ନଥିଲା। ହିରଣ୍ୟକଶିପୁର ଜଣେ ଭଉଣୀଥିଲା ସିଂହିକା ସେ ବ୍ରହ୍ମ ଦେବଙ୍କୁ ଉପାସନା କରି ତାଙ୍କ ଠାରୁ ଗୋଟେ ଅଗ୍ନିନିରୋଧକ ବସ୍ତ୍ର ପ୍ରାପ୍ତ ହୋଇଥିଲା। ଯେଉଁ ବସ୍ତ୍ର କୁ ପରିଧାନ କରି ଅଗ୍ନି ଭିତରେ ପ୍ରବେଶ କଲେ ଅଗ୍ନି ହୋଲିକାର ଶରୀରକୁ ସ୍ପର୍ଶ କରୁନଥିଲା।ସେ ପ୍ରହ୍ଲାଦଙ୍କୁ ମାରିବା ପାଇଁ ହିରଣ୍ୟକଶିପୁକୁ ସହାୟତା କରିବା ପାଇଁ ପ୍ରହ୍ଲାଦଙ୍କୁ କୋଳରେ ବସାଇ ଅଗ୍ନି ଭିତରେ ପ୍ରବେଶ କଲା। ଅଗ୍ନି ଭିତରେ ପ୍ରବେଶ କରି ମଧ୍ୟ ପ୍ରହ୍ଲାଦ ବିଷ୍ଣୁଙ୍କ ମନ୍ତ୍ର ଜପ କରୁଥାଆନ୍ତି। ଫଳରେ ଅଗ୍ନି ପ୍ରହ୍ଲାଦଙ୍କୁ ସ୍ପର୍ଶ ମଧ୍ୟ କଲାନାହିଁ। ବରଂ ବରଦାନ ସ୍ୱରୂପ ପାଇ ଥିବା ଶକ୍ତିକୁ ଅଧର୍ମ କାର୍ଯ୍ୟରେ ଲଗାଇଥିବା ହେତୁ ହୋଲିକାର ସମ୍ପୂର୍ଣ୍ଣ ଶରୀର ଜଳିଯାଇ ସେ ମୃତ୍ୟୁବରଣ କଲା।ସେଇ ଦିନ ଠାରୁ ଅଧର୍ମ ଉପରେ ଧର୍ମର ବିଜୟ ର ପ୍ରତୀକ ସ୍ୱରୂପ ଦୋଳ ପୂର୍ଣ୍ଣିମା ପୂର୍ବଦିନ ଘରେ ଘରେ ହୋଲିକା ଦହନ କରାଯାଇ ହୋଲି ପର୍ବର ଆରମ୍ଭ କରାଯାଏ। ତାପର ଦିନ ସମସ୍ତେ ପରସ୍ପରକୁ ରଙ୍ଗ ବୋଳି ହୋଲି ମନାନ୍ତି।

ହୋଲି ପର୍ବ ପାଳନ କରାଯିବାରେ ଭଗବାନ ଶିବ ମାତାପାର୍ବତୀଙ୍କ ସମ୍ବନ୍ଧ ମଧ୍ୟ ସଂଯୁକ୍ତ ହୋଇଛି । ମାତା ପାର୍ବତୀ ପର୍ବତରାଜ ହିମାଳୟଙ୍କ କନ୍ୟା ଥିଲେ।ସେ ଭଗବାନ ଶିବଙ୍କୁ ବିବାହ କରିବାକୁ ଚାହୁଁଥିଲେ । ଭଗବାନ ଶିବ ସର୍ବଦା ତପସ୍ୟାରେ ମାତି ରହୁଥିଲେ। ଏହି ତପସ୍ୟା ସମୟରେ ମାତା ପାର୍ବତୀଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ରଖିବା ସମ୍ଭବ ନଥିଲା।

ସେତେବେଳେ ତାଙ୍କୁ ସାହଯ୍ୟ କରିବା ପାଇଁ କାମଦେବ ଆସିଲେ ଓ ପୁଷ୍ପ ବାଣ ଦ୍ୱାରା ଭଗବାନ ଶିବଙ୍କ ତପସ୍ୟା ଭଙ୍ଗ କରିଦେଲେ ।ଭଗବାନ ଶିବଙ୍କ ତପସ୍ୟା ଭଙ୍ଗ କରିବାର ପରିଣାମ ସେ ହୁଏତ ଜାଣିନଥିଲେ, ଯେମିତି ଭଗବାନ ଶିବ ଆଖି ଖୋଲିଲେ ସେ କାମଦେବଙ୍କୁ ଦେଖି ତାଙ୍କ କାର୍ଯ୍ୟ ରେ ବହୁତ କ୍ରୋଧିତ ହେଲେ ଓ ତାଙ୍କର ତୃତୀୟ ନେତ୍ର ଖୋଲି କାମଦେବଙ୍କୁ ଭସ୍ମ କରିଦେଲେ। ଠିକ୍? ସେହି ସମୟରେ ମାତା ପାର୍ବତୀ ଆସି ପହଁଞ୍ଚିଲେ। ଭଗବାନ ଶିବ ତାଙ୍କୁ ଦେଖି ଶାନ୍ତ ହୋଇଗଲେ ଓ ମାତା ପାର୍ବତୀଙ୍କ ବିବାହ ପ୍ରସ୍ତାବକୁ ସ୍ୱୀକାର କଲେ । କୁହାଯାଏ କି ହୋଲି ପର୍ବରେ କାମବାସନାକୁ ଅଗ୍ନିରେ ଜଳାଇ ନିଷ୍କାମ ଭାବରେ ପ୍ରେମ ବିଜୟର ଉତ୍ସବ ପାଳନ କରାଯାଏ ।

ଅନ୍ୟ ଏକ କଥାରେ ଅଛି ଯେ କାମଦେବ ଭସ୍ମ ହେବା ପରେ ତାଙ୍କ ପତ୍ନୀ ରତି ଭଗବାନ ଶିବଙ୍କ ଆରାଧନା କରି ତାଙ୍କୁ ପ୍ରସନ୍ନ କରି କାମଦେବଙ୍କୁ ଜୀବତ କରିବା ପାଇଁ ପ୍ରାର୍ଥନା କରୁଥିଲେ । ଭଗବାନ ଶିବ ତାଙ୍କ ପୂଜାରେ ପ୍ରସନ୍ନ ହୋଇ କାମଦେବଙ୍କୁ ଜୀବତ କରିଥିଲେ । ଯେଉଁଦିନ ଏହି ସବୁ ହୋଇଥିଲା ସେହିଦିନ ଫାଲଗୁନମାସର ପୂର୍ଣ୍ଣମାତିଥି ହୋଇଥିଲା । ସେହି ଦିନ ହୋଲି ଉତ୍ସବ ପାଳନ କରାଯାଏ । ଲୋକମାନେ ଗୀତରେ ମାତିରୁହନ୍ତି ଓ ଅଗ୍ନିରେ ଚନ୍ଦନର କାଠ ଦିଆଯାଏ, ଯାହାକି କାମଦେବ ଜଳିଯାଇଥିବା କଷ୍ଟପୀଡାରୁ ମୁକ୍ତି ମିଳେ। କୁହାଯାଏ କି କାମଦେବ ପୁଣି ଜୀବିତ ହେବାର ଖୁସିରେ ପରଦିନ ରଙ୍ଗହୋଲି ଖେଳିଥାନ୍ତି ।

ଦ୍ୱାପର ଯୁଗରେ ହୋଲିର ପାଳନ ସମ୍ବନ୍ଧରେ ନାନା କାହାଣୀ ପ୍ରଚଳିତ। ଦ୍ୱାପର ଯୁଗରେ ଅଧର୍ମ ଉପରେ ଧର୍ମର ବିଜୟ ପାଇଁ ସୃଷ୍ଟିର ପାଳନକର୍ତ୍ତା ବିଷ୍ଣୁ ବାସୁଦେବ ଓ ଦେବକୀ ଙ୍କ ଅଷ୍ଟମ ସନ୍ତାନ ଶ୍ରୀକୃଷ୍ଣ ରୂପେ ଧରା ପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ।ସେ ସମୟରେ ମଥୁରାର ଅତ୍ୟାଚାରୀ ରାଜା କଂସର (ଯିଏକି ଦେବକୀଙ୍କ ଭାଇ ଥିଲେ)କବଳରୁ ଶ୍ରୀକୃଷ୍ଣଙ୍କୁ ରକ୍ଷା କରିବା ପାଇଁ ବସୁଦେବ ଭଗବାନ ବିଷ୍ଣୁଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଗୋପପୁରର ନନ୍ଦରାଜାଙ୍କ କନ୍ୟା ସହିତ ବଦଳ କରି ଦେଇଥିଲେ।କାରଣ ଦେବକୀ ଓ ବସୁଦେବଙ୍କ ବିବାହ ଅନ୍ତେ ଶୂନ୍ୟବାଣୀ ହୋଇ ଥିଲା ଦେବକୀଙ୍କ ଅଷ୍ଟମ ଗର୍ଭରୁ ଯାତ ସନ୍ତାନ ହାତରେ କଂସର ମୃତ୍ୟୁ ହେବ।ତେଣୁ ଅତ୍ୟାଚାରୀ କଂସ ଦେବକୀ ଓ ବସୁଦେବଙ୍କୁ କାରାଗାରରେ ବନ୍ଦି କରି,ତାଙ୍କର ସାତ ଜଣ ସନ୍ତାନକୁ ଜନ୍ମ ହେବା ମାତ୍ରେ ମୃତ୍ୟୁ ଦଣ୍ଡ ଦେଇଥିଲା। ହେଲେ ଦେବକୀଙ୍କ ଅଷ୍ଟମ ଗର୍ଭରୁ କନ୍ୟା ସନ୍ତାନ ଜାତ ହେବା ଜାଣିବା ପରେ କଂସ ତାକୁ ମାରିବାର ଉଦ୍ୟମ କରନ୍ତେ ସେ କନ୍ୟା କଂସ ହାତରୁ ଖସି ଶୂନ୍ୟକୁ ଚାଲି ଯାଇଥିଲେ ଏବଂ ସେଇ ସମୟରେ ଶୂନ୍ୟବାଣୀ ହୋଇଥିଲା ତୋ"ତେ ଯିଏ ମାରିବ ସେ ଗପରେ ବଢୁଛି" ।ସେ କନ୍ୟା ସନ୍ତାନ ଆଉ କେହି ନୁହଁ ସ୍ୱୟଂ ଯୋଗମାୟା ଥିଲେ। ଶୂନ୍ୟବାଣୀ ଶୁଣିବା ପରେ କଂସ ନିଜର ରକ୍ଷା ପାଇଁ ଗୋପପୁରର ସମସ୍ତ ଶିଶୁଙ୍କୁ କଳେବଳେ କୌଶଳେ ହତ୍ୟା କରିବାକୁ ଚାହିଁଥିଲା। ସେଥିପାଇଁ ଛଦ୍ମବେଶୀ ରାକ୍ଷସୀ ପୁତନାକୁ ଗୋପପୁରକୁ ପଠାଇ ଥିଲା । ପୁତନା ନିଜ ସ୍ତନରେ ହଳାହଳ ବିଷ ପୂର୍ଣ୍ଣକରି ଯେତେବେଳେ କୃଷ୍ଣଙ୍କୁ ସ୍ତନ୍ୟପାନ କରିବାର ଛଳନା କରିଥିଲା, ସେତେବେଳେ କୃଷ୍ଣ ଛଳନାମୟୀ ପୁତନା ପ୍ରାଣ ଶୋଷଣ କରିଥିଲେ। ପୁତନାର ମୃତ୍ୟୁ ପରେ ଗୋପପୁରବାସୀ ପରସ୍ପରକୁ ରଙ୍ଗ ବୋଳି ଉତ୍ସବ ମନାଇ ଥିଲେ ।ପୁତନା ରାକ୍ଷସୀଠାରୁ ବିଷ ମିଶ୍ରିତ କ୍ଷୀର ପାନ କରିବା ପରେ ଭଗବାନ କୃଷ୍ଣଙ୍କ ରଙ୍ଗ ନୀଳପଡିଯାଇଥିଲା। ତେଣୁ ସେ ଭାବୁ ଥିଲେ ତାଙ୍କ ଶରୀରର ଏଇ ରଙ୍ଗକୁ ରାଧା ଭଲ ପାଇବେ ନାହିଁ କାରଣ ସେ ଗୋରା ଥିଲେ।ତେଣୁ କୃଷ୍ଣ ଥରେ ମାତା ଯୋଶଦା ଙ୍କୁ ପଚାରିଥିଲେ ମୋତେ ଶରୀରର ରଙ୍ଗ ଏମିତି ଓ ରାଧାଙ୍କ ଶରୀରର ରଙ୍ଗ ଧଳା କାହିଁକି ? ପ୍ରତ୍ୟୁତ୍ତର ରେ ମାତା ଯୋଶଦା କୃଷ୍ଣଙ୍କୁ ରାଧାଙ୍କ ଶରୀରରେ ରଙ୍ଗ ଲଗାଇ ତାଙ୍କ ଦେହର ରଙ୍ଗ ସହ ସମାନ କରିବା ପାଇଁ କହିଥିଲେ। ଯୋଶଦାଙ୍କ ପରାମର୍ଶ ଅନୁସାରେ କୃଷ୍ଣ ରାଧାଙ୍କୁ ରଙ୍ଗ ଲଗାଇ ଥିଲେ। ଆଉ କୃଷ୍ଣ ଓ ରାଧାଙ୍କ ରଙ୍ଗ ସମାନ ହୋଇ ଯାଇଥିଲା ଓ କୃଷ୍ଣ ରାଧାଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠି ଥିଲା।ସେଇଦିନ ଠାରୁ ଦ୍ୱାପର ଯୁଗରେ ବ୍ରଜ ଭୂମିରେ ଗୋପାଳ ଓ ଗୋପୀମାନେ ପରସ୍ପର ଶରୀରରେ ରଙ୍ଗ ଲଗାଇ ହୋଲି ପାଳନ କରିଥିଲେ ।

ରାଧା କୃଷ୍ଣଙ୍କ ପ୍ରେମର ନିଦର୍ଶନ ସ୍ୱରୂପ ଜୀବନକୁ ସବୁ ବେଳେ ହସ ଖୁସିର ରଙ୍ଗରେ ରଙ୍ଗୀନ କରିବାର ବାର୍ତ୍ତା ପ୍ରଚାର କରିଥିବା ବ୍ରଜ ଭୂମିର ସେଇ ନଟନାଗର ଶ୍ରୀକୃଷ୍ଣ ଆଜି କଳିଯୁଗରେ ବି ନିଜ ଆସ୍ଥାନରୁ ଉଠି ଆସନ୍ତି ଏଇ ରଙ୍ଗୀନ ପର୍ବରେ ଭକ୍ତଙ୍କ ସହ ସାମିଲ ହୋଇ ପ୍ରେମର ବାର୍ତ୍ତା ବାଣ୍ଟିବା ପାଇଁ। ଭାରତୀୟ ପରମ୍ପରାରେ ଦୋଳପୂର୍ଣ୍ଣମା ଫାଲଗୁନ ମାସରେ ଅନୁଷ୍ଠିତ ହୋଇଥାଏ। ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦୋଳ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯାଏ।ଗ୍ରାମର ପ୍ରତ୍ୟେକ ଘରେ ରାଧାଗୋବିନ୍ଦଙ୍କୁ ଭୋଗ ଅର୍ପଣ କରାଯାଏ। ଏହି ଭୋଗକୁ ଦ୍ୱାରୀ ଭୋଗ ବା ଚାଚେରୀ ଭୋଗ କୁହାଯାଏ। ଦୋଳିରେ ଝୁଲୁଥିବା ରାଧା ଗୋବିନ୍ଦଙ୍କୁ ଦର୍ଶନ କଲେ ମନୁଷ୍ୟ ମୋକ୍ଷ ପ୍ରାପ୍ତି କରିଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଦୋଳଗୋବିନ୍ଦଙ୍କୁ କଞ୍ଚା ଆମ୍ବ, ଗୁଡ଼, ଚଣା, ଅବିର, କ୍ଷୀର ଏବଂ ଅକ୍ଷତ ନୈବେଦ୍ୟ ରୂପରେ ଅର୍ପଣ କରାଯାଏ। ଦୋଳପୂର୍ଣ୍ଣିମାର ପର ଦିନ 'ହୋଲି' ପର୍ବ ଅନୁଷ୍ଠିତ ହୋଇଥାଏ। ରଙ୍ଗ ହିଁ ସୌନ୍ଦର୍ଯ୍ୟର ପ୍ରତୀକ। ହୋଲିର ରଙ୍ଗ ମଣିଷ ଭିତରେ ଥିବା ରାଗ, ରୋଷ, ଈର୍ଷା ପ୍ରଭୃତି ନକାରାତ୍ମକ ଶକ୍ତି କୁ ନଷ୍ଟ କରି ଆଧାତ୍ମିକ ଚିନ୍ତା ଚେତନାର ପରିପ୍ରକାଶ କରାଇଥାଏ।

ଭାରତ ବର୍ଷର ବିଭିନ୍ନ ରାଜ୍ୟରେ ହୋଲି ଉତ୍ସବ ବିଭିନ୍ନ ରଙ୍ଗରେ ଓ ନାମରେ ପାଳିତ ହୋଇଥାଏ।ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ହୋଲିକୁ "ମେଦୁରୁ ହୋଲି" କୁହାଯାଏ ଏବଂ ଏହି ଉତ୍ସବ ଦଶ ଦିନ ଧରି ଚାଲିଥାଏ। ଏଠାରେ ହୋଲି ସମୟରେ, ଏକ ସ୍ୱତନ୍ତ୍ର ଲୋକନୃତ୍ୟ "କୋଲତାସ" ପରିବେଷଣ କରାଯାଏ ଏବଂ ଲୋକମାନେ ପରସ୍ପର ଉପରେ ରଙ୍ଗ ଏବଂ ଗୁଲାଲ ଫିଙ୍ଗିଥାନ୍ତି।

କର୍ଣ୍ଣାଟକରେ ହୋଲିକୁ କାମନା ହବ୍ବା, କାମବିଲାସ, କାମନ ପାଣ୍ଡିଗାଇ ଏବଂ କାମ-ଦହନମ୍ କୁହାଯାଏ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





## ହୋଲି


ପ୍ରଦୀପ୍ତ କୁମାର ଦାସ


ନିଜ ସ୍ୱାର୍ଥ ଲାଗି ସମ୍ପର୍କ ରଙ୍ଗକୁ
କରିଦିଏ ଯିଏ ଫିକା-
ପ୍ରାଚୁର୍ଯ୍ୟ ସାଗରେ ହୋଇ ଉବୁଟୁବୁ
ମରଇ ସେ ଏକାଏକା,
ତେଣୁ ଏ ହୋଲିରେ ଆସ ଆମେ
ମିଶି
ହେବା ରଙ୍ଗ ବୋଳା ବୋଳି-
ଭୁଲି ଭେଦଭାବ ରଖି ସଦଭାବ
ହେବା ଆମେ କୋଳାକୋଳି,
ଫଗୁଣର ଏଇ ମିଳନ ବେଳାରେ
ହୋଇବା ଛ'ଗୁଣ ଖୁସି-
ଧୋଇଦେବା ମନୁ ସକଳ କଳୁଷ
ଗଢ଼ିଯିବା ହସିହସି,
ଭଲପାଇବାର ପବିତ୍ର ଭାବକୁ
ହୃଦୟରେ ଆମେ ଭରି-
ଆସ ବିଶ୍ୱବାସୀ ହେବା ଆମେ ଧନ୍ୟ
ପରମପିତାଙ୍କୁ ସ୍ମରି ।


ଅଞ୍ଜଞ୍ଜ କଣ୍ଠାବଣିଆ, ଯାଜପୁର
ମୋ-୮୫୯୪୮୫୮୯୮


## ହୋଲି ପାଇଁ ଗୋଟେ କବିତା


ଡ.ଭାରତୀ ହୋତା


ମନ ଭିତରେ ଆଜି ପୁଣି କବିତାର
ଢେଉ
ଢେଉ ନୁହେଁ ତ ଯେ ପୁଣି ବନ୍ୟା
ସେ ପୁଣି ହୋଲିର ...
ଭାବ ଅଭାବର ରଙ୍ଗ ମଖା
ପତ୍ର ଝଡ଼ା ଉଦାସୀ ଫଗୁଣର ଗାଥା
ଶିମୁଳିର ନାଲି ଟହ ଟହ ହସ
ନିମ୍ବ କଢ଼ିର ଆତ୍ମ ପ୍ରକାଶ
କଷି ଆମ୍ବର ବାସନା
କୋଇଲିର କୁଜନ
ସୁନ୍ଦରୀ ପଳାଶର ସମ୍ଭାର
ରାଧାମାଧବଙ୍କ ଦୋଳ ମଣ୍ଡପ ।

କବିତା ତ ପ୍ରଗଲ୍ଭା
କେତେ ଆଡ଼େ ତାର ଉଚ୍ଛୃଙ୍ଖଳତା,
ପାଣିରେ ଘର ତୋଳି ପାରେ
ରାତାରାତି ଗଡ଼ ଗଢ଼ିଦେଇପାରେ
ଶିଖରରେ ରଚିପାରେ ନବ ରାସ,
ଈଶ୍ୱରଙ୍କୁ ଲେଖିପାରେ ଫର୍ଦ୍ଦ ଫର୍ଦ୍ଦ ଚିଠି
ହୋଲିର କବିତା ତ ଗୋଟେ
ସାତରଙ୍ଗର ଭିଜା
ଛଳ ଛଳ ଝରଣା।

ହେଲେ କ'ଣ ଲେଖିବି
କାହାକୁ ବୁଝେଇବି
କେମିତି ଦିଶୁଛି ମୋତେ
ଦୃଶ୍ୟ, ଦୃଶ୍ୟାତୀତ
କେମିତି ଲାଗୁଛି ମୋତେ
ରାଜ ରାସ୍ତାର ପୋଲ ତଳେ ଥିବା
ବେରଙ୍ଗ ଜୀବନର ଚିତ୍ର !!
ମୋ କବିତା କ'ଣ ବଦଳେଇ
ପାରିବ
କୋଉ ଦୁଃଖିନୀ ମା'ର ଭାଗ୍ୟ,
ପରଘରୀ ଝିଅର ମରମଯନ୍ତ୍ରଣା
ବାରୁଦ ପୋଡ଼ା ପବନର କୁହାଟ
ପୃଥିବୀରୁ 'ଯୁଦ୍ଧମ୍ ଦେହୀ'
ଡାକରାକୁ !

ମୋ କବିତା କଣ ଦେଇ ପାରିବ ଏ
ସନ୍ଦେଶ
'ସ୍ନେହ ଶ୍ରଦ୍ଧା ଶାନ୍ତି ଓ ଭାଇ
ଚାରାର ପର୍ବ ହୋଲି
ଦେଇ ପାରିବ କି
'ଏକ ନିଶାମୁକ୍ତ ସୁସ୍ଥ ସମାଜ'
ଯେଉଁ ପର୍ବତ ପ୍ରସବିଛି ଝରଣା
ତା'ରି ଦୁଇ କଡ଼େ
ହୋଲି ରଙ୍ଗ ମଖା ଭଙ୍ଗା ମଦ ବୋତଲ
ପଲିଥିନ୍ ପାହାଡ଼କୁ କଣ
ହଟେଇ ପାରିବ ?

ହୁଏତ କାହାର ତ ମନେ ପଡ଼ିଯିବ
ଏ କବିତା ପଢ଼ି...
ସେଦିନ ହୁଏତ
ମାଟି ମାଆ ହସିବ
ଆକାଶ ବି ତା ବିଶାଳ ବକ୍ଷରେ
ବାପା ପରି,
କବିତାର ବନ୍ୟାରେ ଭାସିବ
କୋମଳ ପଲ୍ଲବରେ
ମଲ୍ହାର ଗାଇବ ପର୍ବତ,
ସେତିକି ବେଳେ
ଏଇ କାବ୍ୟ ବୀଜମାନେ
ଅଙ୍କୁରିତ ହେବେ
ତାଙ୍କର ନିଜସ୍ୱ ଶକ୍ତିରେ,
ଶବ୍ଦମୟ ହୋଇ ନିଜ ପ୍ରଗଲ୍ଭତାରେ
ତୁଷ୍ଣୀଭୂତ କରିଦେବେ
ଏଇ ପୃଥିବୀର ଶବ୍ଦ ବିସ୍ଫୋରଣ ।

ଆଉ
କେଉଁ ଅନବହିତ ସ୍ୱର୍ଗର
ସୃଷ୍ଟିଶୀଳ ଉଚ୍ଚାରଣ
ପ୍ରତିଷ୍ଠା କରିବେ ମାଟିରେ
କବିତାର ରାଜସୂୟ ଯଜ୍ଞରେ ।


ଖରିଆର ରୋଡ, ନୂଆପଡ଼ା

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ଶୁକ୍ରବାର, ୧୪ ମାର୍ଚ୍ଚ ୨୦୨୫

# ହୋଲି... ହୋଲି...



## ହୋଲିର ରଙ୍ଗ ହେଉ ଆତ୍ମୀୟତାର ବିଭବ

ଭୋଳାନାଥ ସାହୁ

ହୋଲି ପର୍ବ ହିନ୍ଦୁ ମାନଙ୍କର ଏକ ଆନନ୍ଦ ଉଲ୍ଲାସର ପର୍ବ । ଏହି ପର୍ବକୁ ସମଗ୍ର ଭାରତବର୍ଷରେ 'ାଲଗୁନ ପୂର୍ଣ୍ଣିମା ପରଦିନ ପାଳନ କରାଯାଏ । ଏହାକୁ କେହି କେହି ଦୋଳପର୍ବ ବୋଲି କହନ୍ତି । ଲୋକମାନେ ପରସ୍ପରକୁ ରଙ୍ଗ ଲଗାଇ ଏହି ପର୍ବ ପାଳନ କରିଥାନ୍ତି । ଅବିର, ପିଚକାରୀ ଓ ବିଭିନ୍ନ ପ୍ରକାରର ମୁଖାର ବ୍ୟବହାର ଏହି ପର୍ବର ମୁଖ୍ୟ ଆକର୍ଷଣ । 'ଅସତ୍ୟ ଉପରେ ସତ୍ୟର ଜୟ' – ଏହି ପର୍ବ ପ୍ରତ୍ୟେକଙ୍କ ହୃଦୟରେ ଜାଗ୍ରତ କରାଏ । ଅନ୍ୟକୁ ରଙ୍ଗ ଲଗାଇ ଏକ ଭାଇଚାରାର ସମ୍ପର୍କ ବୃଦ୍ଧି କରିଥାଏ ।

ହୋଲି ପର୍ବ ପାଳନ ପଶ୍ଚାତରେ ବହୁ କାହାଣୀ ରହିଛି । ପ୍ରାଚୀନ କାଳର ଅସୁର ରଜା ହିରଣ୍ୟକଶିପୁ ବ୍ରହ୍ମାଙ୍କ ବରରେ ବଳିଆନ ଥିଲା । ସେ ବରଲାଭ କରିଥିଲେ – "ମୋତେ କୌଣସି ଦେବା ଦେବୀ, ରାକ୍ଷସ, କିନ୍ନର, ପଶୁ, ମନୁଷ୍ୟ ମାରି ପାରିବେ ନାହିଁ । ମୁଁ ଦିନରେ କିମ୍ବା ରାତିରେ, ପୃଥିବୀ ପୃଷ୍ଠରେ କିମ୍ବା ଆକାଶ ବକ୍ଷରେ, ଘର ଭିତରେ କିମ୍ବା ଘର ବାହାରେ ମରିବି ନାହିଁ ।" ବ୍ରହ୍ମା ତାଙ୍କର ତପସ୍ୟାରେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ପ୍ରଦାନ କରିଥିଲେ । ବ୍ରହ୍ମାଙ୍କ ବରରେ ବଳିଆନ ହିରଣ୍ୟକଶିପୁ ନିଜକୁ ଭଗବାନ ମନେ କରି ପ୍ରଜାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଚାଲିଲେ । ସେ ପ୍ରଜା ମାନଙ୍କୁ ନିର୍ଦ୍ଦେଶ ଦେଲେ – "ଭଗବାନ ବିଷ୍ଣୁଙ୍କୁ ପୂଜା ନକରି ମୋତେ ପୂଜା କର ।" ଯେଉଁ ପ୍ରଜା ମାନେ ଭୟଭିତ ହୋଇ ତାଙ୍କୁ ପୂଜା ଆରାଧନା କଲେ, ସେମାନଙ୍କୁ ସେ ଯନ୍ତ୍ରଣା ନଦେଇ ଛାଡ଼ି ଦେଉଥିଲେ । ଅନ୍ୟ ପ୍ରଜା ମାନଙ୍କ ନିର୍ଯ୍ୟାତନା ଦିନକୁ ଦିନ ବଢ଼ିବାରେ ଲାଗିଲା । ପ୍ରଜାମାନେ ବିଷ୍ଣୁଙ୍କୁ ନିଜର ଗୁହାରି ଜଣାଇଲେ । ସଠିକ୍ ସମୟରେ ପୃଥିବୀ ପୃଷ୍ଠରେ ଧର୍ମସଂସ୍ଥାପନ ନିମନ୍ତେ ହିରଣ୍ୟକଶିପୁ ଔରସରୁ ପୁତ୍ର ପ୍ରହ୍ଲାଦ ଜନ୍ମଗ୍ରହଣ କଲା । ପୁତ୍ର ପ୍ରହ୍ଲାଦ ପୂର୍ଣ୍ଣମୀ ଅଭିମୁଖୀ ଚନ୍ଦ୍ରମା ପରି ବଢ଼ିବାକୁ ଲାଗିଲା । ସେ ବିଷ୍ଣୁଙ୍କୁ ପୂଜା ଆରାଧନା କଲା । କାରଣ ସେ ଥିଲେ ବିଷ୍ଣୁଙ୍କର ପରମ ଭକ୍ତ । ପିତା ହିରଣ୍ୟକଶିପୁ ପୁତ୍ର ପ୍ରହ୍ଲାଦକୁ ବିଷ୍ଣୁ ପୂଜା ଛାଡ଼ି ପିତାଙ୍କୁ ପୂଜା କରିବା ପାଇଁ ନିର୍ଦ୍ଦେଶ ଦେଲେ । ମାତ୍ର ଭକତ ପ୍ରହ୍ଲାଦ ଏହାକୁ ପାଳନ କଲେ ନାହିଁ । ଏଥିପାଇଁ ପିତା ହିରଣ୍ୟକଶିପୁ ପୁତ୍ରକୁ ମାରିଦେବା ପାଇଁ ବିଷପାନ କରାଇବା, ହାତୀ ପାଦରେ ଦଳିଦେବା, ସର୍ପଦଂଶନ କରାଇବା, ମଲ୍ଲମାନଙ୍କ ଦ୍ୱାରା ପ୍ରହାର କରାଇବା, ଅଗ୍ନିରେ ଜୀବନ୍ତ ଜାଳିଦେବା ପରି କଠୋର ପ୍ରୟାସ ମାନ କରିଥିଲେ । ବିଷ୍ଣୁଭକ୍ତ ପ୍ରହ୍ଲାଦ ଏହି ସମସ୍ତ ଅତ୍ୟାଚାରରେ ଭୟଭୀତ ନହୋଇ ସେମିତି ବିଷ୍ଣୁଙ୍କୁ ପୂଜା କରିବାକୁ ଲାଗିଲେ । ଯାହା ସମସ୍ତ ପ୍ରଜାଙ୍କୁ ବିସ୍ମୟାଭିଭୂତ କରିଥିଲା । ଭକ୍ତି ଭଗବାନ ପ୍ରାପ୍ତିର ମୂଳମ । ପିତା ହିଣ୍ୟକଶିପୁର ଅକଥନୀୟ ଅତ୍ୟାଚାର ସତ୍ତ୍ୱେ ବିଷ୍ଣୁ ଭକ୍ତିରୁ ପ୍ରହ୍ଲାଦ ଟଳିଯାଇ ନଥିଲା । ଶେଷରେ ହିରଣ୍ୟକଶିପୁ ନିଜର ଭଉଣୀ ହୋଲିକାକୁ ନେଇ ପ୍ରହ୍ଲାଦର ମୃତ୍ୟୁ ନିମନ୍ତେ ନୂତନ କୌଶଳ ଚିନ୍ତା କଲେ । ଏହି କୌଶଳର ବିଶେଷତ୍ୱ ଥିଲା – "ହୋଲିକା ବ୍ରହ୍ମଦେବଙ୍କୁ ତପସ୍ୟା ବଳରେ ଏକ ଚଦର ଲାଭ କରିଥିଲା । ଯେଉଁ ଚଦରକୁ ଅଗ୍ନି ଭସ୍ମ କରିପାରିବ ନାହିଁ । ସେହି ଚଦରକୁ ଘୋଡ଼ାଇ ହୋଇ କୋଳରେ ପ୍ରହ୍ଲାଦକୁ ଧରି ହୋଲିକା ଅଗ୍ନି ମଧ୍ୟରେ ପ୍ରବେଶ କରିବ । ଯାହାଦ୍ୱାରା ପ୍ରହ୍ଲାଦ ଜଳି ପୋଡ଼ି ଭଷ୍ମ ହୋଇଯିବ ।" ତଦନୁଯାୟୀ ପ୍ରସ୍ତୁତି ହେଲା । ପ୍ରହ୍ଲାଦଙ୍କ ପାଖରେ କିଛି ନଥିଲେ ମଧ୍ୟ ବିଷ୍ଣୁଙ୍କ ଆଶୀର୍ବାଦ ଥିଲା । ଅଗ୍ନିରେ ହୋଲିକା ପ୍ରବେଶ କରିବା ମାତ୍ରକେ ପବନ ଦ୍ୱାରା ଚଦରଟି ହୋଲିକା ଦେହରୁ ଉଡ଼ିଆସି ପ୍ରହ୍ଲାଦକୁ ଘୋଡ଼ାଇ ଦେଇଥିଲା । ପରିଣାମରେ ହୋଲିକା ଅଗ୍ନିରେ ଜଳିପୋଡ଼ି ପାଉଁଶ ହୋଇଗଲା । ମାତ୍ର ପ୍ରହ୍ଲାଦ ବିଷ୍ଣୁଙ୍କ ଆଶୀର୍ବାଦରୁ ଅଗ୍ନିତାର କିଛି କ୍ଷତି କରିପାରି ନଥିଲା । ଏହି କାରଣରୁ ଖରାପ ପ୍ରଭାବରୁ ରକ୍ଷା କରିବାର ପର୍ବ ହେଉଛି ହୋଲିପର୍ବ । ଏହା 'ଅସତ୍ୟ ଉପରେ ସତ୍ୟର ବିଜୟର ପର୍ବ' । ଏଥିପାଇଁ ଏହି ପର୍ବ ଦିନ ହୋଲିକା ଦହନର ଏକ ଅଗ୍ନି ପ୍ରଜ୍ୱଳନ କରାଯାଏ । ଅଗ୍ନି ପାଶ୍ୱରେ ଛିଡ଼ା ହୋଇ ମନଗହନର ସମସ୍ତ ଗର୍ବ, ଅହଂକାରକୁ ଅଗ୍ନିକୁ ନିକ୍ଷେପ କରି ଧ୍ୱଂସ କରିଦିଆଯାଏ । ପୂର୍ଣ୍ଣମୀ ପରଦିନ ନିଜର ସମସ୍ତ ପ୍ରିୟଜନ ମାନଙ୍କୁ ନେଇ ରଙ୍ଗର ପର୍ବ 'ହୋଲି' ପାଳନ କରାଯାଏ । ପ୍ରତ୍ୟେକ ପ୍ରତ୍ୟେକଙ୍କ ଦେହରେ ରଙ୍ଗ ଲଗାଇ ତାର ଶୁଭ କାମନା କରିଥାନ୍ତି । ଏଥି ସହିତ ନାଚଗୀତ ଆସରର ଆୟୋଜନ କରାଯାଇ ସ୍ୱାଦିଷ୍ଟ ଭୋଜନ ବ୍ୟବସ୍ଥା କରାଯାଏ । ମଣିଷ ମନରୁ କୁଭାବନାକୁ ଦୂର କରି ସୁଭାବନା ସୃଷ୍ଟି କରିବାର ପର୍ବ ହୋଲି ପର୍ବ । ପ୍ରତ୍ୟେକ ଏହି ପର୍ବ ପାଳନ ଅବସରରେ ମନେ ରଖିବା ଉଚିତ ମନ୍ଦ ଆଚରଣ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଭଲର ବିଜୟ ସର୍ବଦା ହୋଇଥାଏ । ତେଣୁ ସରକାରଙ୍କ ସୂଚନା ଅନୁଯାୟୀ ପ୍ରତ୍ୟେକ କୌଣସି କେମିକାଲ ରଙ୍ଗ ବ୍ୟବହାର କରିବା ନାହିଁ । ହୋଲିକା ନାମରୁ 'ହୋଲି ପର୍ବ'ର ସୃଷ୍ଟି । ଅନ୍ୟ କେତେକ କିମ୍ବଦନ୍ତୀ ଅନୁଯାୟୀ ଫାଲଗୁନ ପୂର୍ଣ୍ଣମୀ ଦିନ ଶ୍ରୀକୃଷ୍ଣ ପୁତନା ରାକ୍ଷସ ବକ୍ଷୋଜରୁ କ୍ଷୀରପାନ କରି ତାକୁ ବଧ କରିଥିଲେ । ତେଣୁ ଗୋପୀ ମାନେ ପୁତନା ରାକ୍ଷସ ରକ୍ତରେ ହୋଲି ଖେଳି ଖୁସି ମନାଇ ଥିଲେ । ଶ୍ରୀରାଧା କୃଷ୍ଣଙ୍କ ରାସ ଲୀଳାର ଏକ ଅଂଶ ଭାବରେ ମଧ୍ୟ ହୋଲି ପର୍ବକୁ ଗ୍ରହଣ କରାଯାଏ । ଶିବ ପୁରାଣ ଅନୁଯାୟୀ ହୋଲି ପର୍ବରେ ରଙ୍ଗ ଲଗାଇବା ଦ୍ୱାରା ଶିବଙ୍କ ବରଯାତ୍ରୀ ( ଆନନ୍ଦ ଉପଭୋଗ)ରେ ସାମିଲ ହେବାର ସୌଭାଗ୍ୟ ମିଳିଥାଏ । ରଙ୍ଗର ପର୍ବ ହୋଲିରେ ରଙ୍ଗ ଲଗାଇ କାହାରି ଅମଙ୍ଗଳ ଚିନ୍ତା କରିବା ପରିବର୍ତ୍ତେ ଆତ୍ମୀୟତା ବୃଦ୍ଧି କଲେ ପର୍ବର ମହାତ୍ମ୍ୟ ଅତୁଟ ରହିବ ।



+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ- ୯୯୩୭୧୫୧୩୧୦

## ଭାରତୀୟ ସଂସ୍କୃତିରେ ଭାଇଚାରାର ପର୍ବ ହୋଲି

ଡକ୍ଟର ଲକ୍ଷ୍ମଣ ସାହୁ

ହୋଲି ପର୍ବ ହେଉଛି ରଙ୍ଗ । ଭାରତରେ ଏହି ରଙ୍ଗ ଏକ ବୈଦିକ ପବିତ୍ର ପର୍ବର ମାନ୍ୟତା ପାଇଛି । ପ୍ରାଚୀନ କାଳରୁ ପ୍ରତ୍ୟେକ ଋତୁରେ ଗୋଟିଏ ଗୋଟିଏ ପର୍ବ ପାଳନ କରିବାର ପରମ୍ପରା ରହିଆସିଛି । କିନ୍ତୁ ଋତୁରାଜ ବସନ୍ତ ଋତୁରେ ପର୍ବପର୍ବାଣୀର କ୍ଲାଇମାକ୍ସ ଦେଖାଯାଏ । ଭାରତୀୟ ପଞ୍ଜୀକୃତ ତାରିଖ ଅନୁଯାୟୀ ହୋଲି ପର୍ବକୁ ବର୍ଷର ଶେଷ ପର୍ବ କୁହାଯାଏ । ଏହି ପର୍ବ ହେଉଛି ସବୁଠାରୁ ଫାଲଗୁନ୍ ମାସର ପୂର୍ଣ୍ଣିମା ଦିନର ବଡ ପର୍ବ ।

ବିଶେଷ କରି ହୋଲିରେ ନୂଆ, ଶସ୍ୟ ଫସଲ ଯଥା ଧାନ , ଚଣା , ଗହମ ନୂତନ ଖାଦ୍ୟ ଏହି ଋତୁରେ ଅମଳ ହୁଏ । ଏହି ସମୟର ଗ୍ରାମବାସୀ ଆଶାତୀତ ଫସଲ ଅମଳକରି ପ୍ରଫୁଲ୍ଲିତ ହୋଇଥାନ୍ତି। ବସନ୍ତର ଆଗମନରେ କୋଇଲିର କୁହୁକୁହୁ ତାନରେ କୃଷକ ହୃଦୟରେ ଅପୂର୍ବ ଶିହରଣ ଖେଳିଯାଏ। ସେମାନଙ୍କର ଅଧା ପାଚିଲା ଶସ୍ୟକୁ ସଂସ୍କୃତରେ 'ହୋଲାକ୍' ଓ ହିନ୍ଦୀରେ 'ହୋଲା' କୁହାଯାଏ । ହିନ୍ଦୀ ଶବ୍ଦକଲପାଦ୍ରୁମକୋଶଙ୍କ ଅନୁଯାୟୀ, 'ତ୍ରିନାଗୀ ଭ୍ରଷ୍ଟାଇପାକାଭାଶାମିଧାନମ୍ ହୋଲାକ୍' ହେଉଛି ହିନ୍ଦୀ ଭାଷା । ଭବପ୍ରକାଶଙ୍କ କହିବାନୁସାରେ ପାକଭଶ୍ମୀ ଆସିଛନ୍ତି, ଧନିଆଷ୍ଟର୍ନା ଭ୍ରଷ୍ଟ ହୋଲାକା ହୋଲାକୋ ପ୍ରତୀକାନିଲୋ ଭେଡା କଫାଦୋଶକଶାମାପାହ । ଅର୍ଥାତ୍, ନଡ଼ା ନିଆଁରେ ଭଜା ହୋଇଥିବା ଅଧା ରନ୍ଧା ହୋଇଥିବା ଶସ୍ୟ (ଫ୍ଲେକ୍ସ) ଖାଦ୍ୟକୁ ହୋଲା ଗା ହୋଲା କୁହାଯାଏ, ଯାହାକି ଅବସ ଥକାପଣକୁ ଭଲ କରିଦେଇଥାଏ ।

ହୋଲି ନୂତନ ଉତ୍ତମ ଋତୁର ଏକ ମହୋତ୍ସବ । ଚୈତ୍ର ମାସର ବସନ୍ତ ଋତୁର ପ୍ରଥମ ଦିନରୁ ଆରମ୍ଭ ହୁଏ । ବସନ୍ତ ଆସିବା ସମୟରେ ଈଶ୍ୱରୀୟ ଅମୃତ ଭାବ ଅନୁଭବ କରିବା ସ୍ୱାଭାବିକ । ପୋଷାକ ପରିଧାନକୁ ସୂତା ଓ ରେଶମ ଦ୍ୱାରା ବଦଳାଯାଏ । ଥଣ୍ଡା କାରଣରୁ ବାହାରକୁ ଯିବାକୁ ଦ୍ୱିଧା କରୁଥିବା ଲୋକମାନେ ବର୍ତ୍ତମାନ ବିନା ଦ୍ୱିଧାରେ ବୁଲିବା ଆରମ୍ଭ କରନ୍ତି । ପରିବେଶର ନୂତନ ସୁଗନ୍ଧ ସହିତ ସମଗ୍ର ପରିବେଶ ସୁଗନ୍ଧିତ ହୋଇ ଉଠେ । ବଣ ପାହାଡ଼ର ପ୍ରତ୍ୟେକ ବୃକ୍ଷରୁ ପୁରୁଣା ପତ୍ର ଝଡି ପଡ଼େ ଓ ନୂତନ କଅଁଳ ସବୁଜ ପତ୍ରରେ ପରିବେଶ ସବୁଜିମାରେ ହସିଉଠେ । ଏହି କାରଣରୁ ସମଗ୍ର ପରିବେଶ ଖୁବ୍ ଆକର୍ଷଣୀୟ ହୋଇଯାଏ । ସମାଜରେ ସୁସ୍ଥ ଜୀବନ ଯାପନ ପାଇଁ ଜଣେ ବ୍ୟକ୍ତିଙ୍କ ଦୈନନ୍ଦିନ କାର୍ଯ୍ୟରେ ହାସ୍ୟରସ, ମଜା ଓ ଆନନ୍ଦ ଉଲ୍ଲାସର କ୍ଷୁଦ୍ର ମୁହୂର୍ତ୍ତର ଆବଶ୍ୟକ ରହିଛି । ତେଣୁ ମୁନି ଋଷି ସାଧୁ ସନ୍ୟାସୀମାନେ ବଣ କାନ୍ତରେ କରୁଥିବା ଯଜ୍ଞକୁ ଅଜୟ ଅକ୍ଷୟ ବୋଲି ଘୋଷଣା କରିଥିଲେ । ଋକ୍ ବେଦର ଗୋଟିଏ ପଦ ଅନୁଯାୟୀ ଏହା – 'ୟାଟପୁରସେନା ହାବିଶା ଦେବ ଯଜାମାତନଭତ୍ । ଯଜୁର୍ବେଦରେ କୁହାଯାଇଛି ସେ ସମୟରେ ରାଜ ଉଆସରେ ମହାରାଣୀମାନେ ବସନ୍ତ ଋତୁର ମହକ ମଧୁରତା ଦ୍ୱାରା ଆନନ୍ଦରେ ଭାବବିହ୍ୱଳ ହୋଇ ମଧୁ ମାସରୁ ନୂତନ ବର୍ଷ ଆରମ୍ଭ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

ଅନ୍ୟପକ୍ଷରେ ରଙ୍ଗ ଯୋଡିବା ପାଇଁ ପାଣି ବୋତଲ ସହିତ ବାହାରକୁ ଯିବାକୁ ହୁଏ । ସେମାନଙ୍କ ମନକୁ ଯାହା ଆସେ ତାହା କୁହନ୍ତୁ। ଏପରି ଶବ୍ଦ କହି ହାଭାନ୍ ପ୍ରଦର୍ଶନ କରି ଜଣେ ପାପୀ ହୋଇଯାଏ ହୋଲିକା । ଚୈତନ୍ୟ କୃଷ୍ଣ ପ୍ରତିପଦା ଉପରେ, ସୂର୍ଯ୍ୟୋଦୟ ପରେ, ଦୈନନ୍ଦିନ କାର୍ଯ୍ୟରୁ ଅବସର ନେବା ପରେ, ତର୍ପଣ ଇତ୍ୟାଦି କରିବା ପରେ ହୋଲିକାଙ୍କ ଉପସ୍ଥିତିରେ ପିନ୍ଧାଯାଇଥିଲା । ସେମାନେ ନିଜେ ବିଭୁତି ଲଗାଇବା ସମୟରେ ଥଟ୍ଟା ଢଙ୍ଗରେ ପରସ୍ପର ବିଷ୍ଣୁଙ୍କୁ ପ୍ରଭୃ କରିବା ଆରମ୍ଭ କରିଥିଲେ।

ସେଥିରେ ପୁନଶ୍ଚ କୁହାଯାଇଛି ଯେ ବାୟୁ ଆମ ପାଇଁ ମହୁ ପରି ପ୍ରବାହିତ ହେବା ଉଚିତ୍, ନଦୀଗୁଡ଼ିକ ମହୁ ପରି ପ୍ରବାହିତ ହେବା ଆବଶ୍ୟକ, ଔଷଧୀୟ ବୃକ୍ଷ ଗୁଡ଼ିକ ମଧୁର ହେବା ଉଚିତ୍ । ତାହା ହେଉଛି ଆକାଶର ସୂର୍ଯ୍ୟ କଣିକା ଦ୍ୱାରା ପ୍ରତ୍ୟେକ ଉଦ୍ଭିଦ ମିଠା ହେବା ଉଚିତ୍ । ବର୍ତ୍ତମାନର ହୋଲି କିମ୍ବା ବସନ୍ତ ମହୋତ୍ସବର ରୂପ ହଜାର ହଜାର ବର୍ଷ ପୁରୁଣା । ପ୍ରାଚୀନ ଭାରତର ପୂର୍ବ ଭାଗରେ ହୋଲି ଖେଳ ଉଦ୍ୟାନରେ ପ୍ରଚଳିତ ଥିଲା । ଅନ୍ୟ ଅର୍ଥରେ ହୋଲି ପର୍ବର ଏକ ଅଂଶ ଥିଲା । ତମପାନିନୀଙ୍କ 'ପ୍ରାଣକ୍ରିୟନା (୬.୨.୭୨) ସୂତ୍ର ହେଉଛି ପରିଚୟ ଦବା । ବାଲାୟାନ'ରେ ତାକୁ ଦେଶର ପାରମ୍ପାରିକ କ୍ରୀଡା କୁହାଯାଏ । ହୋଲି ପର୍ବ ଫାଲଗୁନ୍ ଶୁକ୍ଳ ଅଷ୍ଟାମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆଠ ଦିନ ଧରି ପାଳନ କରାଯାଇଥିଲା ।

ହୋଲି ଉତ୍ସବ ନେଇ ଅନ୍ୟକ ତଥ୍ୟ ପୁରାଣରେ ରହିଛି । ଗୋଟିଏ ପଟେ ରାଧା-କୃଷ୍ଣ ପ୍ରେମ ଗାଥାର ଭବ୍ୟ ଉତ୍ତାଳ ଉତ୍ତରଣ ଓ ଅନ୍ୟ ପକ୍ଷରେ ଅନ୍ୟାନ୍ୟ ପୌରାଣିକ ଆଖ୍ୟାନର ଗୁଞ୍ଜନ । ରଙ୍ଗର ରଙ୍ଗୀନ ଖେଳ ଓ ହୋଲିକା ଦହନର ଅଗ୍ନି ଔଜ୍ଜଲ୍ୟ ଏ ଉଭୟ ଦୁଷ୍ଟ ଶକ୍ତି ଉପରେ ଶୁଭଙ୍କର ପ୍ରତୀକର ବିଜୟକୁ ଏହି ପର୍ବ ସହିତ ସମ୍ମିଳିତ କରି ରଖିଛି । ଶ୍ରୀରାଧା – ଶ୍ରୀକୃଷ୍ଣଙ୍କ ପ୍ରେମପ୍ରଣୟର ଲୀଳା, ଦୋଳ ଓ ରଙ୍ଗର ଖେଳ ବ୍ୟତୀତ ଅନ୍ୟଯେଉଁ ସବୁ ଆଖ୍ୟାନ ଉପାଖ୍ୟାନ ଏହି ଦୋଳ-ହୋଲି ଯୁଗ୍ମପର୍ବ ଦିବସ ସହିତ ସଂପୃକ୍ତ । ପୁଣି କେତେକଙ୍କ ମତରେ ପ୍ରବଳ ପରାକ୍ରମୀ ରାକ୍ଷସ ମେର୍ଦ୍ଧାସୁରର ମୃତ୍ୟୁର ଭଗବାନ କାରଣ ହୋଇ ପୃଥିବୀରୁ ପାପର ମାତ୍ରା ହ୍ରାସ କରିଥିବା ଯୋଗୁଁ ହୋଲି ପର୍ବ ଆୟୋଜିତ ହୋଇଥିଲା ।

ଅନ୍ୟ ପକ୍ଷରେ ନବ ବସନ୍ତ, କୋକିଳର କୁହୁତାନ, ଚୂତବୃକ୍ଷରେ ନବ ମୁକୁଳ, ମୃଦୁମନ୍ଦ ଶୀତଳ ସମୀରଣ ଏବଂ ଅନ୍ୟ ପକ୍ଷରେ ସତୀଙ୍କର ଅକାଳମୃତ୍ୟୁ ପରେ ରୁଦ୍ର ମହାତପସ୍ୱୀ ମହାଦେବ ଶିବ ରୂପରେ ଧ୍ୟାନମଗ୍ନ ଥିବା ସମୟରେ ଦେବ ଗଣ ତାରକାସୁରର ଅତ୍ୟାଚାରରେ ଭୀତ, ସଂତ୍ରସ୍ତ ହୋଇ ମହାଯୋଗୀ ଶିବଙ୍କର ଧ୍ୟାନ ଭାଙ୍ଗି ମଦନଙ୍କ ପଞ୍ଚଶରରେ ତାଙ୍କୁ ଆକ୍ରାନ୍ତ କରାଗଲେ ମହାଦେବ ଶିବ ପାର୍ବତୀଙ୍କ ସହିତ ମିଳିତ ହେଲେ କାର୍ତ୍ତିକେୟଙ୍କର ଜନ୍ମ ସମ୍ଭବ ବୋଲି ଇଚ୍ଛା କରୁଥିଲେ । ଯାହା ଫଳରେ କାମଦେବତା ମଦନ ଗୋଟିଏ ଗୋଟିଏ କରି ପଞ୍ଚବାଣ ନିକ୍ଷେପ କଲେ । ଯାହା ଫଳରେ ଉନ୍ମୁକ୍ତ ହେଲା ଶିବଙ୍କର ମୁଦ୍ରିତ ଚକ୍ଷୁ । କପାଳରେ ଜଳି ଉଠିଲା ତୃତୀୟ ଚକ୍ଷୁ । କାମଦେବତା ମଦନ ନିମିଷକରେ ଭସ୍ମୀଭୂତ ହେବାରୁ ଉଚ୍ଚସ୍ୱରରେ ବିଳାପ କରି ରତିଦେବୀ ଆବିର୍ଭାବ ହେଲେ । ନିଜର ସ୍ୱ-ଦେହ ଜ୍ୱଳନରେ ମଦନ କିନ୍ତୁ ସେଦିନ ଦେବତାଙ୍କ ସୁରକ୍ଷା ପାଇଁ ମହାଦେବଙ୍କ ମାଧ୍ୟମରେ ଏକ ଇପ୍ସିତ ଲକ୍ଷ୍ୟ ସାଧନ କରିଦେଇ ଗଲେ । କେହି କେହି କହନ୍ତି , ହୋଲିର ଦିବ୍ୟ ଦହନ କ୍ରିୟା ଏହି ଅନଙ୍ଗଙ୍କୁ ଅଗ୍ନିରେ ଦାହ କରିବାର ଏକ ପ୍ରତିଛବି ।

ତେଣୁ ନଡ଼ା ଗଦାକରି ଅଇଘରା/ ଅଗିରା ଦୋଳ ପୂର୍ଣ୍ଣିମୀ ରାତିରେ ବା ହୋଲି ଉତ୍ସବରେ ଯେଉଁ ଅଗ୍ନି ଜ୍ୱଳନର ପରମ୍ପରା ଅଛି, ତାହା ଭକ୍ତ ପ୍ରହ୍ଲାଦଙ୍କ ପୌରାଣିକ ଉପାଖ୍ୟାନ ସହିତ ମଧ୍ୟ ସଂପୃକ୍ତ । ହୋଲିକା ଏକ ରାକ୍ଷସୀ ଓ ତାହାର ଦହନ ରାଜା ହିରଣ୍ୟକଶିପୁର ନାସ୍ତିକତା ପ୍ରେରିତ ଦୁଷ୍ଟ ଶକ୍ତି ଉପରେ ଭକ୍ତ ଓ ଶିଶୁ ପ୍ରହ୍ଲାଦ ପ୍ରତି ଆଶିର୍ବାଦ ପ୍ରଦାନ କରୁଥିବା ଦୈବୀଶକ୍ତିର ପ୍ରତୀକାତ୍ମକ ବିଜୟ ରୂପେ ଅନୁଷ୍ଠିତ ହୋଇଥାଏ । ପୌରାଣିକ କଥାବସ୍ତୁ ଅନୁଯାୟୀ ହୋଲିକା ଥିଲା ହିରଣ୍ୟକଶିପୁର ଭଉଣୀ- ଯେ



କି ଶିବଙ୍କ ଠାରୁ ବର ପ୍ରାପ୍ତ ହେଇଥିଲା ଯେ ସେ ଜଳରେ ବୁଡ଼ିବ ନାହିଁ କି ନିଆଁରେ ପୋଡ଼ିବ ନାହିଁ । ନାସ୍ତିକତା ପ୍ରମତ୍ତ ହିରଣ୍ୟକଶିପୁକୁ ଭଗବାନ ବିଷ୍ଣୁଙ୍କ ମାୟାରେ ଶିକ୍ଷା ଦେବାପାଇଁ ହୋଲିକା ରାକ୍ଷସୀକୁ ପୁତ୍ର ପ୍ରହ୍ଲାଦ ସହିତ ଅଗ୍ନିରେ ପ୍ରବିଷ୍ଟ କରାଇଥିଲା । ସେଥିରେ ଶିଶୁ ପୁତ୍ରଟି ରକ୍ଷା ପାଇଯାଇଥିବା ବେଳେ ହୋଲିକା ଭସ୍ମୀଭୂତ ହୋଇଥିଲା ।

ସେହି ଭଳି କେତେକ ଅଞ୍ଚଳରେ ମଥୁରାରୁ ପ୍ରେରିତ ଛଦ୍ମ ଖଳନାୟିକା ପୁତନାର ଗୋପପୁର ପ୍ରବେଶ ଓ ସ୍ତନ୍ୟପାନ କରାଇ କୃଷ୍ଣଙ୍କ ଉଦ୍ୟମ କାହାଣୀକୁ ହୋଲି ଉତ୍ସବ ସହିତ ଯୋଡାଯାଇଥାଏ । ପୁତନା ରାକ୍ଷସୀର ଅନ୍ତ ଓ ତାହାର ଅନ୍ତ୍ୟେଷ୍ଟିକୁ ଏହି ଅଗ୍ନି ପ୍ରଜ୍ୱଳନ ସହିତ ସଂପୃକ୍ତ । ଯେତେବେଳେ ଅସୁରରାଜା କଂସ ଶୂନ୍ୟବାଣୀ ଶୁଣିବାକୁ ପାଇଥିଲା ଯେ ତା'ର ପ୍ରକୃତ ହତ୍ୟାକାରୀ ଗୋପରେ ବଢୁଛି, ସେ ଚାହିଁଥିଲା ଗୋପପୁରର ସମସ୍ତ ଶିଶୁଙ୍କୁ କୌଶଳରେ ହତ୍ୟା କରିଦେବ । ସେଥିପାଇଁ ରାକ୍ଷସୀ ପୁତନାକୁ ପଠାଇଥିଲା । ଗୋପପୁରକୁ ନିଜ ସ୍ତନରେ ହଳାହଳ ବିଷ ପୂର୍ଣ୍ଣକରି କ୍ଷୀର ରୂପେ ପାନ କରାଇ ସମସ୍ତ ଗୋପାଳ ଶିଶୁଙ୍କ ଜୀବନ ହରଣ କରିବା ପାଇଁ । କୃଷ୍ଣ ପୁତନାର ସ୍ତନ୍ୟପାନ କରିବାର ଛଳନା କରି ଛଳନାମୟୀ ସୁନ୍ଦରୀର ପଞ୍ଚପ୍ରାଣା ଶୋଷଣ କରିଥିଲେ । ଦିବ୍ୟ ସୁନ୍ଦରୀ ରୂପ ଧାରଣ କରିଥିବା ପୁତନା ତା'ର ଅସଲ ରୂପ ପ୍ରକାଶ କରି ମୃତ୍ୟୁବରଣ କରିଥିଲା । ଶ୍ରୀକୃଷ୍ଣ ସନ୍ଥମାନଙ୍କୁ ପାଳନ କରିବା ପାଇଁ ଦୁଷ୍ଟ ନିବାରଣ କରିଥିବା ଯୋଗୁଁ ହୋଲି ବା ଦୋଳଉତ୍ସବ ପାଳିତ ହୁଏ ବୋଲି ମତ ରହିଛି ।

ଏହା ସତ୍ତ୍ୱେ ଶ୍ରୀମଦ ଭାଗବତର ଗୋପଲୀଳାର ଅନ୍ୟ କେତେକ କଂସ ପ୍ରେରିତ ଅସୁର, ଅସୁରିଣୀଙ୍କ ନିଧନ ସହିତ ମଧ୍ୟ ଏହି ଦୋଳଉତ୍ସବକୁ ସଂପୃକ୍ତ କରାଯାଇଥାଏ । କିନ୍ତୁ ଗୋପଲୀଳାର ସର୍ବୋତ୍କୃଷ୍ଟ ଆଖ୍ୟାନ ରାଧାକୃଷ୍ଣ ଯୁଗଳ ମିଳନର ଏକ ସର୍ବଶ୍ରେଷ୍ଠ ଦୃଶ୍ୟ ଦୋଳିରେ ରାଧାକୃଷ୍ଣ ବା ଝୁଲଣରେ ଯୁଗଳ ମୂର୍ତ୍ତି ଏହି ପର୍ବର ପ୍ରଧାନ ଉପାସ୍ୟ ବୋଲି ଦର୍ଶାଯାଇଛି ।

ହୋଲିର ପର୍ବ ହେଉଛି ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ଭାଇଚାରାର ପ୍ରତୀକ । କାରଣ ଆମର ସଂସ୍କୃତି ହେଉଛି ଆର୍ଯ୍ୟ ସଂସ୍କୃତି , ଯାହା ବସୁଧୈବ କୁଟୁମ୍ବ କମ୍ ଆତ୍ମା ଉପରେ ବିଶ୍ୱାସ କରେ । ରଙ୍ଗ ଆମ ଜୀବନରେ ସଂପୂର୍ଣ୍ଣ ଭାବେ ସଂଯୁକ୍ତ । ଧର୍ମରେ ରଙ୍ଗର ଉପସ୍ଥିତି ମଧ୍ୟ ଏକ ବିଶେଷ ଉଦ୍ଦେଶ୍ୟ । ପୂଜାପାଠ ସ୍ଥାନରେ ରଙ୍ଗୋଲି ତିଆରି କରିବା ଚିତ୍ରକଳା ସହିତ ରଙ୍ଗର ମନୋବିଜ୍ଞାନ ପ୍ରଦର୍ଶନ କରେ । କୁଙ୍କୁମ୍, କଦଳୀ, ଫଗୁ ଅବିର୍ ଓ ମେହେନ୍ଦି ପରି ପାଞ୍ଚଟି ରଙ୍ଗ ପ୍ରତ୍ୟେକ ପୂଜାରେ ଅନ୍ତର୍ଭୁକ୍ତ । ଧାର୍ମିକ ପତାକାର ରଙ୍ଗ, ତିଲକର ରଙ୍ଗ, ଈଶ୍ୱରଙ୍କ ରଙ୍ଗ ମଧ୍ୟ ବିଶେଷ ରଖାଯାଏ । ଯାହାଦ୍ୱାରା ଧାର୍ମିକ କାର୍ଯ୍ୟକଳାପ ସମୟରେ ଆମେ ସେହି ରଙ୍ଗ ଦ୍ୱାରା ଅନୁପ୍ରାଣିତ ହୋଇପାରିବା ଓ ସେହି ରଙ୍ଗର ଗୁଣଗୁଡ଼ିକ ଆମ ଭିତରେ ଆସିପାରେ । ସୂର୍ଯ୍ୟଙ୍କ କିରଣରେ ସାତଟି ରଙ୍ଗ ଅଛି । ଯେଉଁମାନଙ୍କୁ ପୁଅମାନଙ୍କ ମଧ୍ୟରେ ରାତ୍ରି କିରଣ କୁହାଯାଏ – ସପ୍ତରଶ୍ମିର୍ଦ୍ଦମାଟମାଗି (ଋଗବେଡା ୪.୫୦.୪) । ବେଦ ଅନୁଯାୟୀ ପୃଥିବୀରେ ଦେଖାଯାଉଥିବା ସମସ୍ତ ରଙ୍ଗ କେବଳ ସୂର୍ଯ୍ୟଙ୍କ କିରଣ ଯୋଗୁଁ ଦୃଶ୍ୟମାନ ହୁଏ । ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବାର ଏକ ଧାର୍ମିକ ପରମ୍ପରା ଅଛି ଯାହା ଦ୍ୱାରା ଆମ ଶରୀର ସୂର୍ଯ୍ୟ କିରଣରୁ ରଙ୍ଗର ଶକ୍ତି ପାଇଥାଏ।

ଏହାର ମୂଳ ରୂପରେ ହୋଲି ପର୍ବ ହେଉଛି ବସନ୍ତ ବିରତି ଓ ନୂତନ ଅମଳର ପର୍ବ । ଚାଷୀଙ୍କ କଠିନ ପରିଶ୍ରମର ଫଳ ସ୍ୱରୂପ ହୋଲି ବାର୍ଟୁଟ୍ ହେଉଛି ନୂତନ ଖାଦ୍ୟର ପର୍ବ । ଦେବତାମାନଙ୍କୁ ନୂତନ ଖାଦ୍ୟ ଅର୍ପଣ କରିବାର ପରମ୍ପରା ପ୍ରାଚୀନ କାଳରୁ ଭାରତରେ ରହିଆସିଛି । ଗୀତାରେ କୁହାଯାଇଛି ଯିଏ ଦେବତାଙ୍କୁ ଉତ୍ସର୍ଗ ଅର୍ପଣ ନକରି ଖାଏ, ସେ ଜଣେ ଚୋର । ତେଣୁ ଯେତେବେଳେ ବି ନୂତନ କିଛି ଜନ୍ମ ହେଲା, ସେତେବେଳେ ବଳିଦାନ କରାଯାଇଥିଲା । ଶ୍ରୁତାସୁତ୍ରରେ ଏହି ପୂଜକଙ୍କୁ ଅଗ୍ରୟନା ଦ୍ରଷ୍ଟୀ କୁହାଯାଏ। ମନୁ ଏହାକୁ ନାଭାଶାସୀଶତି ବୋଲି କହିଛନ୍ତି । ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ହୋଲି ଭାରତରେ ଆନନ୍ଦର ପର୍ବ ଭାବରେ ପାଳନ କରାଯାଇଆସୁଛି ।

ସାମାଜିକ ଦୃଷ୍ଟିରୁ ଏହା ଏକ ପର୍ବ ଭାବରେ ପରିଗଣିତ ହୋଇଛି ଯାହା ସାଧାରଣ ଜନତାଙ୍କ ପ୍ରତିବନ୍ଧକକୁ ଭାଙ୍ଗେ । କୃଷକମାନେ ଏହାକୁ ଅମଳ କରିବାର ଆନନ୍ଦ ଓ ସୁଖର ପର୍ବ ଭାବରେ ବିବେଚନା କରନ୍ତି ଓ ଭଗବାନଙ୍କ ଭକ୍ତମାନେ ଏହାକୁ ମନ୍ଦ ଉପରେ ଭଲର ବିଜୟର ପର୍ବ ବୋଲି ବିବେଚନା କରନ୍ତି । ହୋଲି ପର୍ବର ମୂଖ୍ୟ ବାର୍ତ୍ତା ହେଉଛି ମନ୍ଦ, ତିକ୍ତତା, ଦୟା ଓ ଦୁଃଖର ହୋଲି ପୋଡି ଦିଆଯିବା ଉଚିତ, ସେଗୁଡିକ ପୋଡି ଦିଆଯିବା ଉଚିତ ପ୍ରେମ, ସୌହାର୍ଦ୍ଦ୍ୟ ଓ ନୈତିକତାର ରଙ୍ଗ ସମସ୍ତଙ୍କ ଉପରେ ବୋଳିବା ଉଚିତ୍ । ଏହା କୁହାଯାଇପାରେ ଯେ ହୋଲି ହେଉଛି ଜାତି, ବର୍ଣ୍ଣ, ଧର୍ମ , ସଂପ୍ରଦାୟ ଊର୍ଦ୍ଧ୍ୱରେ ରହି ପାରସ୍ପରିକ ସମନ୍ୱୟ ଓ ଭାଇଚାରାର ପର୍ବ । ହୋଲି ରଙ୍ଗରେ ପରସ୍ପରକୁ ଆଲିଙ୍ଗନ କରି ବନ୍ଧୁତା ରଖନ୍ତି । ଦୋଳ ପୂର୍ଣ୍ଣିମା ଓ ହୋଲି ମୁଖ୍ୟତଃ ଗୋପାଳ ଅଥାର୍ଥ ସମାଜର ଲୋକମାନେ ଅତି ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି ଦୋଳ ଉତ୍ସବରେ ଗୋପାଳ ଯୁବକମାନେ ବାଡି ଧରି ସାମରିକ କଳା ପ୍ରଦର୍ଶନ କରିଥାନ୍ତି ଏହାକୁ ଲଉଡି ଖେଳ କୁହାଯାଇ ଥାଏ ।

ନିଷ୍କର୍ଷରେ ଏହା ମୁଖ୍ୟତଃ ଗ୍ରାମ ଗ୍ରାମ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଏକ ସ୍ନେହ, ସଦ୍‌ଭାବ ଓ ପାରମ୍ପରିକ ଭାବର ଆଦାନ ପ୍ରଦାନର ପର୍ବ । ଏହା ସହ ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ଆୟୋଜନ ସହ ହୋଲିକୁ ଗ୍ରହଣ କରାଯାଇଥାଏ...!!!

+ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ : ୯୦୪୦୧୫୧୪୭୫



### ହୋଲି ଖେଳିବା ଖୁସିରେ

ଧ୍ରୁବ ଚରଣ ଘିବେଲା

ଆସିଅଛି ହୋଲି
ଆମେ ସଭେ ମିଳି
ହୋଲି ଖେଳିବା ଖୁସିରେ
ଧରି ପିଚକାରୀ
ଆନେ ରଙ୍ଗ ମାରି
ଖେଳିବା ଗାଆଁ ସାହିରେ।
ସମ୍ମାନ ସହିତ
ଯୋଡ଼ି ଦୁଇ ହାତ
ବଡ଼ଙ୍କୁ ରଙ୍ଗ ଲଗାଇ
ତାଙ୍କ ଶୁଭାଶିଷ
ନେଇକି ହରଷ
ଖୁସି ହେବା ମିଠା ଖାଇ।
ସାଙ୍ଗସାଥି ମିଶି
ରହି ଖୁସିବାସୀ
ଦୋଳ ପରେ ହାପି ହୋଲି
ଅବିର ସହିତ
ନେଇ ନାନା ରଙ୍ଗ
ଖେଳିବାରେ ମଜା ବୁଲି ।
ଆନେ ରଙ୍ଗ ଦେଇ
ନିଜେ ରଙ୍ଗ ନେଇ
ଦେଇ ନେଇ ଖେଳିଯିବା
ରଙ୍ଗ ଖେଳ ଖେଳି
ଗାଆଁ ସାରା ବୁଲି
କେତେ ଖୁସି ସାଉଁଟିବା।
ନ କରିକି ଗୋଳ
ସଭେ ହୋଇ ମେଳ
ପ୍ରାକୃତିକ ରଙ୍ଗ ଖେଳି
ଆନନ୍ଦ ମନରେ
ସେ ରଙ୍ଗ ଖେଳରେ
ମାତିବାରେ ଖେଳି ହୋଲି।
ଯା' କ୍ଷତିକାରକ
ରଙ୍ଗ ରାସାୟନିକ
ସେ ରଙ୍ଗ ଖେଳିବା ନାଇଁ
ଆଖି ଦେହ ପାଇଁ
ଜମା ଭଲ ନାଇଁ
ରହିବା ତା'ଠୁ ଦୂରେଇ।
ରଙ୍ଗ ଖେଳି ସାରି
ପୁଣି ହୋଇ ମେଳି
ଗାଧୋଇବା ପାଇଁ ଯିବା
ଘଷିମାଜି ହୋଇ
ନଈରେ ଗାଧୋଇ
ଯେଝା ଘରକୁ ଫେରିବା।
ନୁହେଁ ସାଧାରଣ
ମହତ୍ତ୍ୱ ଅନନ୍ୟ
ଭାଇଚାରାର ପରବ
ବରଷକୁ ଥରେ
ଖେଳି ହରଷରେ
ଲଭିବା ମନେ ଗରବ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

### ଦୋଳ ପରବ

ଜଗଦୀଶ ସାହୁ

ଦୋଳ ପରବ
ଆମ ଗଉରବ ଆମ ଗରବ
ଘରେ ଘରେ ପିଠା ପଣା ଦରବ
ଏକାଠି ହୋଇ
ଆନନ୍ଦେ ହାତରେ ହାତ ମିଳାଇ
ପରବ ପାଳିବା ଭଉଣୀ ଭାଇ ।
ମଣି ବିମାନ
ବିମାନରେ ବିଜେ ରାଧାମୋହନ
ଦର୍ଶନ କରନ୍ତି ଭକତ ଜନ
ଘରକୁ ଘର
ବୁଲୁଛନ୍ତି ଭୋଗ ଖିଆ ଠାକୁର
ତାଙ୍କ ପାଦତଳେ କୋଟି ଜୁହାର ।
ଆସିଛି ହୋଲି
ଜାତି ଭେଦାଭେଦ ପଛକୁ ଠେଲି
ମାନ ଅଭିମାନ ମନରୁ ଭୁଲି
ହୋଇ ହରଷ
ଫଗୁ ବୋଳାବୋଳି ହୋଇବା ଆସ
ଆଶିଷ ଢାଳିବେ ଜଗତଈଶ।

+ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

### ରଙ୍ଗର ପରବ

ନିରଞ୍ଜନ ସାହୁ

ବସନ୍ତକାଳୀନ ରାହାସ ଉତ୍ସବ
ଦୋଳ ପର୍ବ ନାମେ ଗଣା
ରଙ୍ଗର ପରବ ହୋଲି ଆସିଯିବ
ଏକଥା ସଭିଙ୍କୁ ଜଣା ।
ଦ୍ୱାପର ଯୁଗରେ ବରଜ ଦାଣ୍ଡରେ
ଗୋପୀଗୋପାଳଙ୍କ ସଙ୍ଗେ
ଅତି ଶରଧାରେ ହୋଲି ଖେଳୁଥିଲେ
କଳାକାହ୍ନୁ ନାନା ରଙ୍ଗେ
ଫଗୁ ବୋଳାବୋଳି ଖେଳ ଚାଲୁଥିଲା
ମନ ନ କରିକି ଉଣା ।
ମଳୟ ପବନ ଧୀରେ ବହୁଥିଲା
କୁସୁମ ସୁଗନ୍ଧ ସହ
ପଞ୍ଚମ ତାନରେ ପିକ ଗାଉଥିଲା
ରସାଳରେ ଅହରହ
କୁଳମାନ ତେଜି ହୋଲି ଖେଳେ ହଜି
ଗୋପୀଗଣ ବାଟବଣା ।
କହ୍ନେଇ ବଂଶୀରେ ମୂର୍ଚ୍ଛନା ତୋଳିଲେ
ଯମୁନା ଉଜାଣି ବହେ
କାହ୍ନୁ ସହ ଗୋପୀ ଅବିର ଖେଳିଲେ
ନ କହିବା ଲୋକ କହେ
ଗୋପୀମାନେ ବୁଝି ବୁଝିପାରନ୍ତିନି
ଲକ୍ଷ୍ମଣ ରେଖାଟି ଟଣା ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଶୁକ୍ରବାର, ୧୪ ମାର୍ଚ୍ଚ ୨୦୨୫

# ହୋଲି... ହୋଲି...





## ରଙ୍ଗ ଖେଳ

### କବିତା ପଣ୍ଡା

ଗାଁ ପରି ଗାଁଟିଏ
ସେ ଗାଁର ମହୁଆ ବାସରେ
ମହକି ପଡ଼େ ଅନ୍ତରରୁ ବାହାର ଯାଏଁ ।
ପାଖେଇ ଆସିଲାଣି
ଫଗୁ ପୂର୍ଣ୍ଣିମା, ରଙ୍ଗ ଖେଳ
ଏଠି ଶୀତ ସରେନି କି
ଖରା ବି ପ୍ରଖର କରେନି ,
ସବୁ କିଛି ଲାଗେ ସୁନ୍ଦର
ଯେବେ ଫଗୁଣ ଆସେ ।
ଭରପୁର ହୋଇଯାଏ ଦାଣ୍ଡ
ବିମାନର ଗହଳିରେ,
ରଙ୍ଗରେ ରଙ୍ଗିତ ହୋଇଯାଏ
ଦାଣ୍ଡ ଠାରୁ ମାଟି ପିଣ୍ଡା ।
ମେଘୁଆ ଆକାଶକୁ
ବାତୁଲା ପବନ
ଜହ୍ନ ଲୁଚକାଳକୁ
ଗାହାଣ ବଜାଣ ।
ସବୁ ସୁନ୍ଦରତାକୁ ଦେଖି
ଭରିଯାଏ ମୋ ଜୀବନ ।
ଯେବେ ଫଗୁଣ ଆସେ
ଅଳି ନ କରି ନିରବେ ବସେ,
ନିଜ ଉପରେ ଅଭିମାନ କରି
ରଙ୍ଗକୁ ସାଇତି ରଖେ,
ପ୍ରେମ ବାସ୍ତବତା କି
ଛଦ୍ମବେଶୀ ପରଖି ରଖେ,
ଠକେଇ ଆସୁଥିବା ମଣିଷଟି
ଗାଁ କୁ ପାଛୁଟି ନେବ କି ନାହିଁ
ବୋକୀ ଏକା ଏକା ଭାବେ
ଯେବେ ଫଗୁଣ ଆସେ ।

+ମଙ୍ଗଳପୁର, ସୋର,
ବାଲେଶ୍ୱର

## ବସନ୍ତ ଆଣିଛି ହୋଲି ପରବ

### ନଳିନୀ ଦାଶ

ଆସିଛି ହୋଲି ରଙ୍ଗ ରଙ୍ଗୋଲି
ଖେଳିବା ପିଲେ ଆସ
ବରଷେ ପରେ ଖୁସି ଆଣିଛି
ରଙ୍ଗ ଚଇତ ମାସ ।
ରଖିବା ନାହିଁ ବାଦ ବିବାଦ
ହିଂସା ବଡେଇ ଭୁଲି
ସଭିଏଁ ମିଶି ଖୁସି ମନରେ
ଖେଳିବା ଆମେ ହୋଲି ।
ଆମ ଓଡ଼ିଆ ସଂସ୍କୃତି ପାଳୁ
ଆସେ ଯେବେ ପରବ
ରାଧା ଗୋବିନ୍ଦ ଖେଳନ୍ତି ହୋଲି
ଏଇ ଆମ ଗରବ ।
ସ୍ନେହଁ ପ୍ରେମର ବାରତା ଦେଇ
ସାହିରୁ ସାହି ବୁଲି
ଭୋଗ ଖାଆନ୍ତି ବିମାନେ ବସି
ଦୋଳିରେ ଝୁଲି ଝୁଲି ।
ହାଟ ବଜାରେ ବାଟରେ ଯେତେ
ଦୋକାନ ହେଲା ଖୋଲା
ଜାତିଜାତିକା ରଙ୍ଗ ଅବିରେ
ଭରି ଥାଆନ୍ତି ଡାଲା ।
ଗାଆଁଟି ଆମ ବାଜା ଶବଦେ
ଉଠୁଛି ଆଜି ପୁରି
ପିଲାଠୁ ବଡ଼ ଖେଳନ୍ତି ରଙ୍ଗ
ପିଚକାରୀକୁ ଧରି ।
କୃତ୍ରିମ ରଙ୍ଗ କିଣିକି ଆମେ
ଖେଳିବା ନାହିଁ ହୋଲି
ଗୁରୁଜନଙ୍କ ପାଦରେ ଫଗୁ
ଦେବା ଯିବାନି ଭୁଲି ।
ଭାଇଚାରାର ପରବ ପରା
ନରଖି ରାଗ ରୋଷ
ଅବିର ବୋଳି ରଙ୍ଗେଇ ଦେଇ
ଝରାଇ ଦେବା ହସ ।
ଗାଆଁକୁ ବୁଲି ରାଧା ଗୋବିନ୍ଦ
ବିମାନେ ଆସିଥାନ୍ତି
ଭକ୍ତଙ୍କୁ ସ୍ନେହଁ ପ୍ରେମର ବାର୍ତ୍ତା
ବୁଝାଇ ଦେଇଥାନ୍ତି ।
ହୋଲିକା ବଦ୍ଧ କରିଲେ ବିଷ୍ଣୁ
ସଂସାର ରକ୍ଷା କଲେ
ସେଦିନୁ ଜନେ ମରତେ ହୋଲି
ପରବ ପାଳିଥିଲେ ।

+ଭିକାରିପଡା, ଶରଣକୁଳ, ନୟାଗଡ଼ ।
ମୋ: ୯୨୩୮୯୯୬୭୪୯

## ସ୍ମରଣୀୟ ହୋଲି ଗୀତ

### ଅନୁପମା ଭୂୟାଁ

ହୋଲିର ରଙ୍ଗ ମାହୋଲ ଭିତରେ ଅନେକ ଚଳଚ୍ଚିତ୍ର ସ୍ମରଣକୁ ଆସୁଛି । ଫଗୁ ଓ ଫଗୁଣର ମହୋତ୍ସବ ପାର୍ବଣ ହୋଲି ସମସ୍ତଙ୍କ ଭିତରେ ଜୀବନ୍ତ ଓ ସ୍ମୃତି ବିଜଡ଼ିତ । ସିନେମା ଭିତରେ ଆମ ସାମ୍ନାକୁ ଯେଉଁ ହୋଲି ଗୀତର ଧୁନ୍ ଚିର ଅଭୁଲା ଓ ସ୍ମରଣୀୟ ସେଗୁଡ଼ିକ ହେଉଛି 'ଆନ' ଚଳଚ୍ଚିତ୍ରର ଖେଲୋ ରଙ୍ଗ୍ ହମାରେ ସଙ୍ଗ୍... : ବଲିଉଡର ପ୍ରଥମ ଟେକନିକଲର ଫିଲ୍ମ 'ଆନ୍'ରେ ଖଞ୍ଜା ଯାଇଥିଲା ରଙ୍ଗଭରା ହୋଲି ଗୀତ ଖେଲୋ ରଙ୍ଗ ହମାରେ ସଙ୍ଗ...। ଫିଲ୍ମଟି ୧୯୫୩ରେ ରିଲିଜ ହୋଇଥିଲା । ଏହା ହୁଏତ ପ୍ରଥମ ହୋଲି ଗୀତ ହୋଇନପାରେ, କିନ୍ତୁ ଏକ ସ୍ମରଣୀୟ ହୋଲି ଗୀତ । ଫିଲ୍ମର ନିର୍ଦ୍ଦେଶକ ଥିଲେ ନୌଶାଦ୍ । ଶମଶାଦ ବେଗମ୍ ଓ ଲତା ମଙ୍ଗେସକର ଗାଇଥିବା ଏ ଗୀତରେ ଅଭିନୟ କରିଥିଲେ ଦିଲ୍ଲୀପ କୁମାର ଓ ମଙ୍ଗଲା । ସେହିପରି 'ମଦର ଇଣ୍ଡିଆ' ଚଳଚ୍ଚିତ୍ରର ହୋଲି ଆୟି ରେ କହ୍ନାଇ ହୋଲି ଆଇ ରେ..... : ଓସ୍କାର ପାଇଁ ମନୋନୀତ ହୋଇଥିବା ପ୍ରଥମ ହିନ୍ଦୀ ଫିଲ୍ମ ମଦର ଇଣ୍ଡିଆ । ୧୯୫୮ରେ ରିଲିଜ ହୋଇଥିଲା । ଫିଲ୍ମରେ ଥିଲା ଏକ ଜମାଣିଆ ହୋଲି ଗୀତ ହୋଲି ଆୟି ରେ କହ୍ନାଇ ହୋଲି ଆଇରେ । ଏ ଗୀତରେ ଅଭିନୟ କରିଥିଲେ ନର୍ଗିସ ଓ ରାଜକୁମାର । କଣ୍ଠଦାନ କରିଥିଲେ ଲତା ମଙ୍ଗେସକର ଏବଂ ସମଶାଦ ବେଗମ । 'କଟିପତଙ୍ଗ'ର ଆଜ୍ ନା ଛୋଡେଙ୍ଗେ.... ବୁରା ମାତ୍ ମାନୋ, ଆଜ୍ ହୋଲି ହେ : ୧୯୭୦ରେ ବଲିଉଡ ଫିଲ୍ମ କଟି ପତଙ୍ଗରେ ଥିଲା ଏଇ ମସ୍ତିଭରା ହୋଲି ଗୀତ ଆଜ୍ନା ଛୋଡେଙ୍ଗେ । ଏଥିରେ ଅଭିନୟ କରିଥିଲେ ସୁପରଷ୍ଟାର ରାଜେଶ ଖାନ୍ନା ଓ ଆଶା ପାରେଖ୍ । କିଶୋର କୁମାର ଓ ଲତା ମଙ୍ଗେସ୍କର କଣ୍ଠଦାନ କରିଥିଲେ । 'ସୋଲେ'ର ହୋଲି କେ ଦିନ୍... : ବଲିଉଡ୍ ଇତିହାସର ସବୁଠାରୁ ସଫଳ ଓ ଶ୍ରେଷ୍ଠ ଫିଲ୍ମ ଭାବେ ସ୍ୱୀକୃତି ସୋଲେ ୧୯୭୫ରେ ରିଲିଜ୍ ହୋଇଥିଲା । ଏ ଫିଲ୍ମରେ ଥିଲା ଗୋଟିଏ ଚମତ୍କାର ହୋଲି ଗୀତ ହୋଲି କେ ଦିନ । ପରଦା ଉପରେ ହୋଲି ଖେଳି ବୀରୁ (ଧର୍ମେନ୍ଦ୍ର) ଓ ବସନ୍ତୀ (ହେମାମାଳିନୀ) ନୃତ୍ୟ ପ୍ରଦର୍ଶନ କରିଥିଲେ । ଗୀତଟିକୁ ଗାଇଥିଲେ କିଶୋର କୁମାର ଓ ଲତା ମଙ୍ଗେସକର । 'ସିଲସିଲା'ର ରଙ୍ଗ ବରଷେ, ଭିଗେ ଚୁନରଓ୍ୱାଲି.. : ୧୯୮୧ରେ ରିଲିଜ ହୋଇଥିବା ସିଲ୍‌ସିଲାରେ ରଙ୍ଗ ବରଷେ, ଭିଗେ ଚୁନର ଓ୍ୱାଲି ନିଃସନ୍ଦେହରେ ବଲିଉଡର ସବୁଠାରୁ ଲୋକପ୍ରିୟ ହୋଲି ଗୀତ ମଧ୍ୟରୁ ଗୋଟିଏ । ଏ ଗୀତରେ ଅମିତାଭ ବଚ୍ଚନଙ୍କ ଭାଙ୍ଗ ଖିଆ ନୃତ୍ୟ ସହିତ ରେଖା, ସଂଜୀବ କୁମାର ଓ ଜୟା ଭାଦୁରୀଙ୍କ ଅଭିନୟ ଦର୍ଶକଙ୍କ ମନରେ ଏବେ ବି ଛାପ ରହିଛି । ଅଭିତାଭ ନିଜେ ଗୀତଟି ଗାଇଥିଲେ । 'ଧନ୍‌ବାନ୍'ର ରଙ୍ଗ ଦି ରଙ୍ଗ ଦି : ୧୯୯୩ରେ ରିଲିଜ ହୋଇଥିବା ଧନବାନ ଫିଲ୍ମରେ ଥିଲା ହୋଲି ଗୀତ ରଙ୍ଗ ଦି ରଙ୍ଗ ଦି । ଅଭିନୟ କରିଥିଲେ ଅଜୟ ଦେବଗନ, ମନୀଷା କୋଇରାଲା ଏବଂ କରିସ୍ମା କପୂର । ଗୀତଟି ଗାଇଥିଲେ ସୁରେଶ ଓ୍ୱାଦେକର, କବିତା କୃଷ୍ଣମୂର୍ତ୍ତି ଓ ନିତିନ୍ ମୁକେଶ । 'ମୋହବତେଁ'ର ସୋନି ସୋନି ଆଖିୟୋଁ ଓ୍ୱାଲି : ୨୦୦୦ରେ ରିଲିଜ ହୋଇଥିବା ମୋହବତେଁ ଫିଲ୍ମର ସୋନି ସୋନି ଆଖିୟୋଁ ଓ୍ୱାଲି ବେଶ ଲୋକପ୍ରିୟ । ଏ ଗୀତର



କଣ୍ଠଶିଳ୍ପୀଙ୍କ ତାଲିକା ବେଶ ଲମ୍ୱା । ଇଶାନ, ଯଶପିନ୍ଦର ନରୁଲା, ମନୋହର ସେଟ୍ଟୀ, ଉଦିତ୍ ନାରାୟଣ ପ୍ରମୁଖ ଗୀତଟି ଗାଇଥିଲେ ।

ପରିଣତ ବୟସର ବାପାମାଆଙ୍କ ସମ୍ପର୍କ ପିଲାମାନଙ୍କ ଅବଦାନକୁ ନେଇ ପ୍ରଚୁର ଦର୍ଶକୀୟ ଆଦୃତି ପାଇଥିବା ଚଳଚ୍ଚିତ୍ର 'ବାଗବାନ'ର ହୋଲି ଖେଲେ ରଘୁବୀର : ୨୦୦୩ ମସିହାରେ ରିଲିଜ ହୋଇଥିଲା ବାଗବାନ । ଫିଲ୍ମରେ ଥିବା ହୋଲି ଖେଲେ ରଘୁବୀର ଗୀତରେ ଅଭିନୟ କରିଥିଲେ ବୟସ୍କ ଅମିତାଭ ଓ ହେମାମାଳିନୀ । ନିଜେ ଅମିତାଭ କଣ୍ଠଦାନ କରିଥିଲେ । ଅମିତାଭଙ୍କ ସହିତ ଗୀତଟିକୁ ଗାଇଥିଲେ ସୁଖବିନ୍ଦର ସିଂହ, ଅଲକା ଯାଜ୍ଞିକ୍ ଓ ଉଦିତ୍ ନାରାୟଣ । 'ଓ୍ୱକ୍ତ'ର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି : ୨୦୦୫ ମସିହାରେ ରିଲିଜ ହୋଇଥିବା ଓ୍ୱକ୍ତ ଦ ରେସ୍ ଏଗେନ୍‌ଷ୍ଟ ଟାଇମ୍ ଫିଲ୍ମର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି ଗୀତରେ ନୃତ୍ୟ କରିଥିଲେ ହିଟ ଯୋଡ଼ି ଅକ୍ଷୟ କୁମାର ଓ ପ୍ରିୟଙ୍କା ଚୋପ୍ରା । ଗୀତଟିକୁ ଗାଇଥିଲେ ଅନୁ ମଲ୍ଲିକ ଓ ସୁନିଡ୍ ଚୌହାନ୍ । 'ୟେ ଜଓ୍ୱାନୀ ହେଁ ଦିଓ୍ୱାନୀ'ର ବାଲମ୍ ପିଚକାରୀ ତୁନେ ମୁଝେ ମାରି : ୨୦୧୩ରେ ରିଲିଜ ହୋଇଥିବା ୟେ ଜଓ୍ୱାନୀ ହୈ ଦିଓ୍ୱାନୀରେ ଏକ ମସ୍ତିଭରା ହୋଲି ଗୀତ ଥିଲା । ବାଲମ୍ ପିଚକାରି ତୁନେ ମୁଝେ ମାରି । ଗୀତରେ ନୈନା (ଦୀପିକା ପାଦୁ୍ୟକୋଣ), କବୀର (ରଣବୀର କପୂର) ଓ ଅଭି (ଆଦିତ୍ୟ ରୟ କପୂର) ରଙ୍ଗ ଖେଳରେ ମାତିଥିଲେ । ଗୀତଟି ଗାଇଥିଲେ ଶାଲମାଲି ଖୋଲ୍‌ଗାଡ଼େ ଓ ବିଶାଳ ଦାଦ୍‌ଲାନି । 'ଗୋଲିଓଁ କୀ ରାସ୍‌ଲୀଳା - ରାମଲୀଳା'ର ଲହୁ ମୁହଁ ଲଗ୍ ଗୟା : ୨୦୧୪ରେ ରିଲିଜ୍ ହୋଇଥିବା ସଞ୍ଜୟ ଲୀଲା ବଂଶାଲୀଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ ଗୋଲିଓଁ କୀ ରାସ୍‌ଲୀଲା : ରାମ ଲୀଲାରେ ଥିଲା ଏଇ ଭିନ୍ନ ସ୍ୱାଦର ହୋଲି ଗୀତ ଲହୁ ମୁହଁ ଲଗ୍ ଗୟା । ଫିଲ୍ମର ନାୟକ ନାୟିକା ଥିଲେ ରଣବୀର ସିଂହ ଓ ଦୀପିକା ପାଦୁ୍ୟକୋଣ । ଏଥିରେ କଣ୍ଠଦାନ କରିଥିଲେ ଶାହୀଲ ।

ବଲିଉଡରେ ହୋଲି ପାର୍ଟି : ଏକଦା ବଲିଉଡରେ ହୋଲି ପାର୍ଟିର ଆସର ଢ଼େର ଲୋକପ୍ରିୟତା ଅର୍ଜନ କରିଥିଲେ । କିମ୍ବଦନ୍ତୀ କଳାକାର ସ୍ୱର୍ଗତ ରାଜକୁମାରଙ୍କ ଦ୍ୱାରା ବିଲିଉଡରେ ବୋଧେ ପ୍ରଥମେ ହୋଲି ପାର୍ଟିର ଆୟୋଜିତ ହୋଇଥିଲା। । ପ୍ରସିଦ୍ଧ ଆର୍‌କେ ଷ୍ଟୁଡିଓ ପରିସରରେ ହୋଲି ପାର୍ଟି ଆୟୋଜନ କରି ବଲିଉଡର ସବୁ କଳାକାର ଓ ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ଆମନ୍ତ୍ରଣ କରୁଥିଲେ । ବିଆର ଚୋପ୍ରାଙ୍କ ବଙ୍ଗଳାରେ ଆୟୋଜିତ ହୋଲି ପାର୍ଟି ବି ସେତେବେଳେ ବେଶ ଚର୍ଚ୍ଚାରେ ଥିଲା । ପରେ ଅମିତାଭ ବଚ୍ଚନ, ସୁଭାଷ ଘାଇ, ଜାଭେଦ ଅଖ୍‌ତାର, ସବାନା ଆଜ୍‌ମୀ, ଶାହରୁଖ ଖାନ୍ ହୋଲି ପାର୍ଟି ଆୟୋଜିତ କରୁଥିଲେ । ଏବେ ହୋଲି ପାର୍ଟି ପରମ୍ପରା ବନ୍ଦ ହେବାକୁ ବସିଲାଣି । କେତେ ଜଣ ତାରକା ବନ୍ଧୁମାନଙ୍କ ସହିତ ହୋଲି ପାଳୁଥିବାର ଦେଖାଯାଉଛି ।

+'ସାଇବିଥି' ୭ଡ଼ି/୧୩୫୪,
ସେକ୍ଟର-୯, ସିଡିଏ, କଟକ

## ରଙ୍ଗମୟ ଜୀବନ ଦୋଳ

### ଅକ୍ଷୟ କୁମାର ରାଉତ

ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି । ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି । ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର । ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ । ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ ଭାଗରେ ପାଳନ ହୁଏ । ବର୍ଣ୍ଣାଢ଼୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଲଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ । ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଂଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଂଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ ।

ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା । ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦି କରିବା ଏକ ନାଟକୀୟ ପରିକଳ୍ପନା । ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାକ୍ଷ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେତ୍ର ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ । ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ । ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି ।

ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବାଦେବୀମାନେ ମଧ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ । ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ ।

ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ



ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ । ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ । ଘଂଟ ଘଂଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଲଟ ଚାମର ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବାଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି । ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ । ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି । ଏହି ଭୋଗଖିଆରୁ ଜଣାପଡେ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ । ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ ମଣିଷ ପାଖକୁ ଆସେ । ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ ।

ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ । ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଂଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି । ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ ଥର କରି ଏକୋଇଶ ବାର ବୁଲାଯାଏ । ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ । ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ ।

ଦୋଳଯାତ୍ରାର ଫଗୁଖେଳ ଏକ ବିଶେଷ ଆକର୍ଷଣ । ଦୋଳ ବିମାନରେ ଥିବା ଦେବାଦେବୀଙ୍କୁ ପ୍ରଥମେ ଫଗୁ ବା ଅବିର ପ୍ରଦାନ କରାଯାଏ, ତାପରେ ସମସ୍ତେ ଫଗୁ ଦେହରେ ବୋଳି ହୋଇ ରାଧାକୃଷ୍ଣଙ୍କ ନାମରେ ଆନନ୍ଦ ବିଭୋର ହୋଇଉଠନ୍ତି । ସନ୍ଧ୍ୟା ଆରତୀ ପରେ ପଞ୍ଜିକାରମାନେ ଦୋଳ ମଣ୍ଡପରେ ନୂତନ ବର୍ଷର ପଞ୍ଜିକା ପଠନ କରି ଆଗାମି ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇଥାନ୍ତି ।

ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ । ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ଦେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ । ଗୋଲାପି ରଙ୍ଗ ବିଶ୍ୱ ଭାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ । ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ । ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ । ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ । ସ୍ୱପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ । ବାଇଗଣି ରଙ୍ଗ ବିଜୟର ବାର୍ତାବହ । ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ । ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ । ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ । ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍ । ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ । ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି । ଅଂଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି । ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି । ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ । ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ ।

+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

## ହୋଲି ସତର୍କତା

### ରାସାୟନିକ ରଙ୍ଗ ଠାରୁ ଦୂରେଇ ରୁହନ୍ତୁ

### ଡାକ୍ତର କାନ୍ତୀ ନାୟକ

ହୋଲିର ଗହଳି ଭିତରେ ରଙ୍ଗ ବୋଳାବୋଳି ଆରମ୍ଭ ହୋଇଗଲାଣି । ରଙ୍ଗର ଏହି ପର୍ବରେ ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳିବା ପାଇଁ ଅନେକେ ଚାହିଁବସିଥାନ୍ତି । ସେଥିପାଇଁ ଅନେକେ ବଜାରରୁ ରଙ୍ଗ ଏବଂ ଫଗୁ କିଣିବାରେ ବ୍ୟସ୍ତ । ବଜାରରେ ବିଭିନ୍ନ କିସମର ରଙ୍ଗ ମିଳୁଛି । ଖାଲି ଆଖିକୁ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି । କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି, ଏହାସହ ପଟାସିୟମ ସଲଫେଟ ଓ ତୀବ୍ର ସିଲଭରର ଜେନେଟିକ୍ ରଙ୍ଗ ଆହୁରି ବିପଜ୍ଜନକ କରିଦିଏ ଏହାର ପ୍ରସ୍ତୁତିକୁ । ଏଗୁଡ଼ିକ ଶରୀର ପ୍ରତି କ୍ଷତିକାରକ, ଏପରିକି ଶରୀରର ଅଙ୍ଗଗୁଡ଼ିକୁ ଅଚଳ କରିଦେବାର ସାମର୍ଥ୍ୟ ବି ରଖିଥାଏ । ତେଣୁ ରଙ୍ଗ କିଣିବା ବେଳେ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ । ବିଶେଷ କରି ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ ।

ଓଡ଼ିଶାର ସ୍ୱୟଂ ସହାୟକ ସଂଗଠନ ଓ ରାଜ୍ୟ ସରକାରଙ୍କ ସବୁଠାରୁ ସଫଳତମ ଉଦ୍ୟୋଗ ଓରମାସ ମାଧ୍ୟମରେ ଆମ ରାଜ୍ୟର ମହିଳାମାନେ ବିଭିନ୍ନ ପ୍ରକାର ପ୍ରାକୃତିକ ରଙ୍ଗ ତିଆରି କରୁଛନ୍ତି ଏହା ସବୁଠାରୁ ଭଲ । ଏହା ପ୍ରଥମତଃ ଆତ୍ମନିର୍ଭରଶୀଳ ହେଉଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିକ୍ରିବଟାକୁ ପ୍ରୋତ୍ସାହିତ କରିବ, ଦ୍ୱିତୀୟତଃ ଏହାର ମୂଲ୍ୟ ବଜାରର ବାହାର ରଙ୍ଗ ତୁଳନାରେ ବହୁତ କମ୍ । ସବୁଠାରୁ ବଡ଼କଥା ହେଉଛି ଏହା ଆମରି ଜଳବାୟୁର ପ୍ରାକୃତିକ ରଙ୍ଗରେ ହିଁ ପ୍ରସ୍ତୁତ ହୋଇଥାଏ । ଯେଉଁଥିରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ସମ୍ଭାବନା ରହିନଥାଏ । ପରିବେଶ ମଧ ପ୍ରଦୂଷିତ ହେବାର ସମ୍ଭାବନା ହିଁ ନଥାଏ । ବଜାରରେ ମିଳୁଥିବା କୃତ୍ରିମ ସବୁଜ ରଙ୍ଗରେ କପର ସଲ୍‌ଫେଟ ମିଶିଥାଏ । ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଥାଏ । ଏହାଛଡ଼ା ଏହି ରଙ୍ଗ ଆଂଶିକ ଭାବେ ଅନ୍ଧ କରିଦେଇଥାଏ । ରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରୋମାଇଟ ରହିଛି । ଏଥିଯୋଗୁଁ କର୍କଟରୋଗ ହେବାର ସମ୍ଭାବନା ଅଧିକ । ହାଲ୍‌କା ବାଇଗଣୀ ରଙ୍ଗରେ କ୍ରୋମିୟମ୍ ମାତ୍ରାର ମିଶ୍ରଣ ରହିଥାଏ । ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ । ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ରହିଛି । ଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ । ସେଥିଯୋଗୁଁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଯାଇଥାଏ । ଆହୁରି ଗୋଟିଏ କଥା ଭଲଭାବେ ମନେ ରଖନ୍ତୁ ଆଜିକାଲି କିଛି ଚକ୍ ଚକ୍ କରୁଥିବା ରଙ୍ଗଗୁଡ଼ିକରେ ଗୁଣ୍ଡକାଚ ମିଶୁଛି ।

ସେହିପରି ରାସାୟନିକ ଅଭ୍ର ଓ ଉତ୍କଟ ପେଟ୍ରୋଲିୟମ ପ୍ରସ୍ତୁତିର ରଙ୍ଗ ମଧ ଆଜିକାଲି ରଙ୍ଗବଜାରରେ ଖୁବ୍ କମ ମୂଲ୍ୟରେ ମିଳୁଥିବାରୁ ଏହାର ଚାହିଦା ବଢୁଛି । ସେହିପରି ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ । ରଙ୍ଗବୋଳାର ଆଉ ଗୋଟିଏ ଦିଗ ପ୍ରତି ଟିକିଏ ଲେଖୁଛି । ଅନେକ ମହିଳାମାନେ ରଙ୍ଗ ଜନିତ ସମସ୍ୟା ନେଇ ପାର୍ଶ୍ୱପ୍ରତିକ୍ରିୟାକୁ ମଧ ସାମ୍ନା କରିଥାନ୍ତି । ତେଣୁ ରଙ୍ଗ କିଣିବା ସମୟରେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ । ସେହିପରି ମୁଣ୍ଡ ଧୋଇବା ସମୟରେ ସାବୁନ ରଙ୍ଗର ଫେଣ ପ୍ରାୟତଃ କାନରେ ପଶିଯାଏ । ଅବିର ବୋଳାବୋଳି ହେଲାବେଳେ ନାକ ଭିତରେ କିଛି ପରିମାଣ ନିଶ୍ୱାସରେ ହିଁ ଭିତରକୁ ଚାଲିଯାଏ ଯାହାଦ୍ୱାରା ପରବର୍ତ୍ତୀ ସମୟରେ ନାକ ଓ ଗଳାର ସଂକ୍ରମଣ ହେବା ସଙ୍ଗେ ସଙ୍ଗେ ଫୁସ୍‌ଫୁସ୍ ସଂକ୍ରମଣ ହୋଇ ଶ୍ୱାସପ୍ରକ୍ରିୟାରେ ବ୍ୟାଘାତ ଘଟେ । ଆସନ୍ତୁ ହୋଲିରେ ରାସାୟନିକ ରଙ୍ଗକୁ ଦୂରେଇ ପ୍ରାକୃତିକ ରଙ୍ଗ ବ୍ୟବହାର କରିବା ।

+ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା
ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ,
କଟକ

# ସୁରକ୍ଷିତ ତଟ ସମୃଦ୍ଧ ଭାରତ- ସିଆଇଏସଏଫ ପକ୍ଷରୁ ସଚେତନତା ସାଇକେଲ ଶୋଭାଯାତ୍ରା




ପାରାଦୀପ, ୧୩/୩ (ନି.ପ୍ର): କେନ୍ଦ୍ରୀୟ ଶିଳ୍ପ ନିରାପା ବାହିନୀ (ସିଆଇଏସଏଫ) ପକ୍ଷରୁ ଭାରତର ତଟର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଆରମ୍ଭ ହୋଇଥିବା ସାଇକେଲ ଶୋଭାଯାତ୍ରା ଦଳକୁ ଗୁରୁବାର ଦିନ ପାରାଦୀପ ସମୁଦ୍ର ତଟରେ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଯୋଗ ଦେଇ ଶୋଭାଯାତ୍ରାର ପାରାଦୀପ ଠାରେ ଶୁଭାରମ୍ଭ କରିଥିଲେ । ଗୁରୁବାର ଦିନ ଏହି ଟିମ୍ ପାରାଦୀପ ଠାରୁ କୋଣାର୍କ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆଇଏସଏଫ ମୁଣ୍ଡୁଳିର ଡିଆଇଜି ଡ.ଏମଡି. ସେକ୍ ଅବଦୁଲ୍ଲା, ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା, କୋଷ୍ଟଗାର୍ଡ ଡିଆଇଜି ସଂଜୟ ନେଗୀ, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତିରଂଜନ କର ଯୋଗ ଦେଇ ଶୋଭାଯାତ୍ରାକାରୀ ସିଆଇଏସଏଫ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ପରମଜ୍ୟୋତି କଳାକ୍ଷେତ୍ର ସମେତ ସିଆଇଏସଏଫ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ଦଳରେ ମୋଟ ୫୦ଜଣ ପୁରୁଷ ଓ ମହିଳା ସାମିଲ ହୋଇଛନ୍ତି । ଏହି ଦଳ ମାର୍ଚ୍ଚ ୩୧ ତାରିଖରେ ତାମିଲନାଡୁର କନ୍ୟାକୁମାରୀ ବିବେକାନନ୍ଦ ମେମୋରିଆଲ୍ ଠାରେ ଯାତ୍ରା ଶେଷ କରିବେ । ମାର୍ଚ୍ଚ ୭ ତାରିଖ ଦିନ ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ୧୧ଟି ରାଜ୍ୟ ଓ ମୋଟ୍ ୨,୭୭୮ କିଲୋମିଟର ଏହି ସାଇକେଲ୍ ଯାତ୍ରି ଅତିକ୍ରମ କରିବେ ବୋଲି ଜଣାପଡିଛି ।

## କୁଳଡିଆ ହାତୀ ଉପଦ୍ରବ: ଘରକୋଣରେ ଲୁଚିଲେ ପରିବାର

ନୀଳଗିରି , ୧୩/୩ (ନି.ପ୍ର): ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ କୁଳଡିଆ ହାତୀ। କୁଣ୍ଡାବାସ୍ନା ପାଇ ଉପଦ୍ରବ ରଚିଲା ତାଣ୍ଡବ। କୁଣ୍ଡାଖାଇବା ସହିତ ଭାଙ୍ଗିଲା ଘରର କାନ୍ଥ, କବାଟ ଓ ଘରଛପର। ଭୟରେ ଘୋରକୋଣରେ ଲୁଚି ରହିଲେ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି ବାଉଁଶବଣିଆ ପଞ୍ଚାୟତ ମାନଗଡ ଗାଁରେ। ବନବିଭାଗକୁ ଖବର ଦିଆଯାଇଥିଲେ ମଧ ୧ଘଣ୍ଟା ବିଳମ୍ବରେ ପହଞ୍ଚିଲା ବନବିଭାଗ । ପରେ ଗ୍ରାମବାସୀଙ୍କ ସହାୟତାରେ ଘଉଡ଼ାଇଲେ ହାତୀ। ସୂଚନା ଅନୁଯାୟୀ ମାନଗଡ଼ ଗାଁ ର ଶଙ୍କର୍ଷଣ ବାରିକଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ହାତୀ ପଶି ଘରର ଛପର, ଘର କାନ୍ଥ, କବାଟ, ଏବଂ କୁଣ୍ଡା ଖାଇ ଉପଦ୍ରବ ରଚିଛି।ତେବେ ହାତୀ ଭୟରେ ଘରକୋଣରେ ପରିବାର ରହି ଗାଁ ଲୋକଙ୍କୁ ଡାକିବାରୁ ଗାଁ ଲୋକଙ୍କ ସହାୟତାରେ ବନବିଭାଗ ହାତୀ ଘଉଡାଇବାରେ ସଫଳ ହୋଇଛି। ତେବେ ବନବିଭାଗ ଅଞ୍ଚଳରେ କଡାପ୍ରହରା ସହ କ୍ଷୟକ୍ଷତି ହୋଇଥିବା ପରିବାରକୁ ସହାୟତା ଦେବାକୁ ଦାବି ହୋଇଛି।

## ଝାରସୁଗୁଡା ସର୍ବାଧିକ ଉତ୍ତପ୍ତ ସହର

ଭୁବନେଶ୍ୱର, ୧୩/୩ (ନି.ପ୍ର): ମାର୍ଚ୍ଚ ମଧ୍ୟ ଭାଗରୁ ତାତିର ପ୍ରକୋପ ଦେଖିବାକୁ ମିଳିଲାଣି। ଗୁରୁବାର ଓଡ଼ିଶାରେ ଚଳିତ ଗ୍ରୀଷ୍ମଋତୁର ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ୩ ସହରରେ ତାପମାତ୍ରା ୪୦ ଡିଗ୍ରି ସେଲସିୟସ୍ ଛୁଇଁଛି। ଝାରସୁଗୁଡା ସହରରେ ତାପମାତ୍ରା ସର୍ବାଧିକ ୪୧.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ହୀରାକୁଦରେ ତାପମାତ୍ରା ୪୦.୧ ଡିଗ୍ରୀ , ସମ୍ବଲପୁରରେ ୪୦ ଡିଗ୍ରୀ ଏବଂ ରାଉରକେଲାରେ ୩୯.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

**AFFIDAVIT**

An affidavit before the executive Magistrate Anugul, I Rajendra Kumar Patra, aged about 39 years, S/o- Abhimanyu Patra of vill - Nuagan, P.o- Singa Khunta, P.S.- Soro, Dist- Balasore, At present: Vill/ P.O- Budhapank, P.S.- Banarpal, Dist- Anugul declare that my father's actual name is ABHIMANYU PATRA which has been mentioned in my family documents and Aadhar card No- 982673430851. But in my H.S.C Examination Certificate issued by the Secretary Board of Secondary Education Orissa, Cuttack vide Roll No. 69SB200 in which his name has been wrongly mentioned as Avimanyu Patra. Both the name is same and one person. Henceforth he will be known as Abhimanyu Patra for all purpose

**Rajendra Kumar Patra**

# ୨୬ତମ ରାଜ୍ୟସ୍ତରୀୟ ୟୁ ଆଣ୍ଡ ମି କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ରକି କ୍ଲବ ବାଲେଶ୍ୱର ଓ ଉତ୍କଳିକା ସ୍ପୋର୍ଟିଙ୍ଗ ବାସୁଦେବପୁର

## ଜୁନିୟର ଚମ୍ପିୟାନସିପ ଫାଇନାଲରେ ଆଦର୍ଶ କ୍ଲବ ଓ ବିସିଏ





ବାଲିଆପାଳ , ୧୩/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ୨୬ତମ ୟୁ ଆଣ୍ଡ ମି ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ରକି କ୍ଲବ ବାଲେଶ୍ୱର ୪ ୱିକେଟରେ ସମ୍ରାଟ କ୍ଲବ ବାଲେଶ୍ୱରକୁ ହରାଇ ଦ୍ୱିତୀୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି।ରକି କ୍ଲବର ଅଧିନାୟକ ଟସ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲେ। ସମ୍ରାଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୩ରନ ସଂଗ୍ରହ କରିଥିଲେ।ଦଳ ପକ୍ଷରୁ ସେକ ମିନାଜ ଚାନ୍ଦ ୨୫ବଲରୁ ଦ୍ରୁତ ୪୪ରନ କରିଥିଲା ବେଳେ ମାନସ ପାତ୍ର ୩୧ରନ କରିଥିଲେ।ରକି କ୍ଲବର ବୋଲର ସୁମନ ଓଝା ୪ଓଭର ବୋଲିଂ କରି ଗୋଟିଏ ମେଡେନ ଓଭର ସହିତ ୨୩ରନ ବ୍ୟୟ କରି ୨ଟି ୱିକେଟ ନେଇଥିଲେ ଏବଂ ଭୈରବ ଦେ ସରକାର ୪ଓଭରରେ ୩୫ରନ ଦେଇ ୨ଟି ୱିକେଟ ନେଇଥିଲେ। ୧୬୪ରନର ବିଜୟ ଲକ୍ଷ୍ୟର ପିଛା କରି ରକି କ୍ଲବ ନିୟମିତ ବ୍ୟବଧାନରେ ୱିକେଟ ହରାଇ ଚାଲିଥିବା ବେଳେ ଦଳର ନିର୍ଭର ଯୋଗ୍ୟ ବ୍ୟାଟ୍ସମ୍ୟାନ୍ ଭୈରବ ଦେ ସରକାର ଧୈର୍ଯ୍ୟର ସହିତ ବ୍ୟାଟିଂ କରି ୬୪ବଲରୁ ୧୦୧ରନର ଏକ ମାରାଥନ ଇନିଙ୍ଗ୍ସ ଖେଳିଥିଲେ। ମାତ୍ର ରକି କ୍ଲବକୁ ଜିତିବା ପାଇଁ ୧୬ରନ ଥିବା ବେଳେ ଭୈରବ ଦେ ସରକାର ଆଉଟ ହୋଇଯାଇଥିଲେ। ତେବେ ଦଳର ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ୍ ସୁମନ ଓଝା ୧୨ବଲରୁ ୨୮ରନ କରି ଦଳକୁ ବିଜୟୀ କରାଇବା ସହିତ ଫାଇନାଲରେ ପହଁଞ୍ଚାଇଥିଲେ। ଆସନ୍ତା ୧୬ତାରିଖ ରବିବାର ଉତ୍କଳିକା ସ୍ପୋର୍ଟିଙ୍ଗ ବାସୁଦେବପୁର ସହିତ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ୧୫ବର୍ଷରୁ କମ ବୟସର ପିଲାମାନଙ୍କୁ ନେଇ ହେଉଥିବା ଜୁନିୟର ଚମ୍ପିୟାନସିପର ଦ୍ୱିତୀୟ ସେମିଫାଇନାଲ ସମ୍ରାଟ କ୍ଲବ ଓ ଆଦର୍ଶ କ୍ଲବ ମଧ୍ୟରେ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ କ୍ଲବ ପ୍ରଥମେ ଟସ ଜିତି ବ୍ୟାଟିଂ ନିଷ୍ପତି ନେଇଥିଲା ବେଳେ ଅପରପକ୍ଷ ସମ୍ରାଟ କ୍ଲବକୁ ବୋଲିଂ ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୧୫ଓଭରରେ ଆଦର୍ଶ କ୍ଲବ ୫ୱିକେଟ ହରାଇ ୧୧୫ ସଂଗ୍ରହ କରିଥିଲେ। ଆଦର୍ଶ କ୍ଲବର ବ୍ୟାଟ୍ସମ୍ୟାନ ବିଶ୍ୱଜିତ ୪୧ବଲରୁ ୩୬ରନ କରିଥିଲା ବେଳେ ଦୀପକ କୁମାର ରାଉତ ୨୮ବଲରୁ ୨୫ ରନ କରିଥିଲେ।ସମ୍ରାଟ କ୍ଲବର ବୋଲର ଆଦିତ୍ୟ ମାଇତି ୨ଓଭର ବୋଲିଂ କରି ୧୮ରନ ବ୍ୟୟ କରି ୨ଟି ୱିକେଟ ନେଇଥିଲେ। ୧୧୬ରନର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ରାଟ କ୍ଲବ ନିର୍ଦ୍ଧାରିତ ୧୫ଓଭରରେ ୫ୱିକେଟ ହରାଇ ୧୦୭ ରନ କରି ୮ରନରେ ପରାଜିତ ହୋଇଥିଲେ। ସମ୍ରାଟ କ୍ଲବର ବ୍ୟାଟ୍ସମ୍ୟାନ ତନ୍ମୟ ପାଢ଼ୀ ୪୩ବଲରୁ ସର୍ବାଧିକ ୩୩ରନ କରିଥିଲେ। ଆଦର୍ଶ କ୍ଲବର ବୋଲର ପ୍ରତୀକ ସେନାପତି ୩ଓଭର ବୋଲିଂ କରି ୨୦ରନ ଦେଇ ୨ଟି ୱିକେଟ ନେଇଥିଲା ବେଳେ ରାଜେଶ କୁମାର ଜେନା ୩ଓଭର ବୋଲିଂ କରି ୧୭ରନ ଦେଇ ୨ଟି ୱିକେଟ ନେଇଥିଲେ। ଆଦର୍ଶ କ୍ଲବର ଅଲରାଉଣ୍ଡର ପ୍ରତୀକ ସେନାପତି ଉଭୟ ବ୍ୟାଟ ଏବଂ ବଲରେ ଚମତ୍କାର ପ୍ରଦର୍ଶନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଜୁନିୟର ଚମ୍ପିୟାନସିପର ଫାଇନାଲ ମ୍ୟାଚ ଆସନ୍ତା ୧୫ତାରିଖ ଅପରାହ୍ନରେ ବିସିଏ ବାଲେଶ୍ୱର ଏବଂ ଆଦର୍ଶ କ୍ଲବ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ଆସନ୍ତାକାଲି ବାଲେଶ୍ୱର ଲିଜେଣ୍ଡସ ମାନଙ୍କୁ ନେଇ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।ଆଜି ଅନୁଷ୍ଠିତ ଦୁଇଟି ସେମିଫାଇନାଲ ମ୍ୟାଚକୁ ଓସିଏ ଆମ୍ପାୟାର ପ୍ରତାପ କୁମାର ପାତ୍ର, ରଞ୍ଜନ କୁମାର ମହାନ୍ତି ଓ ଶାନ୍ତନୁ ଦାସ ପରିଚାଳନା କରିଥିଲେ। ସ୍କୋରର ଭାବରେ ରାହୁଲ ସିଂ ଓ ପ୍ରତ୍ୟୁଷ ନାୟକ ଦାୟିତ୍ୱ ତୁଲାଇଥିଲେ। ଖେଳର ଧାରା ବିବରଣୀ ମଳୟ କୁମାର ସେନାପତି ଓ ଆଶିଷ ପଟ୍ଟନାୟକ ପ୍ରଦାନ କରିଥିଲେ। ୟୁ ଆଣ୍ଡ ମି କ୍ଲବର ଅମିତ ଅମିତାଭ ମହାକୁଡ଼, ସତ୍ୟକାନ୍ତ ଦାସ, ଦେବାଶିଷ ମହାନ୍ତି , ସରୋଜ ବେହେରା, ସବ୍ୟସାଚୀ ଆଚାର୍ଯ୍ୟ, ସୁରଜିତ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳା ଦିବସ ଉପଲକ୍ଷେ ବିଶ୍ୱଶାନ୍ତି ଜ୍ଞାନଯଜ୍ଞ

ବାଲିଆପାଳ ୧୩/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବସଷ୍ଟାଣ୍ଡ ଠାରେ ରବିବାର ସନ୍ଧ୍ୟା ୮ ଟା ରେ ଆନ୍ତର୍ଜାତୀକ ମହିଳା ଦିବସ ଉପଲକ୍ଷେ ଜନନୀ ପରିବାର ପକ୍ଷରୁ ବିଶ୍ୱଶାନ୍ତି ଜ୍ଞାନଯଜ୍ଞ ର ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଜନନୀ ପରିବାର ର ସଭାନେତ୍ରୀ ଆଇନଜିବୀ ଜ୍ୟୋସ୍ନା ରାଣୀ ମହାନ୍ତି ଙ୍କ ସଭାପତିତ୍ୱ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ଗୋବିନ୍ଦ ବେହେରା ଯୋଗଦେଇ ନାରୀ ଶିକ୍ଷିତ ହେଲେ ପରିବାର ଶିକ୍ଷିତ ହେବା ସହିତ ସମାଜ ମଧ ଶିକ୍ଷିତ ହେବ। ନାରୀଙ୍କୁ ସମ୍ମାନ ଦେବା ପୁରୁଷ ମାନଙ୍କ କର୍ତ୍ତବ୍ୟ ବୋଲି କହିଥିଲେ।ମୁଖ୍ୟ ବକ୍ତା ଭାବେ ସମାଜସେବୀ ସତ୍ୟକାମ ମହାନ୍ତି ଯୋଗଦେଇ ମହିଳା ମାନଙ୍କୁ ଶଶକ୍ତ ହୋଇ ଏସମାଜ ରେ ନିଜକୁ ଦୁର୍ବଳ ମନେନକରି ସବଳ ହୋଇ ନିଜ ର ହକ୍ ଛଡେଇ ଆଣିବା ପାଇଁ ମା ମହଗଳା ମାନଙ୍କୁ ଆହ୍ୱାନ ଦେଇଥିଲେ।ସମ୍ମାନୀତ ଅତିଥି ଭାବେ ଯୋଗାଚାର୍ଯ୍ୟ ଅଭୟ ମୁନି, ପ୍ରଚାରମନ୍ତ୍ରୀ ମହିମ ମୁନି, ଯୋଗ ଶିକ୍ଷକ ରବିନ୍ଦ୍ର ମୁନି, ଅବସରପ୍ରାପ୍ତ ଶିକ୍ଷକ ଭୃଗୁରାମ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ, ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି, ସମାଜସେବୀ ସ୍ନେହଲତା ବେହେରା ପ୍ରମୁଖ ଯୋଗଦେଇ ଏ ସମାଜ ପ୍ରତି ମହିଳା ମାନଙ୍କ ର ଅବଦାନ ବିଷୟରେ ବ୍ୟକ୍ତବ୍ୟ ରଖିଥିଲେ । ସବିତା ବେହେରା ଅତିଥି ପରିଚୟ କରିଥିଲା ବେଳେ ସୁଭଦ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଜନନୀ ପରିବାର କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଦୁଇ ଜଣ ମହିଳା ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ ଏବଂ କବିତା ଗିରି ଙ୍କୁ ଜନନୀ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଚଳ ହେଇ ପଡ଼ିଛି ରୂପସା ଏସବିଆଇ ଏଟିଏମ

ବସ୍ତା , ୧୩/୩ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ରୂପସା ଷ୍ଟେସନ ବଜାର ରେ ଥିବା ଏସ ବି ଆଇ ଏଟିଏମ ବନ୍ଦ ହୋଇ ପଡ଼ିଛି। ଏହି ଏଟି ଏମ ଟି ଦୀର୍ଘ ଦିନରୁ ଆରମ୍ଭ ହୋଇଥିଲେ ମଧ ଗୋଟିଏ ବର୍ଷ ରେ ୩୬୫ ଦିନରୁ ପ୍ରାୟ ୩୦୦ ଦିନ ଅଚଳ , ଟଙ୍କା ନଥିବା ଭଳି ନାନାଦି ଯାନ୍ତ୍ରିକ ତ୍ରୁଟି ରହି ଆସୁଛି। ଯାହା ଫଳରେ ରୂପସା ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଓଡ଼ିଶା ବିଭାଜନ ପାଇଁ ମନ୍ତବ୍ୟ ରଖୁଥିବା ଏବଂ ଉତ୍କଳ ବନ୍ଦନାକୁ ଅସମ୍ମାନ ପ୍ରଦର୍ଶନ କରୁଥିବା ବିଧାୟକଙ୍କୁ ଗିରଫ କରାଯାଉ

ଜଳେଶ୍ୱର , ୧୩/୩ (ନି.ପ୍ର): ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ ଜଳେଶ୍ୱର ତରଫରୁ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଗିରଫ କରିବା ନିମନ୍ତେ ଜଳେଶ୍ୱର ଥାନାରେ ଏକ ଏତଲା ଦିଆଯାଇଛି। ସୂଚନା ଥାଉକି ଜଣେ ଲୋକ ପ୍ରତିନିଧି ଓଡ଼ିଶା ବିଧାନସଭାର ବିଧାୟକ ଥାଇ ଓଡ଼ିଶାକୁ ବିଭାଜନ କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି ସରକାରୀ ଦଳର ବିଧାୟକ ଜୟନାରାୟଣ ମିଶ୍ର । ସେ ଏକ ଜନସଭାରେ କହିଛନ୍ତି ଓଡ଼ିଶା ସହିତ ମିଶିବା ପଶ୍ଚିମ ଓଡିଶାର ଐତିହାସିକ ଭୁଲ। ଇତିହାସ ଗଠନ ସମ୍ପର୍କରେ କୌଣସି ଧ୍ୟାନ ଧାରଣା ନଥିବା ବିଧାୟକ ଏଭଳି ମନ୍ତବ୍ୟ ଦେବା କେବଳ ଉତ୍କଳ ପ୍ରଦେଶ ଗଠନରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାମନିଷୀ ମାନଙ୍କ ପ୍ରତି ଅପମାନ ନୁହେଁ ଓଡ଼ିଶାକୁ ବିଭାଜନ କରିବା ପାଇଁ ସେ ଜନସାଧାରଣଙ୍କୁ ଉସୁକାଉଛନ୍ତି। ବିଧାୟକ ଶ୍ରୀ ମିଶ୍ର ବୋଧହୁଏ ଭୁଲି ଯାଇଛନ୍ତି ଭାଷା ଭିତ୍ତିକ ରାଜ୍ଯ ଗଠନରେ ଓଡ଼ିଶା ହେଉଛି ପ୍ରଥମ। ଏଭଳି ଏକ ଗୌରବମୟ ଇତିହାସକୁ ଅବଜ୍ଞା କରି ବିଧାୟକ ମିଶ୍ର ଅପରାଧ କରିଛନ୍ତି। କେବଳ ଏତିକି ନୁହେଁ ଉତ୍କଳ ବନ୍ଦନା ଯାହା ଗାନ ହେବା ବେଳେ ସମସ୍ତେ ଛିଡ଼ାହୋଇ ଏହାକୁ ସମ୍ମାନ ପ୍ରଦର୍ଶନ କରନ୍ତି ଯାହା ଆମର ଅସ୍ମିତା ଜୟନାରାୟଣ ବାବୁ ଏଥିରେ ଛିଡ଼ା ନହେବା ଆଉ ଏକ ଦଣ୍ଡନୀୟ ଅପରାଧ। ଏଭଳି ଅପରାଧ କରିବା ଏବଂ ଦର୍ପ ସହକାରେ କହିବା 'ମୁଁ କେବେ ଉତ୍କଳ ବନ୍ଦନା ଗାନ ସମୟରେ ଛିଡ଼ା ହୁଏ ନାହିଁ କି ହେବି ନାହିଁ' ଏହା ସମଗ୍ର ଓଡିଆ ଜାତି ପ୍ରତି ଅପମାନ ସୂଚକ। ଏଭଳି ଅହଙ୍କାରୀ ଜନ ପ୍ରତିନିଧିଙ୍କ ତୁରନ୍ତ ଗିରଫ କରିବା ଆବଶ୍ୟକ ମନେ କରି ଜଳେଶ୍ୱର ଥାନାରେ ଏକ ଏତଲା ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ ସଭାପତି ଇନ୍ଦୁ ମାଧବ ମହାନ୍ତି, କାର୍ଯ୍ୟକାରୀ ସଭାପତି ଭାଗବତ ଚନ୍ଦ୍ର ପରିଡା, ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ଉପସଭାପତି ଦିଲ୍ଲୀପ କୁମାର ଗିରି, ବିଶିଷ୍ଟ ଗାଳ୍ପିକ ସୀତାଂଶୁ ସେନାପତି,ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ପ୍ରଫୁଲ୍ଲ ମହାନ୍ତି, ଜ୍ୟୋତିଷ ଚନ୍ଦ୍ର କର,ପଲ୍ଟୁ ଦାସ, ଗଗନ ପରିଡା, ରାଜାରାମ କରଶର୍ମା, ସବିତା ଭୂୟାଁ , ଦିଲ୍ଲୀପ ଶତପଥୀ ଦାୟାର କରିଛନ୍ତି।ସଂସଦ ତରଫରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ଓଡ଼ିଆ ଅସ୍ମିତାକୁ ରକ୍ଷା କରିବାର ନାରା ନେଇ ନିର୍ବାଚନରେ ବିଜୟୀ ହୋଇଥିବା ବିଜେପି ସରକାରକୁ ଆସିବାର କିଛି ମାସ ପରେ ନିଜର ଜଣେ ବରିଷ୍ଠ ବିଧାୟକଙ୍କର ଏତାଦୃଶ ଘୃଣ୍ୟ ମନ୍ତବ୍ୟ ଏବଂ କାର୍ଯ୍ୟକଳାପକୁ ଦେଖି ମଧ୍ୟ ସରକାର ନୀରବ ଦ୍ରଷ୍ଟା ସାଜିବା ଅତ୍ୟନ୍ତ କ୍ଷୋଭର ବିଷୟ। ଏଭଳି ଅଭ୍ୟାସ ଗତ ଅପରାଧୀକୁ ତୁରନ୍ତ ଗିରଫ କରି ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

# ରଙ୍ଗର ପର୍ବ ହୋଲି -ସତ୍ୟର କଳିଯୁଗ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏହା ପ୍ରେମର ଦେବତା କାମଦେବଙ୍କ ବଳିଦାନ ସହିତ ଜଡିତ। ଉଡୁପିର ଶ୍ରୀକୃଷ୍ଣ ମଠରେ ହୋଲିକୁ ଏକ ଅତି ଆଧାତ୍ମିକ ଢଙ୍ଗରେ ପାଳନ କରାଯାଏ, ଯେଉଁଠାରେ ରଙ୍ଗ ବଦଳରେ ଭଗବାନ ଶ୍ରୀକୃଷ୍ଣଙ୍କ ପାଦରେ ଫୁଲ ଅର୍ପଣ କରାଯାଏ। ସେହି ସମୟରେ, ଐତିହାସିକ ସହର ହାମ୍ପିରେ, ଉତ୍ତର ଭାରତ ପରି ସମାନ ଆଡମ୍ବରରେ ହୋଲି ପାଳନ କରାଯାଏ।କେରଳରେ ହୋଲିକୁ "ମଞ୍ଜଲ କୁଲି" କିମ୍ବା "ଅକ୍କୁଲି" ନାମରେ ଜଣାଶୁଣା। ଏଠାରେ ଲୋକମାନେ ହୋଲିରେ ଦହନ କରନ୍ତି। କିନ୍ତୁ ରଙ୍ଗ ସହିତ ଖେଳିବାର ପରମ୍ପରା ବହୁତ କମ୍।

ଉତ୍ତରପ୍ରଦେଶରେ ମଧ ଏହି ପର୍ବକୁ ଅତ୍ୟନ୍ତ ଉତ୍ସାହର ସହ ପାଳନ କରାଯାଏ। ବୃନ୍ଦାବନ, ମଥୁରା, ବ୍ରଜ ଓ ଗୋକୁଳରେ ପରସ୍ପରକୁ ବିଭିନ୍ନ ରଙ୍ଗ ଲଗାଇ ଲଗାଇବା ସହ ସଙ୍ଗୀତ, କବିତା ଓ ଖେଳ କୁଦ ଆଦି ଆୟୋଜନ କରାଯାଏ। ରାଧାଙ୍କ ଜନ୍ମଭୂମି ବର୍ସାନାରେ ଲାଠମାର ହୋଲି ପାଳନ କରାଯାଏ। ଏଥିରେ ମହିଳା ମାନେ ପୁରୁଷ ମାନଙ୍କୁ ଲାଠି ମାରନ୍ତି ଓ ପୁରୁଷ ମାନେ ଢାଲ ସାହାଯ୍ୟରେ ନିଜକୁ ରକ୍ଷାକରନ୍ତି।ମହାରାଷ୍ଟ୍ରରେ ହୋଲିକୁ ରଙ୍ଗ ପଞ୍ଚମୀ, ଆସାମରେ ଫାଗୁଆ ବା ଦୋଳ ବୋଲି କୁହାଯାଏ ତ ଓଡିଶା ଓ ପଶ୍ଚିମବଙ୍ଗ ରେ ଦୋଳ ପୂର୍ଣ୍ଣିମା ବା ବସନ୍ତ ଉତ୍ସବ ବୋଲି କୁହାଯାଏ।ହୋଲି ଯେ ଖାଲି ଭାରତ ବର୍ଷରେ ପାଳନ ହୁଏ ତାହା ନୁହଁ। ଭାରତ ବ୍ୟତୀତ ନେପାଳ, ବଂଲାଦେଶ, ପାକିସ୍ତାନ, ଇଣ୍ଡୋନେସିଆ, ଫିଜି, ଆମେରିକା ଓ ୟୁରୋପରେ ମଧ ହୋଲି ଧୁମ ଧାମରେ ପାଳନ କରାଯାଏ। ଏଠାରେ ମଧରେ ଲୋକେ ପରସ୍ପର କୁ ରଙ୍ଗ ଲଗାଇ ନାଚ ଗୀତରେ ମାତି ହୋଲି ମନାନ୍ତି।

ଆଧୁନିକୀକରଣର ପ୍ରଭାବରେ ଆଜି କାଲି ଅନେକ ସ୍ଥାନରେ ହୋଲିର ପୂର୍ବରଙ୍ଗ ବଦଳିବାରେ ଲାଗିଲାଣି।ଭଜନ କୀର୍ତ୍ତନର ସ୍ଥାନ ଡିଜେ ନେଲଣି। ଯୁବ ସମାଜ ନାନା ନିଶା ଦ୍ରବ୍ୟ ସେବନ କରି ଅଶ୍ଳୀଳ ନୃତ୍ୟ ଓ ସଙ୍ଗୀତ ରେ ମାତୁଛନ୍ତି। ବେଳେ ବେଳେ ତ ମାର ପିଟ ପର୍ଯ୍ୟନ୍ତ କଥା ଯାଉଛି। ହେଲେ ଆଜି ବି ଆମ ଭାରତ ବର୍ଷରେ ଏମିତି ଅନେକ ଗାଁ ଅଛି ଯେଉଁଠି ଦିଅଁ ଭକ୍ତ ହାତରୁ ପ୍ରସାଦ ଗ୍ରହଣ କରିବା ପାଇଁ ନିଜେ ଘରକୁ ଘର ଦୋଳ ବିମାନରେ ବୁଲୁଛନ୍ତି । ଯାହା ସିଦ୍ଧକରୁଛି ଆଧୁନିକତା ଯେତେ ଉଗ୍ର ଓ ଅଶ୍ଳୀଳ ହେଲେ ମଧ ଆମର ଏ ମହାନ ସଂସ୍କୃତିକୁ ବେବେ ବିଲୁପ୍ତ କରିପାରିବ ନାହିଁ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

ଅତିରିକ୍ତ ବାଣିଜ୍ୟ କର, ଆୟୁକ୍ତ (ଅପିଲ୍)ଦ୍ରବ୍ୟ
ଓ ସେବା କର ପୁରୀ, ଚକଳା,ପୁରୀ।
ମୋ: ୯୪୩୮୧୪୬୨୦୦

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସମାଜସେବୀ ୰ ତ୍ରିନୟନୀ ...

ବକ୍ତାମାନେ କହିଥିଲେ ଯେ ମା' ହେଉଛି ଭଗବାନଙ୍କର ଅମୃତ ସୃଷ୍ଟି। ଏହାର ଉପସ୍ଥିତି ପରିବାର ପାଇଁ ଅନେକ ଉପାଦାନ ବହନ କରେ। ଗୋଟିଏ ପରିବାରର ସମୃଦ୍ଧି, ଉଭୟ ପିଲା ଓ ସ୍ୱାମୀ ସ୍ତ୍ରୀଙ୍କ ପାଇଁ ଯଥେଷ୍ଟ ଆବଶ୍ୟକତା ଥିଲାବେଳେ ତାହାର ଜ୍ୱଳନ୍ତ ଉଦାହରଣ ଥିଲେ ତ୍ରିନୟନୀ ଦାସ। ଏହି ଅବସରରେ ଝିଅ ଝରଣା ଦାସ ମା'ଙ୍କ ସହ ବିତାଇଥିବା ସ୍ମୃତି, ଦୁଃଖ, ଅନୁଭୂତିକୁ ଅତି ସୁନ୍ଦର ଭାବେ କବିତା ମାଧ୍ୟମରେ ନିଜର କବିତା ପୁସ୍ତକ 'ବୋଉ ଅଛି'ରେ ବର୍ଣ୍ଣନା କରିଛନ୍ତି। ଯାହାକି ଅତିଥିଙ୍କ ଦ୍ୱାରା ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଉନ୍ମୋଚିତ ହୋଇଥିଲା। ପ୍ରଥମେ ଝିଅ ଓ କବିତା ପୁସ୍ତକର ରଚୟିତା ଝରଣା ଦାସ ଅତିଥିମାନଙ୍କୁ ମଂଚକୁ ଆହ୍ୱାନ କରିବା ସହ ପ୍ରାରମ୍ଭିକ କଥା ରଖିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଝରଣା ଦାସ।

### ବିଶ୍ୱରେ ଘନାଉଛି ...

କରିବାକୁ ଘୋଷଣା କରିଛି । ୟୁରୋପୀୟ ଆୟୋଗ ମୁଖ୍ୟ କହିଛନ୍ତି, ଏହାର ପ୍ରତିଶୋଧମୂଳକ ଶୁଳ୍କ ବୋର୍ବନ୍ ଠାରୁ ଆରମ୍ଭ କରି ମୋଟର ସାଇକେଲ୍ ପର୍ଯ୍ୟନ୍ତ ସବୁ କିଛି ଉପରେ ଲାଗୁ ହେବ । କାନାଡା ଗୁରୁବାରଠାରୁ ୨୦.୭ ବିଲିୟନ ଆମେରିକୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛି ।

### 'ଚକ୍ର' ଦୁର୍ନୀତିର ଚକ୍ରବ୍ୟୁହ...

ପାରିପାର୍ଶ୍ୱିକ ବିକାଶ ପାଇଁ ୩୪ କୋଟି ଖର୍ଚ୍ଚ ଦର୍ଶାଇ ପୂରା ଅର୍ଥ ଚଳୁ ହୋଇଛି, ସୋସାଇଟି ଗାଡ଼ି ବଦଳରେ ନିଜ ଟ୍ରାନସପୋର୍ଟିଂ ଗାଡ଼ି ଓ ମେସିନାରୀରେ ରାଜା ପକାଇଛନ୍ତି ୯.୧ କୋଟି ଟଙ୍କାର ତେଲ, ଲୋକଙ୍କ ମୁହଁ ଚୁପ କରି ସମର୍ଥନ ହାସଲ ପାଇଁ ଦୁଇ ଗାଁରେ ବଣ୍ଟା ହେଇଛି ୩୩ କୋଟି ଟଙ୍କା, ମେସିନରେ କାମ କରି ମିଛ ମଷ୍ଟର ରୋଲରେ ଲେବର କାମ କରୁଥିବା ଦର୍ଶାଇ ହଡ଼ପ କରିଛନ୍ତି ୭୪ କୋଟି ଟଙ୍କା। ଖୋଲିଲା ପୂରା ଘୋଟାଲାର କଳାଚିଠା ମାର୍ଚ୍ଚ ୪, ଇଓଡବ୍ଲ୍ୟୁ ଅଫିସରେ ଜେରାରୁ ବାହାରିବା ପରର ସେ ସମୟର ତୋଡ଼...ଆଉ ଜୋକ ମୁହଁରେ ଲୁଣ ଦେଲା ପରି ଆଜି ଗିରଫ ବେଳର ସିନ୍। ବର୍ଷ କେଇଟା ଭିତରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଦୁର୍ନୀତି ଜରିଆରେ ହକରରୁ ଶ୍ରମିକ ଓ ସାଧାରଣ ମଣିଷଙ୍କ ହକ୍ ହଡ଼ପ କରି ଟଙ୍କାର ପାହାଡ଼ ଠିଆ କରିଥିବା ବିଜେଡି ନେତା ସୌମ୍ୟଶଙ୍କର ଓରଫ ରାଜା ଚକ୍ରଙ୍କୁ ଗିରଫ ପରେ ସୋସାଇଟି ଆଳରେ ସେ କେମିତି କରୁଥିଲେ କୋଟି କୋଟିର ଖେଳ ତାର ପର୍ଦ୍ଦାଫାସ୍ କରିଛି କ୍ରାଇମବ୍ରାଞ୍ଚ୍। ପ୍ରଥମେ ଘୋଟାଲା କଣ ଜାଣିବା ପୂର୍ବରୁ ଜାଣନ୍ତୁ କଣ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନସପୋର୍ଟ କୋଅପରେଟିଭ୍ ସୋସାଇଟି କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ କେନ୍ଦୁଝର ଶୁଆକାଟିରେ ପ୍ରଥମେ ୧୦ରୁ ୧୧ଟି ଗାଁ ଲୋକ ମିଶି ଏଇ ଗନ୍ଧମାର୍ଦ୍ଦନ ଲୋଡିଂ ସମବାୟ ସମିତି ଗଢ଼ିଥିଲେ। ଉଦ୍ଦେଶ୍ୟ ଥିଲା ଏଥିରୁ ଯାହା ପ୍ରଫିଟ୍ ହେବ ଅଞ୍ଚଳର ବିକାଶ ହେବ, ଲୋକଙ୍କୁ ରୋଜଗାର ମିଳିବ। ବାହାରର କେହି ଲୋକ ସୋସାଇଟିରେ ରହି ପାରିବେ ନାହିଁ। କିନ୍ତୁ ବାହାରର ପ୍ରଭାବଶାଳୀ ନେତା ଓ ପ୍ରଶାସକଙ୍କୁ ଧରି ବିଜେଡି ନେତା ରାଜା ଚକ୍ର ଏଥିରେ ଏଣ୍ଟ୍ରି ମାରିଲେ। ସଭାପତି ଓ ସଂପାଦକଙ୍କୁ ସଖୀ କଣ୍ଢେଇ କରି ପ୍ରଭାବଶାଳୀ ନେତା ରାଜାଙ୍କ ଜରିଆରେ ଠାକୁର ଖାଇ ଖଟୁଲି ଖାଇଲା ଭଳି ପୂରା ସୋସାଇଟିକୁ ଖୋଳ କରି ଚାଲିଲେ। ୨୦୧୨-୧୩ ପରେ ସଂସ୍ଥାର ଅଡିଟ୍ ହେଲାନି। ଯେଉଁ ୨୦୧୭-୧୮ରୁ ମାର୍ଚ୍ଚ ୨୦୨୪ ଯାଏଁ ସୋସାଇଟି ଖାତାରେ ୧୮୫ କୋଟି ଇନକମ୍ ଦର୍ଶାଗଲା, ତାହା ବି କେମିତି ହଡ଼ପ ହେଲା ତାର ଗୋଟି ଗୋଟି ହିସାବ ରଖିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର। ପାରିପାର୍ଶ୍ୱିକ ବିକାଶ ପାଇଁ ୩୪ କୋଟି ଖର୍ଚ୍ଚ ଦର୍ଶାଇ ପୂରା ଅର୍ଥ ଚଳୁ ହୋଇଛି, ସୋସାଇଟି ଗାଡ଼ି ବଦଳରେ ନିଜ ଟ୍ରାନସପୋର୍ଟିଂ ଗାଡ଼ି ଓ ମେସିନାରୀରେ ରାଜା ପକାଇଛନ୍ତି ୯.୧ କୋଟି ଟଙ୍କାର ତେଲ, ଲୋକଙ୍କ ମୁହଁ ଚୁପ କରି ସମର୍ଥନ ହାସଲ ପାଇଁ ଦୁଇ ଗାଁରେ ବଣ୍ଟା ହେଇଛି ୩୩ କୋଟି ଟଙ୍କା, ମେସିନରେ କାମ କରି ମିଛ ମଷ୍ଟର ରୋଲରେ ଲେବର କାମ କରୁଥିବା ଦର୍ଶାଇ ହଡ଼ପ କରିଛନ୍ତି ୭୪ କୋଟି ଟଙ୍କା। ଏସବୁ ଆପାତତଃ ପ୍ରମାଣ ଲାଗିବା ପରେ ଆଜି ରାଜାଙ୍କୁ ଗିରଫ କରାଯାଇଥିଲା ବେଳେ ଆଉ ତିନି ଜଣଙ୍କ ବିରୋଧରେ ତଥ୍ୟପ୍ରମାଣ ସଂଗ୍ରହ ଚାଲିଥିବା ସୂଚନା ଦେଇଛନ୍ତି ଡିଜି। ତେବେ ରାଜା କହିଛି ନ୍ୟାୟ ପାଳିକା ଉପରେ ମୋର ବିଶ୍ୱାସ ଅଛି, ସବୁ ତଥ୍ୟ ପଦାକୁ ଆସିବ। ପୂର୍ବରୁ ଏଇ ମାମଲାରେ ସୋସାଇଟିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାସଙ୍କୁ ଗିରଫ କରିସାରିଛି କ୍ରାଇମବ୍ରାଞ୍ଚ୍। ତେବେ ଗିରଫ ନିଶ୍ଚିତ ଜାଣି ରାଜା ଚକ୍ର ହାଇକୋର୍ଟରୁ ଅନ୍ତରୀଣ ଜାମିନ୍ ଆଣିଥିବାରୁ କ୍ରାଇମବ୍ରାଞ୍ଚ ଇଓଡବ୍ଲୁ ରାଜା ବିରୋଧରେ ପୁଖ୍ତା ପ୍ରମାଣ ଯୋଗାଡ଼ରେ ଲାଗି ପଡ଼ିଥିଲା। ଯେଉଁଥିପାଇଁ ରାଜ୍ୟବ୍ୟାପୀ ପାଖାପାଖି ୧୬ଟି ସ୍ଥାନରେ ଦୀର୍ଘ ୯ ଦିନ ଧରି ରେଡ୍ ଚାଲିଛି। ଯେଉଁ ରେଡରୁ ସାମ୍ନାକୁ ଆସିଛି, ରାଜାର ଆଲିସାନ୍ ଫାର୍ମ ହାଉସ୍, ୩ଟି କଂପାନି, ୪୨ଟି ଦାମୀ ଗାଡ଼ି, ଭୁବନେଶ୍ୱରରେ ଦାମୀ ଫ୍ଲାଟ୍ ସହ କୋଟି କୋଟି ଟଙ୍କାର ସଂପତ୍ତି। ଆଉ କାଲି ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା ହଟିବା ପରେ ଆଜି ଇଓଡବ୍ଲୁ ପନ୍ଝାକୁ ଆସିଛନ୍ତି ରାଜା। ତେବେ ରାଜାଙ୍କ ଏଇ ଟଙ୍କା ହଡ଼ପ ଚକ୍ରାନ୍ତରେ କେଉଁ କେଉଁ ବଡ଼ ମୁଣ୍ଡ ସଂପୃକ୍ତ ଅଛନ୍ତି, ଅଭିଯୋଗ ଅନୁସାରେ କେଉଁ ପ୍ରଭାବଶାଳୀ ବିଜେଡି ନେତା ଓ ପ୍ରଶାସକଙ୍କ ସିଧାସଳଖ ସଂପୃକ୍ତି ରହିଛି, ସେସବୁର ଖୋଳତାଡ଼ ପାଇଁ ରାଜାଙ୍କୁ କାଲି କୋର୍ଟ ଚାଲାଣ ପରେ ରିମାଣ୍ଡରେ ଆଣିବାକୁ ପ୍ରସ୍ତୁତ ହେଉଛି ଇଓଡବ୍ଲୁ।

### ଦ୍ୱିତୀୟ ବିବାହକୁ ବିରୋଧ...

ଯେଉଁ ବିବାହକୁ ୨ ଭାଇ ବିରୋଧ କରି ଆସୁଥିଲେ ବୋଲି ନିଜ ରକ୍ତର ୨ ସନ୍ତାନକୁ ହତ୍ୟା କରିଛି ଜହ୍ଲାଦ ବାପା। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଜଘନ୍ୟ ଅପରାଧରେ ଆକାଶ ଓ ବିକାଶର ଜେଜେ ମା' ତଥା ପ୍ରକାଶଙ୍କ ୬୮ ବର୍ଷୀୟା ମା' ସୌରୀ ମହାନ୍ତିଙ୍କ ରହିଛି ସଂପୃକ୍ତି। ଗତ ୯ ତାରିଖ ମଧ ରାତ୍ରିରେ ପ୍ରଥମେ ଆକାଶକୁ ଓ ପରେ ବିକାଶକୁ ଶାଢ଼ୀରେ ତଣ୍ଟି ଚିପି ହତ୍ୟା କରି ଝୁଲାଇ ଦେଇଥିଲେ ଶିଢ଼ି ଘରେ। ଆଉ ରାତାରାତି ବାପା ପ୍ରକାଶ ଖସିଯାଇଥିବାବେଳେ ୧୦ ତାରିଖ ଭୋର୍ ୫ଟାରେ ୨ ପିଲା ଆତ୍ମହତ୍ୟା କରିଥିବା କହି ଚିତ୍କାର କରିବା ସହ ପଡ଼ୋଶୀଙ୍କୁ ଡାକିଥିଲା ହତ୍ୟାରେ ସଂପୃକ୍ତ ଜେଜେ ମା'। ତେବେ ପାରିପାର୍ଶ୍ୱିକ ସ୍ଥିତି ଓ ୨ ପିଲାଙ୍କ ମୃତ୍ୟୁକୁ ନେଇ ପୋଲିସ ମନରେ ଉପୁଜିଥିଲା ଶଙ୍କା। କାରଣ ଜେଜେ ମା' ସୌରୀ ସିନା କହିଥିଲା ଆତ୍ମହତ୍ୟା, କିନ୍ତୁ ଟୁଇଷ୍ଟ ଆଣିଥିଲେ ୨ ପିଲାଙ୍କ ମାମୁ ଲକ୍ଷ୍ମଣ ନାୟକ ଓ ଆଈ ମାଗୁଣୀ ନାୟକ। ନିଜ ମା' ସହ ମିଶି ବାପା ପ୍ରକାଶ ହିଁ ହତ୍ୟା କରିଥିବା ସିଧା ଅଭିଯୋଗ ଆଣିଥିଲେ ଉଭୟେ। କାରଣ ଗତ ୨ ବର୍ଷ ତଳେ ପ୍ରକାଶର ପ୍ରଥମ ପତ୍ନୀ କୁମ ମହାନ୍ତିଙ୍କ ଦେହାନ୍ତ ହୋଇଥିଲା। ତେଣୁ ଦ୍ୱିତୀୟ ବିବାହ ପାଇଁ ମନ ବଳାଇଥିଲା ପ୍ରକାଶ। କିନ୍ତୁ ୨ ନାବାଳକ ପୁଅ ଏହାକୁ ବିରୋଧ କରି ଆସୁଥିଲେ। ହେଲେ ନିଜ ଇଚ୍ଛାରେ ଅଟଳ ଥିଲା ବାପା ପ୍ରକାଶ ଏବଂ ଜେଜେ ମା' ସୌରୀ। ଯୋଜନା ମୁତାବକ ଭୁବନେଶ୍ୱରରୁ କିଛି ବ୍ୟକ୍ତି ଘରେ ପହଞ୍ଚି ପ୍ରକାଶଙ୍କ ସହ ବିବାହ ସଂପର୍କରେ କଥାବାର୍ତ୍ତା କରି ଫେରିଯାଇଥିଲେ। ହେଲେ ସେହି ରାତିରେ ହିଁ ଘଟିଲା ଜଘନ୍ୟ କାଣ୍ଡ। ପୋଲିସ ମୃତଦେହ ୨ଟିକୁ ଜବତ କରିବା ସହ ସୌରୀ ଓ ଫେରାର୍ ପ୍ରକାଶଙ୍କୁ ଧରିଆଣି ପଚରାଉଚରା କରିବା ପରେ ପାତାଳରୁ ଫୁଟି ବାହାରି ଆସିଥିଲା ସତ। ଏହି ଘଟଣା ପଛରେ ଜମିବାଡ଼ି ବିବାଦ ବି ଥିବାରୁ ୨ ନାବାଳକଙ୍କ ପିଉସା ଓ ପିଉସୀଙ୍କ ସଂପୃକ୍ତି ଥିବା କହିଛନ୍ତି ମୃତକଙ୍କ ମାମୁ। ଗିରଫ ବାପା ଓ ଜେଜେ ମା' ଭିଆଇଥିବା ଏହି ଜଘନ୍ୟକାଣ୍ଡ ପଛରେ ଆଗକୁ ଆଉ କେଉଁ ସତ ସାମ୍ନାକୁ ଆସୁଛି, ତାକୁ ଅପେକ୍ଷା।

ଶୁକ୍ରବାର, ମାର୍ଚ୍ଚ ୧୪, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସ୍ୱଚ୍ଛ ବାରିପଦା ପାଇଁ ବ୍ୟବସାୟୀ ସଂଘ ସହ ପୌରପାଳିକା ବୈଠକ

ବାରିପଦା, ୧୩/୩ (ନି.ପ୍ର): ସ୍ୱଚ୍ଛ ସର୍ବେକ୍ଷଣ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବାରିପଦା ପୌରପାଳିକା ପକ୍ଷରୁ ଶ୍ରେଷ୍ଠ ସ୍ଥାନ ହାସଲ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ନେଇ ଗୁରୁବାର ବ୍ୟବସାୟୀ ସଂଘ ସହ ବାରିପଦା ପୌରପାଳିକା ବୈଠକ ଅନୁଷ୍ଠିତ ହୋଇଛି। ପୌରପାଳିକା ସମ୍ମିଳନୀ କକ୍ଷରେ ଆୟୋଜିତ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ବଣିକ, ପରିବା, ଉଠା ଦୋକାନୀ, ମାଛ ଓ କୁକୁଡ଼ା ବ୍ୟବସାୟୀ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନା କରିଛନ୍ତି। ଆଗାମୀ ଦିନରେ ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ିବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ସମସ୍ତଙ୍କ ସହାୟତା ଲୋଡ଼ା ଯାଇଥିଲା। ବଜାର ଅଞ୍ଚଳରୁ ଦୈନିକ ବାହାରୁ ଥିବା ଅଳିଆ ଆବର୍ଜନାକୁ କିପରି ଅଳିଆ ଗାଡି ଯୋଗେ ସଂଗ୍ରହ କରାଯିବ। ଏହସହିତ ଅଳିଆ ଆବର୍ଜନାର ପ୍ରକ୍ରିୟାକରଣ କରି ସୁସ୍ଥ ବାତାବରଣ ସୃଷ୍ଟି କରିବା ନେଇ ସମସ୍ତ ବ୍ୟବସାୟୀଙ୍କ ସହାୟତା ନିମନ୍ତେ ଆଲୋଚନା କରିଥିଲେ। ସମଗ୍ର ଭାରତରେ ବର୍ତ୍ତମାନ ସ୍ୱଚ୍ଛ ସର୍ବେକ୍ଷଣ ଜାରି ରହିଛି। ଉକ୍ତ ସର୍ବେକ୍ଷଣରେ ଦେଶର ଶ୍ରେଷ୍ଠ ୫୦ଟି ସ୍ୱଚ୍ଛ ସହର ତାଲିକା ମଧ୍ୟରେ ବାରିପଦା ପୌରପାଳିକା ସ୍ଥାନିତ ହେବ ସେନେଇ ଉଦ୍ୟମ ଜାରି ରହିଛି ବୋଲି ନଗରପାଳ ଶ୍ରୀ ମହାନ୍ତି କହିଛନ୍ତି। ବାରିପଦା ସହରକୁ ବର୍ଜ୍ୟମୁକ୍ତ ସହର ଭାବେ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ସ୍ୱଚ୍ଛତା ପାଇଁ ଆଗକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତି ୱାର୍ଡ ବୁଲି ଜନସଚେତନ କରାଯିବ। ସ୍ୱଚ୍ଛ ସର୍ବେକ୍ଷଣ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଶ୍ରେଷ୍ଠ ରାଙ୍କିଙ୍ଗ ସ୍ଥାନିତ ହୋଇ ଆଶାନୁରୂପ ସଫଳତା ହାସଲ କରିବାକୁ ବାରିପଦା ପୌରପାଳିକା ଲକ୍ଷ୍ୟ ରଖିଛି।

# ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନକୁ ରୂପ୍‌ସା ମାଲଗୋଦାମ ଟ୍ରକ୍ ସଂଘର ନିବେଦନ




ବସ୍ତା, ୧୩/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରୂପସା ଠାରେ 'ରୂପସା ମାଲଗୋଦାମ ଟ୍ରକ୍ ସଂଘ' ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ସଂଘ ପକ୍ଷରୁ ସଭାପତି ଜଳଧର ପରିଡ଼ା, ସମ୍ପାଦକ ସୁଜୟ କୁମାର ଗିରି, କୋଷାଧକ୍ଷ ଜିତେନ୍ଦ୍ର ପଣ୍ଡା ସମେତ ସଦସ୍ୟ ପଦ୍ମଲୋଚନ ପଣ୍ଡା, ରାମଚନ୍ଦ୍ର ମାଝୀ, ସଞ୍ଜୀବ ରଞ୍ଜନ ସାହୁ, ଦେବବ୍ରତ ବିଶ୍ୱାଳ, ନିରଞ୍ଜନ ପରିଡ଼ା, ମନୋରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ରହି ତଥ୍ୟ ପ୍ରଦାନ କରିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ ୧୯୯୮ ମସିହାରେ ରୂପସା ଟ୍ରକ୍ ମାଲିକ ସଂଘ୍ ଗଠନ ହୋଇଥିଲା ଯାହାର ସଭାପତି ରାମଚନ୍ଦ୍ର ସାହୁ ଓ ସମ୍ପାଦକ ବିଜୟ କୁମାର ପଣ୍ଡିତ ଥିଲେ । ମାତ୍ର ଦୀର୍ଘ ଦିନ ଧରି କୌଣସି କାର୍ଯ୍ୟ ନକରିବା ଓ ରିନୁଆଲ ହୋଇ ନଥିବାରୁ ୨୦୧୮ ମସିହା ବେଳକୁ ସଂଘର ସଭାପତି ଓ ସଂପାଦକଙ୍କ ନାମ ଓ ପଦବୀ ପରିବର୍ତ୍ତନ କରି ସେହି ପୂର୍ବ ସଂଘ ନାମରେ ନୂଆ ଭାବେ ସଭାପତି କାର୍ତିକ ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ଭାବେ ଶରତ ଚନ୍ଦ୍ର ଗିରି କାର୍ଯ୍ୟ ତୁଲାଇ ଆସୁଥିଲେ। ଏଥି ସହିତ ୨୦୨୦ ମସିହାରେ ରୂପସା ଟ୍ରକ୍ ମାଲିକ ସଂଘ ନାମରେ ଭାରତୀୟ ଷ୍ଟେଟବ୍ୟାଙ୍କ ରୂପସା ଶାଖାରେ ଏକ ସଞ୍ଚୟ ଖାତା ଖୋଲି ଟଙ୍କା ଜମା ରଖା ଯାଉଥିଲା। ଯାହା ଏବେ ସଂଘ ନାମରେ ୨୭ ଲକ୍ଷ୍ୟ ୪ ୩ ହଜାର ଟଙ୍କା ଗଛିତ ଥିବା ସୂଚନା ଦେଇଛନ୍ତି। ତେବେ କୌଣସି ମିଟିଂ କିମ୍ବା। କୌଣସି ରିଜୋଲୋସନ କରିନାହାନ୍ତି କିମ୍ବା ସଭାପତି ଓ ସମ୍ପାଦକ ନିଜ ପଦରୁ ଇସ୍ତଫା ଦେଇ ନଥିବା ବେଳେ ହଠାତ୍ ସଂଘ ର ସଭାପତି ଭାବେ ପ୍ରଶାନ୍ତ ମହାପାତ୍ର ଓ ସମ୍ପାଦକ ଭାବେ ପ୍ରତିମା ନାୟକ ଙ୍କୁ କାଗଜ କଲମରେ ସଭାପତି ଓ ସମ୍ପାଦକ ଭାବେ ଦେଖାଇ ଗୋଟିଏ କାଳୀ ରେ ଚଞ୍ଚକତା ପୂର୍ବକ ରିଜୁଲୋସନ କରି ପୂର୍ବ ଗଛିତ ଥିବା ଟଙ୍କା କୁ ହଡ଼ପ କରିବା ନିମନ୍ତେ ସୁଚିନ୍ତିତ ଯୋଜନା କରି ପୁଣି ପଞ୍ଜାବ ନେସନାଲ ବ୍ୟାଙ୍କରେ ସେହି ସମାନ ସଂଘ ନାମରେ ସେଭିଂ ଆକାଉଣ୍ଟ ଖୋଲିଥିଲେ। ଯାହା ୨୦୨୩ ମସିହା ଡିସେମ୍ବର ୨୯ ରେ ଚାଲୁ ହୋଇଥିଲା । ଯାହାର ସଠ ଯାହାର ସଠିକ୍ ଅଡିଟ ରିପୋର୍ଟ, ସଠିକ୍ ରିଯୋଲେସନ ସହିତ ଆବଶ୍ୟକ କାଗଜ ପତ୍ର ନଥିବା ବେଳେ ଏବେ ଉକ୍ତ ସଂଘକୁ ରିନୁଆଲ୍ କରିବା ପାଇଁ ଭିତିରି ଯୋଜନା କରୁଛନ୍ତି । ତେବେ ଏଭଳି ହିନ ଉଦ୍ଦେଶ୍ୟ ଏବଂ ହିନ ଚକ୍ରାନ୍ତ କୁ ବୁଝିପାରି ହାତ ଗଣତି ପାଞ୍ଚ ଛଅ ଜଣ ଗାଡି ମାଲିକଙ୍କୁ ବାଦ ଦେଇ, ଅନ୍ୟ ସମସ୍ତ ଟ୍ରକ୍ ମାଲିକ ସହଯୋଗରେ ନୂତନ କରି 'ରୂପସା ମାଲଗୋଦାମ ଟ୍ରକ୍ ସଙ୍ଘ' କୁ ପଞ୍ଜିକରଣ କରାଇ ଏବେ ଲୋଡ଼ିଂ ଓ ପରିବହନ କାର୍ଯ୍ୟ ସ୍ୱାଭାବିକ ଭାବେ କରି ଚାଲିଛନ୍ତି । ଯେଉଁଠି କି ରୂପସା ସମେତ ବାଲେଶ୍ୱର, ଜଳେଶ୍ୱର, ଖୁଣ୍ଟା, ବାରିପଦା, ବୈଶିଙ୍ଗା ଅଞ୍ଚଳର ୭୦ ରୁ ୭୫ ଗାଡି ମାଲିକ ସଦସ୍ୟ ରହିଛନ୍ତି। ମାତ୍ର ସଂଘରେ ନଥାଇ କିଛି ଗାଡ଼ି ମାଲିକ ଉଦ୍ଦେଶ୍ୟ ମୂଳକ ଭାବେ ବିଶୃଙ୍ଖଳା କରୁଛନ୍ତି। ଏନେଇ ବାଲେଶ୍ୱର ଜିଲ୍ଲାପାଳ, ଏସପି , ଜିଲ୍ଲା ପରିବହନ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ବସ୍ତା ଏସଡିପିଓ, ରୂପସା ଥାନାଧିକାରୀ ଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ବି 'ରୂପସା ମାଲଗୋଦାମ ଟ୍ରକ୍ ସଙ୍ଘ' କୁ ବାଦ ଦେଇ, ଗୋଟିଏ ନାମରେ ଥିବା ଦୁଇଟି ସଂଘ କୁ ନେଇ ବାରମ୍ବାର ବୈଠକ କରାଯାଇଥିବା ସତ୍ତ୍ୱେ କୌଣସି ସୁଫଳ ମିଳି ପାରି ନାହିଁ ବୋଲି ଅଭିଯୋଗ ଆଣିବା ସହିତ, ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର, ଜିଲ୍ଲା ପ୍ରଶାସନ, ବିଭାଗୀୟ ଅଧିକାରୀ, ଟ୍ରକ ମାଲିକ, ବୁଦ୍ଧିଜୀବୀ, ଜିଲ୍ଲାବାସୀ ଙ୍କ ଦୃଷ୍ଟି ଆକର୍ଷଣ କରି ବିହୀତ କାର୍ଯ ପନ୍ଥା ପାଇଁ ନିବେଦନ କରିଛନ୍ତି। ତାହା ନହେଲେ ନିଜର ହକ ଓ ନ୍ୟାୟ ପାଇଁ ରୂପସା ମାଲଗୋଦାମ ଟ୍ରକ୍ ସଙ୍ଘ ରାଜ ରାସ୍ତା କୁ ଓହ୍ଲାଇବା ସହିତ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

# ଜଗନ୍ନାଥ ଡ଼ିଗ୍ରୀ ମହାବଦ୍ୟାଳୟରେ ଉଦ୍ଘାଟିତ ହେଲା ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର




ଜଳେଶ୍ୱର, ୧୩/୩ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅଧିନସ୍ଥ ଜଗନ୍ନାଥ ଡ଼ିଗ୍ରୀ ମହାବଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନେଇ ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅଧକ୍ଷ ଶ୍ରୀଯୁକ୍ତ ସରୋଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି ।ନାରୀ ସସକ୍ତରେ ସମାଜ ସସକ୍ତ ହେବା ଲକ୍ଷ୍ୟ ନେଇ ଛାତ୍ରୀ ମାନଙ୍କୁ ଭବିଷ୍ୟତରେ ଶାରିରୀକ ଓ ମାନସିକ ସୁଦୃଢ଼ ଉଦ୍ଦେଶ୍ୟରେ ଅତିଥି ମାନେ ବକ୍ତବ୍ୟ ପ୍ରଦାନ ରଖିଥିଲେ। ଶ୍ରବଣ କୁମାର ନାଥ, ଜ୍ଞାନ୍ ରଞ୍ଜନ ଜେନା, ଅଶୋକ କୁମାର ରଥ, ସୌମ୍ୟ ରଞ୍ଜନ ମହାନ୍ତି, ବିଯେସ ସେନାପତି, ନିରଞ୍ଜନ ପରିଡ଼ା, ନିଷ୍କଳ ଘଡେଇ, ଇପ୍‌ସିତା ଦାସ, ରଶ୍ମିରେଖା ପାତ୍ର, ଆସୋତୋସ ପାତ୍ର, ମୃତ୍ୟୁଞ୍ଜୟ ମଲ୍ଲିକ, ଧନଞ୍ଜୟ ଜେନା ପ୍ରମୁଖ ଅଧାପକ ଅଧାପିକା ମାନେ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଛାତ୍ରୀ ଲତା ବ୍ରହ୍ମ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଛାତ୍ରୀ ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଆଠ ଦିନ ଧରି ଚାଲିବ।ଏହି ଶିବିରରେ ୧୯୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

# ରତାଙ୍ଗ ପଞ୍ଚେଶ୍ୱର ମହାଦେବ ପୁସ୍ତକ ଉନ୍ମୋଚିତ



ବାସୁଦେବପୁର, ୧୩/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ ପଞ୍ଚେଶ୍ୱର ମହାଦେବ ପୀଠରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ଙ୍କ ଲିଖିତ ପୁସ୍ତକ ରତାଙ୍ଗ ପଞ୍ଚେଶ୍ୱର ମହାଦେବ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ ଓ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ପୁର୍ଣ୍ଣଚନ୍ଦ୍ର ପରିଡା। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷକ ଦୈତାରୀ ବେହେରା, ଗୋକୁଳ ଚନ୍ଦ୍ର ପୋଇ, ମଧୁ ସୁଦନ ଦାସ, ଶଶିକାନ୍ତ ସେଠି ଓ ଗୌରାଙ୍ଗ ଚନ୍ଦ୍ର ରାଉତ। ସମସ୍ତ ଅତିଥି ଲେଖକ ଓ ପୁସ୍ତକକୁ ପ୍ରଶଂସା କରିଥିଲେ । ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ପୁସ୍ତକର ଲେଖାର ଶୈଳୀ କୁ ପ୍ରଶଂସା କରିଥିଲେ ଏବଂ ପୁସ୍ତକ ର ଲେଖକ ଡକ୍ଟର ମହାନ୍ତି ଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଆଧାତ୍ମିକ ପୁସ୍ତକର ଲେଖକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ଲେଖାକୀୟ ଅଭିବ୍ୟକ୍ତି ବାଢ଼ିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଟିଇପି ଲାଗୁ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୩/୩ (ନି.ପ୍ର): ରାଜ୍ୟରେ ରହିଥିବା ଶିକ୍ଷକ ଶିକ୍ଷଣ ଅନୁଷ୍ଠାନମାନଙ୍କରେ (ବିଏଡ୍ କଲେଜରେ) ଇଂଟ୍ରିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ (ଆଇଟିଇପି) ଲାଗୁ କରିବା ପାଇଁ ୮ଗୋଟି ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ଆଜି ସେମାନଙ୍କର ନିକଟସ୍ଥ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ମାନଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇସାରିବା ପରେ ଆଗାମୀ ଦିନରେ ନ୍ୟାସନାଲ କାଉନସିଲ ଫର ଟିଚର ଏଜୁକେସନର ନିୟମ ଅନୁଯାୟୀ ଇଂଟ୍ରିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମକୁ ଲାଗୁ କରିହେବ। ଆଇଟିଇପି ଲାଗୁ ହେବା ଦ୍ୱାରା ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ଗୁଡ଼ିକ ମଲ୍ଟି ଡିସପ୍ଲିନାରୀ ହୋଇପାରିବେ। ଏଥିସହିତ +୨ପରେ ଛାତ୍ରଛାତ୍ରୀମାନେ ଆଇଟିଇପି ମାଧ୍ୟମରେ ୪ ବର୍ଷର ପାଠ୍ୟକ୍ରମରେ ନିଜର ବିଇଡ଼ି ଶିକ୍ଷାକୁ ସମ୍ପୂର୍ଣ୍ଣ କରିପାରିବେ। ବିଗତ ଦିନ ମାନଙ୍କରେ ଛାତ୍ରଛାତ୍ରୀମାନେ +୨ ପରେ ୩ ବର୍ଷ ସ୍ନାତକ ଏବଂ ଏହା ପରେ ୨ ବର୍ଷର ବିଇଡ଼ି ପାଠ୍ୟକ୍ରମ ଅର୍ଥାତ ୫ ବର୍ଷ ପରେ ବିଇଡ଼ି ସାର୍ଟିଫିକେଟ ପାଇପାରୁଥିଲେ।

# ବିସ୍ଥାପିତଙ୍କୁ ଥଇଥାନ ପାଇଁ ବିଧାନସଭାରେ ସଦର ବିଧାୟକ ମାନସ ଦତ୍ତଙ୍କ ଦାବି

## ସରକାରୀ ଜାଗା ଚିହ୍ନଟ ସହ ଥଇଥାନ ପାଇଁ ଖୁବଶୀଘ୍ର ହେବ ବ୍ୟବସ୍ଥା : ମନ୍ତ୍ରୀ

ବାଲେଶ୍ୱର, ୧୩/୩ (ନି.ପ୍ର): ବାଲେଶ୍ୱର ସହର ଓ ଉପକଣ୍ଠ ଅଞ୍ଚଳରେ ରେଳ ବିଭାଗ ଜମିରେ ଅବୈଧ ଭାବେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ନିକଟ ଅତୀତରେ ଉଚ୍ଛେଦ କରାଯାଇଥିବା ବେଳେ ସେମାନଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ବାରମ୍ବାର ଦାବି ହୋଇଆସିଛି । ଉଚ୍ଛେଦ ହୋଇଥିବା ଗରିବ ବସ୍ତିବାସିନ୍ଦାଙ୍କୁ ଥଇଥାନ ଉଦ୍ଦେଶ୍ୟରେ ବାସପୋଯୋଗୀ ଜମି ପଟ୍ଟା ପ୍ରଦାନ ନେଇ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଜାଣିବାକୁ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ। ବିଶେଷ କରି ଅରଡବଜାର, ଗଳାପୋଲ ଓ ଗୋଧିବସା ଅଞ୍ଚଳର ରେଳ ବିଭାଗ ଜମିରୁ ଉଚ୍ଛେଦ ହୋଇଥିବା ଗରିବ ତଥା ଭୂମିହୀନ ଆଦିବାସୀ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ବାଲେଶ୍ୱର ସହର ନିକଟବର୍ତ୍ତୀ ସ୍ଥାନରେ ଥଇଥାନ ନିମନ୍ତେ ଜମି ଆବଣ୍ଟନ ପାଇଁ ବ୍ୟବସ୍ଥା କରିବାକୁ ବିଧାୟକ ଶ୍ରୀ ଦତ୍ତ ଦାବି ଉଠାଇଥିଲେ। ଏହି କ୍ରମରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଅଦ୍ୟାବଧି ଥଇଥାନ ହୋଇଥିବା ବ୍ୟକ୍ତିଙ୍କ ତାଲିକା ପ୍ରଦାନ ନିମନ୍ତେ ସେ ଆଗ୍ରହ ପ୍ରକାଶ କରିଥିଲେ। ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ବିଧାୟକ ଶ୍ରୀ ଦତ୍ତ ଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ଅଦ୍ୟାବଧି ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ଭୂମିହୀନ ପରିବାରଙ୍କୁ ଥଇଥାନ ପାଇଁ ପ୍ରକ୍ରିୟା ଜାରି ରହିଛି । ଅରଡବଜାର, ଗଳାପୋଲ ଓ ଗୋଧିବସା ଅଞ୍ଚଳର ରେଳ ବିଭାଗ ଜମିରୁ ଉଚ୍ଛେଦ ହୋଇଥିବା ରଶ୍ମୀ ସିଂ, ମୁଖୀ ହେମ୍ବ୍ରମ, ଗୋପୀନାଥ ସିଂ, ମହେଶ୍ୱର ସିଂ, ସୀତା ସିଂ (ସ୍ୱାମୀ ମନ ସିଂ) ଓ ବୁଧିନି ସିଂ ପ୍ରମୁଖ ଆଦିବାସୀ ପରିବାରକୁ ଯୋଗ୍ୟ ବିବେଚିତ ସହ ପଟ୍ଟା ପ୍ରଦାନ ପାଇଁ ଚୟନ କରାଯାଇଛି। ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଓ ଉଚ୍ଛେଦ ହେଉଥିବା ଲୋକଙ୍କୁ ଥଇଥାନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ସଦର ବ୍ଲକର ନଗ୍ରମ ରାଜସ୍ୱ ନିରୀକ୍ଷକ ଅଧୀନ କସବା ଗ୍ରାମରେ (ଖାତା ସଂଖ୍ୟା: ୬୫୫, ଖସଡା ୨୦୬୦/୨୨୧୩, କିସମ: ବସ୍ତିଯୋଗ୍ୟ) ଓ ବାଲେଶ୍ୱର ଟାଉନ ରାଜସ୍ୱ ନିରୀକ୍ଷକ ଅଧୀନ ହରିଡା ଗ୍ରାମରେ (ଖାତା ସଂଖ୍ୟା: ୧୫୧, ଖସଡା: ୪୧୯, କିସମ: ବସିଯୋଗ୍ୟ) ସରକାରୀ ଜମି ଚିହ୍ନଟ କରାଯାଇଥିବା ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି।

# ଅଟୋକୁ ଧକ୍କାଦେଲା ସ୍କର୍ପିଓ: ଅଟୋ ଚାଳକ ଆହତ



ନୀଳଗିରି, ୧୩/୩ (ନି.ପ୍ର): ଶେରଗଡ଼ ଝରଣଘାଟି ୧୯ନଂ ରାଜ୍ୟ ରାଜପଥର ପୋଡ଼ାଶୁଳ ଛକ ନିକଟରେ ଅଟୋ ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହୋଇଛନ୍ତି।ସୂଚନା ମୁତାବକ ନୀଳଗିରି ପଟୁ ସଜନାଗଡ ଆଡ଼କୁ ଏକ ମହିନ୍ଦ୍ରା ସ୍କର୍ପିଓ ଯାହାର ନମ୍ବର୍ ଓଡି ୨୨ଏସ ୩୩୧୧ ଗାଡ଼ିଟି ଏକ ଡ଼ାଲା ଅଟୋ ଯାହାର ନମ୍ବର ଓଡି ୦୧ଜେଡ ୮୭୧୫ କୁ ପଛ ପଟୁ ଦୃତ ଗତିରେ ଆସି ଧକ୍କା ଦେଇଥିଲା । ଫଳରେ ଅଟୋଟି ରାସ୍ତାରେ ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ଅଟୋ ଗାଡ଼ିର ଚାଳକଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା।ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ନୀଳଗିରି ମେଡିକାଲକୁ ନିଆଯାଇଥିଲା।ତେବେ ବେପାରୁଆ ଗାଡ଼ିଚାଳନା ଯୋଗୁଁ ଏହି ଦୁର୍ଘଟଣା ହୋଇଥିବା ପ୍ରତ୍ୟକ୍ଷ ଦର୍ଶୀ କହିଛନ୍ତି।

# ପାରାଦୀପ ବନ୍ଦର ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ




ପାରାଦୀପ, ୧୩/୩ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ ହୋଇଯାଇଛି । ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ, ସମ୍ମାନୀତ ଅତିଥି ଭାବେ ଡକ୍ ସେଫଟି ସହକାରୀ ନିର୍ଦ୍ଦେଶକ ସୋମଶେଖର ବଜ୍ରମଥ, ଟ୍ରାପିକ ମ୍ୟାନେଜର ଜି.ଏଡିସନ୍, ମୁଖ୍ୟଯନ୍ତ୍ରୀ ଏଚ.ଏସ.ରାଉତ, ମୁଖ୍ୟ ଚିକିତ୍ସାଧିକାରୀ ଡା. ବି.ବି.ଦାସ ଯୋଗ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସମାରୋହରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସିଏମଇ ସୁଶିଲ ଚନ୍ଦ୍ର ନାୟକ । ଡେପୁଟି ସିଇଏମଇ ମନିପୁଷ୍ପକ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।




# ଝଲସିଲାଣି ଐତିହାସିକ ପତିରାଜପୁର ମେଳା

ଖଇରା, ୧୩/୩ (ନି.ପ୍ର): ଶୁକ୍ରବାର ରାତିରୁ ଆରମ୍ଭ ହେବ ବାଲେଶ୍ୱର ଜିଲା ଖଇରା ବ୍ଲକର ଐତିହାସିକ ପତିରାଜପୁର ମେଳଣ । ପାଖାପାଖି ୭୫ବିମାନ ପାରମ୍ପରିକ ନାଚଗୀତ ସାଙ୍ଗକୁ ବାଦ୍ୟଯନ୍ତ୍ର ର ତାଳେ ତାଳେ ଆସି ମଣ୍ଡପରେ ବିଜେ କରିବେ । ଏଥିଲାଗି ଓଡିଶାର କୋଣ ଅନୁକୋଣରୁ ୭ଶହରୁ ଅଧିକ ଦୋକନ ପସରା ମେଲି ସାରିଲେଣି । ୧୭୮୦ ମସିହାରୁ ପାଳିତ ହୋଇ ଆସୁଥିବା ଏହି ଦୋଳମେଳନ କେବଳ ବାଲେଶ୍ୱର ନୁହେଁ ପଡୋଶି ଜିଲା ମାନଙ୍କରେ ମଧ୍ୟ ସ୍ୱତନ୍ତ୍ର ପରିଚିତି ଲାଭ କରିଛି । ବିଭିନ୍ନ ପଥ ବା ରାସ୍ତାର ମିଳନ ଘଟୁଥିବା ଏହି ସ୍ଥାନକୁ ପଥରାଜପୁର କୁହାଯାଉଥିଲା । କାଳକ୍ରମେ ଏହି ପଥରାଜପୁର ଅପଭ୍ରଂଶ ହୋଇ ପତିରାଜପୁର ଭାବେ ନାମିତ ହୋଇଥିବା କୁହାଯାଏ । ପ୍ରାୟ ୧୫ଦିନ ଧରି ବସିବାକୁ ଅନୁମତି ମିଳିଥିବା ଏହି ମେଳନ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଜଗନ୍ନାଥ ଚେତନା ଶିବିର ତଥା ଯଜ୍ଞାଦି କର୍ମ ଅନୁଷ୍ଠିତ ହେବ । ଚଣା ଉଖୁଡାଠାରୁ ଆରମ୍ଭ କରି ଲୁହା,ଷ୍ଟିଲ ଓ ପଥରରେ ତିଆରି ସାମଗ୍ରୀ ସୁଲଭ ମୁଲ୍ୟରେ ମିଳୁଥିବାରୁ ଆସୁଥିବା ଦେଖଣାହାରୀ ବର୍ଷକ ଲାଗି ଆବଶ୍ୟକ ସାମଗ୍ରୀ କିଣିବେ । ତହସିଲଦାର ଅମିତ ରଞ୍ଜନ ହୋତା ଓ ଆଇଆଇସି ସୁଚନ୍ଦ୍ର ମହାଲିକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଶେଷ ପ୍ରସ୍ତୁତି ବୈଠକରେ ଯାତ୍ରା ଡିଜେ ଶାନ୍ତିଶୃଙ୍ଖଳା ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ବାକିସବୁ ଠିକଠାକ ଥିଲେ ହେଁ ପଳସା-ଡୁଙ୍ଗୁରା ରାସ୍ତା ଓ ପତିରାଜପୁର-ମୁହଁଚୁଆଁ ରାସ୍ତାର ବିପଦ ସଂକୁଳ ଭଙ୍ଗା ପୋଲ ଠାକୁର ସେବକ ଯାତ୍ରୀଙ୍କୁ ଚିନ୍ତାରେ ପକାଇଛି । ସେହିଭଳି ଟ୍ୟାଙ୍କର ମାଧ୍ୟମରେ ପ୍ରଶାସନ ତରଫରୁ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇ ଦିଆଯିବାକୁ କମିଟି ପକ୍ଷରୁ ଦାବୀ କରାଯାଇଛି । ପୁର୍ଣ୍ଣମୀ ରାତିରେ ଦୋଳ ବିମାନ ଗୁଡିକ ଚାରକୁ ପ୍ରବେଶ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ନିଶାକାରବାରକୁ ପ୍ରଶ୍ରୟ ନଦେବାକୁ ମେଳା କମିଟି ତଥା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida